ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଚୀନ୍ ଦେଶର କାହାଣୀ

୨

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଚୀନଦେଶର କାହାଣୀ

[ଦ୍ୱିତୀୟ ଭାଗ]

ସଂକଳକ :

ଡକ୍ଟର୍ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହ

ଗ୍ରନ୍ଥମନ୍ଦିର

Digitized by srujan ka@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ଲିପିକାର, ଝାଞ୍ଜିରୀମଙ୍ଗଳା, କଟକ-୯

ପରିମାର୍ଜିତ ନୂତନ ସଂସ୍କରଣ : ଫେବୃୟାରୀ, ୧୯୯୭

ମୂଲ୍ୟ : ଟ ୧୭-୦୦

Digitized by srujan ka@gmail.com

ସୂଚୀପତ୍ର

୧ ।	ଗୋଟିଏ ବସନ୍ତର ସ୍ୱପ୍ନ	୧
୨ ।	ଲିଲଘୋଡ଼ା	୬
୩ ।	ଗୃକବ୍ଣୀ	୨୪
୪ ।	ଥିଲେ ଦ୍'ଟି ପିଲ	୩୦
୫ ।	ଦୁଇଭାଇ	୩୫
୬ ।	ଭୂତ ସହିତ ପିଠାପିଠି	୪୧
୭ ।	ଯମପୁରରୁ ବାହୁଡ଼ା	୪୫
୮ ।	ମେଂଗଚାଂଆାଂ	୫୧
୯ ।	ଅର୍ଥ ଆଣେ ଅନର୍ଥ	୫୬

Digitized by srujan ka@gmail.com

ଗୋଟିଏ ବସନ୍ତର ସ୍ୱପ୍ନ

ବସନ୍ତର ସକାଳଟିଏ । କିଏ ଜଣେ ରଙ୍ଗତୂଳି ନେଇ ଆକାଶ, ମେଘ, ବଣ, ପାହାଡ଼, ଗଛ, ଲତା ସବୁଠି ରଙ୍ଗେଇଦେଇଛି । ସେ ରଙ୍ଗ ପୁଣି ପାତଳ ପାତଳା କଅଁଳିଆ ଗୁଲୁଗୁଲିଆ ନୂଆ ସୂର୍ଯ୍ୟର କିରଣରେ ଆହୁରି ରୂପ ବଦଳେଇ ନେଉଛି । ପାଖ ବଗିଚାରେ ଅନେକ ଫୁଲ । ମନ୍ଦପବନ ଫୁଲ-ମାନଙ୍କ ସହ କନ୍ଦଳ ଲଗେଇଛି । ସେମାନଙ୍କ ଘର ଭିତରେ ପଶି ସେ ଫୁଲମାନଙ୍କ ସମ୍ପତ୍ତି ଚୋରି କରୁଛି । ଆଉ ସେଇ ଚୋରି ସୁବାସକୁ ସେ ସବୁଆଡ଼େ ବାଣ୍ଟିଦେଉଛି—"ନିଅ···ନିଅ ! ଫୁଲ ମଧୁ ପିଅ ।"

ସେଇପରି ଛନଛନିଆ ରଙ୍ଗିନ ସକାଳରେ ଲି ନ୍ୟୁାଂ ତା' ପଢ଼ା ଘରେ ଗୁଣୁ ଗୁଣୁ ଗୀତଗାଉଥିଲା । ବହି କାଢ଼ୁଥିଲା । ଗୋଟାଏ ବହି ଉପରେ ଆଉ ଗୋଟାଏ ବହି ରଖିଦେଉଥିଲା । ତାକୁ ଅଳସ ଲାଗୁଛି । ତାକୁ ଆନମନା ଲାଗୁଛି । ସିଏ କ'ଣ ଗୋଟେ ଭାବୁଛି···ଆଉ ଗୋଟେ ଅଲଗା କଥା କରୁଛି । ବାହାରର ରଙ୍ଗ, ଝରକା ରେଲିଂ ଭିତରଦେଇ ଯୋଉ ଅଳିକ ସୁନା ସୁନା ସୂର୍ଯ୍ୟକିରଣ···ଏମାନେ ତାକୁ ଆଖି ଠାରି ଡାକୁଛନ୍ତି ··· ଆଲୋ, ବାହାରିଆ···ବାହାରିଆ ସେ ଇଟା ପଥର ଭିତରୁ । ଏଇଠି ଅନେକ ସାଙ୍ଗସାଥୀ ମିଳିବେ । ଇଏ କ'ଣ ପାଠର ବେଳ ! ଇଏଟା ବାହାରେ ବୁଲିବା, ଖେଳିବା, ମଉଜ କରିବା ଆଉ ଫୁଲତୋଳିବାର ବେଳ !

ଲି ନ୍ୟୁାଂ ଭାବୁଥିଲା, ଏଇଲାଗେ ଗୁରୁଜୀ ଆସିଯିବେ । ଏ ଯାଏ ସେ ପ୍ରସ୍ତୁତ ହୋଇନି ବୋଲି ରାଗିବେ । ସେ ଥରକୁ ଥର ଦୁଆର ଆଡ଼କୁ ଚାହୁଁ-ଥାଏ—ପୁଣି ଝରକା ସେ ପାଖରେ ଥିବା ବଗିଚା···ବଗିଚା ସେ ପାଖରେ ସହରବସ୍ତି···ଆଉ ଦୂରରେ ପାହାଡ଼···ପାହାଡ଼ ଉପରକୁ ଆକାଶ ! ସେ ଆଡ଼କୁ ତା' ଆଖି ଟାଣିହେଉଛି । ସେ ନିଜକୁ ଚେତେଇ ବହି ସଜାଉଛି ।

ଲି ନ୍ୟୁାଂ ପାଖରେ ତା' ସାଙ୍ଗ ଆସି ଠିଆହେଲା । ସେ ବେଶ୍ ଆଗରୁ ସଜହେଇଆସିଲାଣି—ପଢ଼ିବ । ମାତ୍ର ସେ ସାଙ୍ଗଟି ଯେପରି ଚଗଲା··· ସେଇପରି ବେହେଲା । ଦେଖିବାକୁ ମୋଟାସୋଟା । ବୁଦ୍ଧି ତା'ର ବେଶ୍ ପତଳା । ପଢ଼ାର ସାଜ ସିନା ନେଇଆସିଛି ସିଏ, ମନଟା କିନ୍ତୁ ଖଜବଜ ହେଉଛି । ଲି ନ୍ୟୁାଂ ମନାକରି ଦିଅନ୍ତାକି—ପଢ଼ାଟା ଆଜି ହୁଅନ୍ତାନି ।

ଦହେଁଯାକ ଦହିଁଙ୍କୁ ଦେଖୁଥାନ୍ତି । ଆଉ ବିନା କାରଣରେ ଖିଲିଖିଲି

Digitized by srujan ka@gmail.com

ହସୁଥାନ୍ତି । ସେମାନଙ୍କ ମନଉଚ୍ଛୁଳା ହସ ଝରକା ଓ କବାଟ ସେପାରକୁ ଡେଇଁ ଡେଇଁ ଯାଉଚି । ଆଜ ଠିକ୍ ସେଇ ହସ ମଝିରେ ଗୁରୁଜୀ ଆସିଲେ । ବୁଢ଼ା ଲୋକ । ଲମ୍ବା ଚଉଡ଼ା ପୁରୁଣାକାଳିଆ ପୋଷାକ । ମୁଣ୍ଡରେ ଚଇତନ ଚୁଟି । ମୁହଁରେ ମେଞ୍ଚାଏ ଦାଢ଼ି । ଦାଢ଼ିଗୁଡ଼ାକ ଉପରେ ଗୁରୁଜୀଙ୍କର କିଛି ନଜର ନାହିଁ · ଯତନ ନାହିଁ । ଦୂର ଜଙ୍ଗଲର ଗଛବୁଦା ପରି ସେଗୁଡ଼ିକ ଆବୁରୁଜାବୁରୁ ବଢ଼ିଚି ।

ଝିଅ ଦୁ'ଟା ଏମିତି ହସରେ ମସଗୁଲ୍ ଥିବାରୁ ବୁଢ଼ାଙ୍କ ମୁହଁ ଲାଲ ହୋଇ ଉଠିଲା । ସେ ରାଗ ଜରଜର ହୋଇଗଲେ । ଗୁରୁଙ୍କ ରାଗିଲା ମୁହଁକୁ ଦେଖି ଝିଅ ଦୁ'ଟା ଡରିଗଲେ । ଲାଜକୁଳିପରି ଝାଉଁଳିଗଲେ । ଗୁରୁ ସେମାନଙ୍କୁ କହିଲେ, "ହସ ବନ୍ଦହେଲା ତ ! ଏଥର ପଢ଼ାପଢ଼ି ଆରମ୍ଭ ହେଉ ।" ବୁଢ଼ା ପଢ଼ାବହିର ଗୋଟେ ଅନୁଚ୍ଛେଦ ପଢ଼ିଲେ । ଝିଅ ଦୁ'ଟାକୁ ତାଙ୍କ ସହିତ ପଢ଼ିବାକୁ କହିଲେ । ବାଧ୍ୟ ହୋଇ ସେ ଦୁହେଁ କିଛି କିଛି ପଢ଼ିଲେ ।

ସେମାନଙ୍କ ମନରେ ବସନ୍ତର କାଉଁରିକାଠି ନାଚ ଦେଖାଉଚି । ବାହାରେ ଫୁଲଗୁଡ଼ାକ ମୁଣ୍ଡ ନାଉଁଚନ୍ତି । ସେମାନେ ଏମାନଙ୍କୁ ଦେଖି ହସେଇ ଡାକୁଛନ୍ତି । କେତେଗୁଡ଼ାଏ ପକ୍ଷୀ ଗଛ ଉଡ଼ାଳରେ ଫଡ଼୍ ଫଡ଼୍ କରୁଛନ୍ତି । କଳକଳ ଗୀତ ଗାଉଛନ୍ତି । ସେମାନେ ଖୁସିର ପସରା ଖୋଲି-ଦେଲେଣି । ଇଏ ଯେକୌଣସି ପିଲାଙ୍କପାଇଁ ଗୋଟେ ଅସମ୍ଭାଳ ଅବସ୍ଥା । ଗୁରୁ ଜୋର କରୁଛନ୍ତି "ପଢ଼... ପଢ଼ !!"

ଲି ନୟାଂର ମୁଣ୍ଡରେ ଗୋଟାଏ ଦୁଷ୍ଟ ଝିଅ ନାଚିଲା । ସିଏ ଗୁରୁ ଯା' କହିଲେ କ ବ ଚ କରି ପଢ଼ିଲା । ସେଥିରୁ ଅନେକ କଥାକୁ ଭୁଲକଲା । ଆହୁରି ଅନେକ ନୂଆ କଥା ଯୋଡ଼ିଲା । ଗୁରୁ ଥରକୁ ଦୁ'ଥର ଦୁ'ଥରକୁ ତିନଥର ତାକୁ ଡିଆଁଇଲେ । ଝିଅଟା ଅଧିକରୁ ଅଧିକ ଭୁଲ କରି ବସିଲା । ଗୁରୁଙ୍କ ରାଗ ଆହୁରି ଆହୁରି ବଢ଼ିଲା । ତାଙ୍କ ଦାଢ଼ିମେଞ୍ଚାକ ଜୋର୍‌ରେ ଦୋହଲିବାକୁ ଲଗିଲା । ଯତେ ଯେପରି ପବନ ବହୁଚି, ବାଯୁଁବସା ଦୋହଲୁଚି । ଶେଷକୁ ସେ ବହି ଫୋପାଡ଼ିଦେଲେ । ପାଟିକଲେ, "କ'ଣ ଚମର ହେଇଚି ? ଇମିତି ଭୁଲ କଲେ ପାଠ ହୁଏ ନା ପାଠର ବୋପା ହେବ ! ହଉ, ଆଜ ଏତିକି ଥାଉ !!" କହି କହି ଗୁରୁଜୀ ବାହାରିଗଲେ ।

ସେ ଦୁ'ପାଇଁ ଗୁରୁଜୀ ଗ୍ଲଲଗଲା ପରେ ହସିହସି ଗଡ଼ିଗଲେ । ଓହୋରେ,

Digitized by srujan ka@gmail.com

ଗୁରୁଙ୍କ ନାକ ଅଗରେ ରାଗ । ଯହୁଁ ଯହୁଁ ବୁଢ଼ା···ତହୁଁ ତହୁଁ ଚଢ଼ା ! ଥାଉ ମ ପାଠପଢ଼ା ! ଇମିତିଦୃଢ଼େ କୁଦାକୁନ୍ଦ ହେଲେ । କୁଣ୍ଢିଆକୁଣ୍ଢେଇ ହୋଇ ହସିଲେ । ଯା' ହେଉ, ପଢ଼ାରୁ ବରତିଗଲେ ତ ! ସେମାନେ ତା'ପରେ ଘରକୁ ଗଲେ । ବେଶ୍ ଭଲଭାବେ ବେଶପୋଷାକ ହେଲେ । ମୁଣ୍ଡ କୁଣ୍ଡାଇଲେ । ରଙ୍ଗିନ୍ ଶିଲ୍କ ପୋଷାକରେ ଦେହ ସଜାଇଲେ । ଗଲେ ସେଇ ବଗିଚାକୁ ।

ସେମାନଙ୍କ ରଙ୍ଗିନ୍ ପୋଷାକରେ ଅନେକ ଚମତ୍କାର ଛୁଞ୍ଚିକାମ । ସେଇ ସୁନ୍ଦର ଛୁଞ୍ଚିକାମର ଅଂଶ ଗୁଡ଼ା ପବନରେ ଫୁରୁଫୁରୁ ହେଉଥାଏ । କେଶରେ ନାନାରଙ୍ଗୀନ୍ ଫୁଲର ସାଜ । ସତରେ, ସେମାନେ ପ୍ରଜାପତି ପରି ସୁନ୍ଦର ଦିଶୁଥାନ୍ତି । ପ୍ରଜାପତି ପରି ଏ ଫୁଲଗଛ ପାଖରୁ ସେ ଫୁଲଗଛ ପାଖକୁ ଯାଉଥାନ୍ତି ! ଫୁଲର ପାଖୁଡ଼ାଗୁଡ଼ିକୁ ପରଖୁଥା'ନ୍ତି । ତା'ର ପରାଗ ହାତରେ ଆଣି ବେକରେ ମୁହଁରେ ବୋଳୁଥା'ନ୍ତି । ଆଉ କୋଉ କୋଉ ଫୁଲକୁ ଗେଲ କରୁଥା'ନ୍ତି ।

ଖରା ଧୀରେ ଧୀରେ ବଢ଼ିଆସୁଥିଲା । ତରଳ ତରଳ ଖରା ! ଝିଅ ଦି'ଟି ବେଳେବେଳେ ଗଛର ଛାଇରେ ବସନ୍ତି । ସେଇଠି ଥକାମାରନ୍ତି । ପୁଣି ବୁଲିବାକୁ ଯାଆନ୍ତି । ବଗିଚାରେ ଗୋଟେ ସୁନ୍ଦର ଉଇଲୋ ଗଛ ଥାଏ । ବୁଲି, ହାଲିଆ ହୋଇ, ସେ ଦିହେଁ ସେଇ ଗଛମୂଳରେ ବସିଲେ । ତଳେ କଅଁଳ ସାଗୁଆ ଘାସ ନରମ ଗଦି ପରି ହୋଇଚି । ଲି ନିୟାଂ ବହେ ଗଡ଼ିଗଲା । ତା' ସାଙ୍ଗ ତା'ର ମୁଣ୍ଡକୁ କୋଳ ଉପରେ ରଖି ଗପ କହିଲା । ଲି ନିୟାଂ ହଁମାରୁଥାଏ—ସାଙ୍ଗ ଗପ କହୁ କହୁ ଥାପୁଡ଼ାଇଦେଉଥାଏ ।

ଲି ନିୟାଂର ଆଖିରେ ଟିକେ ଟିକେ ନିଦ ଆସୁଚି । ସିଏ ଗପ ମଝିରେ ହୁଁ ମାରିବାରେ ବିଳମ୍ବ କରୁଚି । ପରେ ଏମିତି ବେଳ ଆସି ପହଞ୍ଚିଲା, ଯେତେବେଳେ ସାଙ୍ଗଟି ଆଉ ହୁଁ ଶୁଣିଲାନି । ସେ ଲି ନିୟାଂର ମୁଣ୍ଡଟି ଥିର କରି ଗଡ଼େଇଦେଲା । ଥରେ ଯାଥୀ ଆଡ଼କୁ ଚାହିଁ ଦଉଡ଼ିଗଲା ବଗିଚା ଭିତରକୁ···ଯୋଉଠି ଅନେକ ଗୁଡ଼ାଏ ଶ୍ରେଷ୍ଠ ଶ୍ରେଷ୍ଠ ପକ୍ଷୀ ସେମାନଙ୍କର ଗୋଟାଏ ବଡ଼ସଭା ବସାଇ କିଚିରି ମିଚିରି କରୁଥିଲେ । ସେଇଠୁ ସେ ସିଧା ଗଲା ଘରକୁ । ସେ ଭୁଲିଗଲା ବଗିଚାର ସେଇ ଉଇଲୋ ଗଛର ଛାଇତଳେ ଏକାକୀ ଶୋଇଚି ସେ ଅଞ୍ଚଳର ରାଜ୍ୟପାଳଙ୍କ ଅଲିଅଳୀ ଝିଅ···ସୁନ୍ଦରୀ,

Digitized by srujan ka@gmail.com

ମନୋହାରୀ ଲି ନ୍ୟୁାଂ···ତା'ର ସାଙ୍ଗ !!

ଲି ନ୍ୟୁାଂ ଶୋଇଛି । ଚେତା ଚଇତନ ନାହିଁ । ଶୋଇ ଶୋଇ ସିଏ ସପନ ଦେଖୁଛି । ଅଦ୍ଭୁତ ସେ ସପନ । ସେ ବୁଲୁଛି ଏକ ଫୁଲ ରାଇଜରେ । ସେଇ ଅପୂର୍ବ ଫୁଲଦେଶରେ ଲିଲି, ନେଳି, ହଳଦିଆ, ପାଟଳିଆ···କେତେ କେତେ ରଙ୍ଗର ସାନ ବଡ଼ ଫୁଲ । ତା'ରି ଭିତରେ ଫୁଲସାଜ ହୋଇ ସେ ସାଜିଛି ଫୁଲ ରଜାର ଝିଅ । ତା'ପରି ଅନେକ ଶ୍ରେଷ୍ଠ ବଡ଼ ପୁଅ ଝିଅ ସେ ମୁଲକରେ ବୁଲୁଛନ୍ତି । ସବୁରି ମୁହଁରେ ଆନନ୍ଦ, ହସ !

ସେଇଠି ବୁଲୁବୁଲୁ ସେ ଗୋଟେ ଝରଣା ପାଖରେ ପହଞ୍ଚେ । ସେ ଏ ପାଖରେ—ଆରପାଖରେ ପୁଅଟିଏ । ରଜାପୁଅ ପରି ସୁନ୍ଦର । ତା'ପରେ ସେ ପୁଅଟି ଏ ପାଖକୁ ଆସିଛି । ସେ ଲି ନ୍ୟୁାଂକୁ ଉପହାର ଦେଉଛି ତୋଡ଼ାଏ ଫୁଲ । ପଚାରିଲା, "ମୋ ସଙ୍ଗତ ଖେଳିବ ?"

ଲି ନ୍ୟୁାଂ ପୁଅଟିକୁ ଦେଖି ଦେଖି ଖୁସିରେ ଭାସିଗଲା । ସିଏ ଭାବିଲା, ଏଇପରି ସାଥୀଜଣେ ତାକୁ ଜୀବନସାରା ମିଳନ୍ତା କି ! ପୁଅଟିର ଉତ୍ତରରେ ସେ ମୁଣ୍ଡ ହଲାଇ ହଁ କଲା । ମାତ୍ର ତା'ପରେ କ'ଣ ହେଲା କେଜାଣି, ହଠାତ୍ ତା' ନିଦ ଭାଜିଗଲା । ସେ ନିଦରୁ ଉଠିଲା ।···ତା' ସାଙ୍ଗ ସେଇ ପୁଅଟି କାହିଁ ? ଆହା, ସେ ଫୁଲ ରାଇଜ କାହିଁ ? ସିଏ ଯେ ଶୋଇରହିଛି ତାଙ୍କର ବଗିଚାର ଗୋଟିଏ ଉଇଲୋ ଗଛ ମୂଳେ !

ସେ ମନେମନେ ତା' ସପନ ସାଙ୍ଗଟିକ ଖୋଜିଲା । କାଳେ ଏଇଠି କୋଉଠି ବା ଥିବ ! ଲୁଚିଛି କି କୋଉ ଗଛ ଉଢ଼ାଳରେ ! ତା' ମନର ଆରଶିରେ ସପନର ଫୁଲ ଦେଶଟି ବାରବାର ଝଲସିଯାଉଛି ! ନା···ନା, ସିଏ ସପନ ! ସପନ କ'ଣ ସତ ହୁଏ !!

ଲି ନ୍ୟୁାଂର ପଢ଼ାସାଙ୍ଗଟି ବି ନାହିଁ । ଅଳସୁଆ ଅଳସୁଆ ଲାଗୁଛି । ଏକେଲା ଏକେଲା ଲାଗୁଛି । ସେ ମନମାରି ଘରକୁ ଫେରିଲା । ସେଇ ସମୟରୁ ତା'ର ଖାଇବା ପିଇବାରେ କିଛି ଠିକ୍‌ଠିକଣା ରହିଲାନି । ସେ ଭଲଭାବେ ଶୋଇପାରିଲାନି । ନିଦ ତା'ର ଥରକୁଥର ଭାଙ୍ଗିଯାଏ । ସେ ଉଠିବସେ । ଶୋଇବାର ଚେଷ୍ଟାକରେ । ଛଟପଟ ହୁଏ । କିନ୍ତୁ ତା' ଆଖିରେ ନିଦ ଆସେନି । କେବଳ ସେଇ ପୁଅଟିର ସୁନ୍ଦର ଛବିଟି ଆଖିରେ ନାଚୁଥାଏ । ଫଳରେ ଲି ନ୍ୟୁାଂ ଦୁର୍ବଳ ହେଲା । ତା' ସୁନାଦେହ ଚୂନା ହେଲା । ଶେଷରେ

Digitized by srujan ka@gmail.com

ବନେ ସେ ହାପୁ ହାପୁ କରି ଏ ସଂସାର ଛାଡ଼ିଲା । ଗଲାବେଳେ ସେ ଖାଲି ତା ର ସାଙ୍ଗକଥା ଭାବୁଥିଲା । ବାବା ମା' ଆଉ ସମସ୍ତଙ୍କୁ ସେ କହିଯାଇ-ଥିଲା ଉଇଲୋ ଗଛ ତଳେ ତାକୁ ସମାଧି ଦେବାକୁ ।

ସତକୁ ସତ ତା'ର କଥା ହେଲା । ଲି ନୟୁାଂ ବାବା, ମା, ସାଙ୍ଗସାଥୀ ସମସ୍ତଙ୍କୁ ଲୁହରେ ଭସାଇ ଏ ଦୁନିଆଁରୁ ଚାଲିଗଲା । ତା' ଜୀବନର ଶେଷ ଇଚ୍ଛାକୁ ପୂର୍ଣ୍ଣ କରିବାକୁ ତା' ବାବା ସେଇ ଉଇଲୋଗଛ ତଳେ ତାକୁ ସମାଧି ଦେଇଥିଲେ ।

ସେଇ ସହରଠୁଁ ଅନେକଦୂର । ସିଏ ବି ଗୋଟେ ବଡ଼ ସହର । ସେ ସହରରେ ସମ୍ରାଟଙ୍କର ଜଣେ ମନ୍ତ୍ରୀ ଥା'ନ୍ତି । ତାଙ୍କ ପୁଅଟି ଖୁବ୍ ପାଠୁଆ । ଅନେକ ପୋଥି ପୁରାଣ ସେ ପଢ଼ିଥିଲା । ଦେଶ ବିଦେଶ ବୁଲିବାରେ ତା'ର ଖୁବ୍ ସଉକ୍ । ସେଇ ସଉକ୍‌ରେ ସେ ବୁଲିବାହାରେ—ଆଉ ଆସେ ଏଇ ସହରକୁ ।

ସହରର ବସ୍ତି ବଜାର ଦେଖି ଦେଖି ସେ ସେଇ ବଗିଚାକୁ ଆସେ । ଠିଆହୁଏ ସେଇ ଉଇଲୋ ଗଛତଳେ । ସେଇଠି ଅଛି ଲି ନୟୁାଂର ସମାଧି । ସମାଧି ପାଖରେ ଥୁଆହେଇଚି ତା'ର ଠିକ ଛବିଟିଏ । ସେ ପୁଅଟିର ନାଁ ଲିଉ । ପୁଣି ଲିଉର ଅର୍ଥ ଉଇଲୋଗଛ ।

ଲିଉ ସେ ଛବିଟି ଦେଖି ଚମକିଉଠିଲା । ଏଇ ମୁହଁ, ଏଇ ଆଖି ! ତା'ର ଖୁବ୍ ପରିଚିତ ମନେହେଉଚି । କୋଉଠି ସେ ଦେଖିଥିଲା ? ହଁ, ହଁ ! ମନେପଡ଼ିଲା—ସିଏ ଏ ଝିଅଟିକି କୋଉ ସହର, ବଜାର, ଯାତ୍ରା ମଉଛବରେ ଦେଖିନି—ସେ ତାକୁ ଦେଖିଥିଲା ସପନରେ ! ତା' ଆଖିରେ ଅତୀତର ସେଇ ସପନଟି ଗୋଟି ଗୋଟି ହେଇ ଦିଶିଗଲା । ତା'ର ମନେପଡ଼ିଲା, ଟିକେ ବସନ୍ତ ତଳେ ସେ ଏ ସୁନ୍ଦର ମୁହଁଟିକି ସପନରେ ସାଥୀ ହେବାକୁ ଅନୁରୋଧ ଜଣାଇଥିଲା । ତା' ମନରେ ଗୋଟାଏ ଅଜଣା ବେଦନାର ଗୁଞ୍ଜରଣ ଖେଳିଗଲା । ସେ ପ୍ରାୟ କାନ୍ଦିପକାଇଲା । ଆଉ ସେଇ ଛବିଟି ନେଇ ସେ ଚାଲିଗଲା । ସେ ଜାଣିଥିଲା, ସେ ଛବିଟି ସେଇଠୁ ନେଇଯିବା ଏକପ୍ରକାର ଚୋରି । ମାତ୍ର ଗୋଟେ ଆକର୍ଷଣ, ଗୋଟାଏ ଦୁଃଖ ତାକୁ ଏ କାମ କରିବାରେ ମନାଇଦେଲା ।

ଲିଉ ସେଠାର ସମସ୍ତଙ୍କୁ ପଚରାପଚରି କଲା । ଝିଅଟି କିପରି ଚାଲିଗଲା,

Digitized by srujan ka@gmail.com

ଜାଣିଲା । ଆଉ ରାତିରେ ସେ ଛଅବାଟିକ ମୁଣ୍ଡ ତଳେ ରଖି ଶୋଇଗଲା । ସେଇ ରାତିରେ ସେ ସପନ ଦେଖିଲା । ସେଇ ସୁନାଗୋଷ୍ଠ ଝିଅଟି ତାକୁ କହୁଛି, "ହେ ଅପରିଚିତ ବନ୍ଧୁ, ତମେ ମୋତେ ସ୍ନେହ ଦେଇଚ । ତମେ ମୋତେ ଜୀବନସାରା ସାଥୀ କରିବାକୁ କହିଥିଲ । ତମର କଥା ଅନୁସାରେ ମୁଁ ତମକୁ କଥା ଦେଇଚି । ତମକୁ ଅପେକ୍ଷା କରି ସେଇ ଉଇଲୋ ଗଛ ତଳେ ଶୋଇରହିଚି । ତମେ ଆସିବନି ! ତମେ ମୋତେ ସାଥୀ କରିବନି !!" ଝିଅଟିର ସୁନ୍ଦର ମୁହଁରେ ଦୁଃଖର ଛାଇ ଲାଗିରହିଚି ।

ଲିଉ ପାଟିକରି ଉଠିଲା—ସିଏ ତାକୁ ସାଥୀ କରିନେବ । ତା ପରଦିନ ସକାଳୁ ସକାଳୁ ସିଏ ମନ୍ଦିରକୁ ଗଲା । ପୁରୋହିତଙ୍କ ସହ କଥାବାର୍ତ୍ତା କଲା । ତା'ପରେ ରାଜ୍ୟପାଳଙ୍କ ପାଖକୁ ଯାଇ ସପନ କଥା କହିଲା ।

ସେ ସମାଧି ତାଡ଼ିଲା । ତାଡ଼ିଲା ବେଳେ ଖୁବ୍ ସାବଧାନ ହୋଇ କାମ-କଲା । ଆଉ ସେମାନେ ପାଇଲେ ଲି ନିୟାଂର ଦେହ । ସେଇଟି ବେଶ୍ ସତେଜ ଥାଏ—ଯେତେସେପରି ଏଇ ଝିଅଟି ଶୋଇଯାଇଚି । ମନ୍ତ୍ରୀପୁଅ ଆଦରରେ ଲି ନିୟାଂର ଆଖିରେ ତା' ହାତ ବୁଲାଇଦେଲା । ଲି ନିୟାଂର କାଆଁଳ ଓଠ ଦୁଇଟି ଥରିଉଠିଲା । ସେ ଧୀରେ ଧୀରେ ଆଖି ଖୋଲିଲା । କହିଲା, "ଓ ! କେତେବେଳ ମୁଁ ଶୋଇପଡ଼ିଥିଲି ! ! ଆଉ ତମେ···?" ଲି ନିୟାଂ ଲାଜେଇ ଆଖି ତଳକୁ କଲା ।

ଲିଉ ରାଜ୍ୟପାଳଙ୍କୁ ତା ମନକଥା ଜଣାଇଲା । ସେ ଦେଶର ବିଶିଷ୍ଟ ଲୋକ ଜଣେ ହେଲେ ବି ସେ ଏ କଥାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଶେଷକୁ ଝିଅଟିକୁ ସେ ଟେକିଦେଲେ ଲିଉର ହାତରେ ।

ଲାଲ୍‌ଘୋଡ଼ା

ସେ ଥିଲା ଝିଅଟିଏ । ତା ନାଁ ପାଓ ଚୂଆନ୍ । ଖଣ୍ଡମଣ୍ଡଳରେ ତା' ପରି ଝିଅଟିଏ ନଥିବ । ସେ ପ୍ରଧାନମନ୍ତ୍ରୀଙ୍କ ସାନଝିଅ । ରୂପରେ ଯେମିତି ସୁନ୍ଦର, ଗୁଣରେ ସିମିତି ମଧୁର । ଏପରି ସୁନ୍ଦର ଝିଅ ଆଉ କେହି ନଥିଲେ । ସେ ଖୁବ୍ ପାଠୋଇ ଥିଲା । ଏପରି ରୂପର ଗୁଣର ଆଉ ବଡ଼ଘରର ଝିଅଟିକୁ ପାଇବାକୁ କିଏ ନଚାହେଁ ? ବହୁତ ବଡ଼ଘରୁ ପ୍ରସ୍ତାବ ଆସିଲା । ଝିଅଟିକୁ

Digitized by srujan ka@gmail.com

ବୋଧ୍ କରିବାକୁ ବିଭିନ୍ନ ପରିବାର ଭିତରେ ସାଙ୍ଗମତ ଦୌଡ଼ ଆରମ୍ଭ ହୋଇଗଲା । ପ୍ରଧାନମନ୍ତ୍ରୀଙ୍କ ଘରସହ ବନ୍ଧୁ ବାନ୍ଧିବା ଗୋଟାଏ ବଡ଼ ଗୌରବର କଥା । ଦେଶରେ ସେ ଜୁଆଇଁର ବହୁତ ସୁନାମ, ବହୁତ ଓଜନ, ବହୁତ ସମ୍ମାନ ।

ଏଣେ ପ୍ରଧାନମନ୍ତ୍ରୀ ବଡ଼ ଅଡୁଆରେ ପଡ଼ିଥା'ନ୍ତି । କାହାକୁ ବାଛିବେ, କାହାକୁ ମନାକରିବେ ? ଇଏତ ତାଙ୍କ ପାଇଁ ଗୋଟାଏ ବଡ଼ ବାଘଚ୍ଛେଳି ଖେଳ ହୋଇଗଲା ! ଏ ପ୍ରଶ୍ନର ଉତ୍ତର ହାତପାଆନ୍ତାରେ ନଥିଲା । ଝିଅ ତ ଗୋଟାଏ – ଜୁଆଇଁ ହେବ ଜଣେ । ଯାହାକୁ ମନାକରିବେ ସିଏ ତାଙ୍କର ହୋଇ ରହିବ ତ ! ତାଙ୍କ ଘରଦିଗରେ ଖାଲି ଅସନ୍ତୁଷ୍ଟ ଲୋକଙ୍କ ଉଷ୍ଣ ନିଃଶ୍ୱାସ ବହିବ ।

ମନ୍ତ୍ରୀମାନେ ସାଧାରଣତଃ ଖୁବ୍ ବୁଦ୍ଧିଆ । ଇଏ ତ ପ୍ରଧାନମନ୍ତ୍ରୀ ! ସେ ଯେ ଅନେକ ବୁଦ୍ଧିମାନ୍, ଚତୁରଲୋକ, ଏଥିରେ ସନ୍ଦେହ କିଛି ନାଇଁ । ସେ ଗୋଟେ କୌଶଳ କଲେ । ତାଙ୍କର ଗୋଟେ ସୁନ୍ଦର ବଗିଚା ଥାଏ । ସେ ବଗିଚାରେ ଅନେକ ଫୁଲଗଛ । ସବୁ ଋତୁ ପାଇଁ ସେଠି ଫୁଲଗଛ ଥାଏ । ସବୁ ଋତୁରେ ସେଠି ଅନେକ ଫୁଲ । ତେଣୁ ପ୍ରଜାପତି, ମହୁମାଛି ସେଠି ହାଟ ବସାଇଥାନ୍ତି ।

ଏ ବଗିଚା ମଝିରେ ସେ ଗୋଟେ ବଡ଼ କୋଠା ତିଆରିକଲେ । କୋଠାଟି ବି ଦେଖିବାକୁ ଯେମିତି ସୁନ୍ଦର ସେମିତି ବଡ଼ । ଦେଶର ନାନା ଅଞ୍ଚଳର କାରିଗର ଲାଗି ଘରଟିକୁ ସୁନ୍ଦର ଭାବେ ଆକର୍ଷଣୀୟ କରି ତିଆରି କରିଥାନ୍ତି । କୋଠାର ଛାତ ଉପର ନାନା ଧାଡିରେ ସଜାହୋଇଥିଲା । ଦିନବେଳା କୋଠା ଉପର ବାହାର ଫୁଲରେ ଭରା । ରାତିରେ ଶୋଭାପାଏ ଆଲୁଅମାଳା ! ଏ କୋଠାର ନାଁ ଥିଲା ପାଓ ନିଳୟ ।

ଥରେ ପ୍ରଧାନମନ୍ତ୍ରୀ ତାଙ୍କର ଏଇ ସାନଝିଅଟିକି ଡକାଇ ପଠାଇଲେ । ଝିଅଟି ଚୁପ୍‌ଚାପ୍ ଆସି ବାପାଙ୍କ ପାଖରେ ଠିଆହେଲା । ପାତଳା ଦେହକୁ ତା'ର ବେଢ଼ାଇରଖିଥାଏ ହାଲୁକା ନୀଳରଙ୍ଗର ପୋଷାକ । ସେ ଏପରି ନିଶ୍ଚଳଭାବେ ଠିଆହୋଇଥାଏ, ଦୂରରୁ ଦେଖିଲେ ମନେହେବ ସୁନ୍ଦର ଦେବୀ ମୂର୍ତ୍ତିଟିଏ···ନଡୁବା ପରୀଟିଏ !

ମନ୍ତ୍ରୀ କିଛି ସମୟ ନୀରବ ରହିଲା ପରେ, ହଠାତ୍ ଟିକେ ବଡ଼ ପାଟିରେ

Digitized by srujan ka@gmail.com

କହିଲେ, "ମା, କାଲି ତୋ' ଜୀବନର ଗୋଟାଏ ବଡ଼ଦିନ । କାଲିକି ତୁ ତୋ ବରକୁ ବାଛିବୁ !"—ଗୁରୁ ଶିଷ୍ୟକୁ କହିଲାପରି ପ୍ରଧାନମନ୍ତ୍ରୀ ଝିଅ ପାଓ ଚୂଆନ୍‌କୁ କହୁଥିଲେ । ସେ ଜାଣନ୍ତି, ଏଇଟା ତାଙ୍କର ସାନଝିଅ । ବଡ଼-ଦୁଇଟିକି ବିବାହ ଦେଇସାରିଛନ୍ତି । ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ଏହାରି ଉପରେ ଠୁଳ । ନିଜେ ପ୍ରଧାନମନ୍ତ୍ରୀ ଖୁବ୍ ଭଲପାଆନ୍ତି । ମାତ୍ର ଏଇଟା ତାଙ୍କର ଦୁର୍ବଳତା । ତାଙ୍କ ଝିଅ କି ବାହାରର କେହି ତାଙ୍କର ଏ ଦୁର୍ବଳତା କଥାଟି ନଜାଣନ୍ତୁ ! ସେଥିପାଇଁ ସେ ଝିଅ ସଙ୍ଗେ କଚ୍ଛୁଟା କଡ଼ା ବ୍ୟବହାର କରନ୍ତି ।

ଝିଅଟି ଏକଥା ଶୁଣି ବିସ୍ମିତ ହୋଇଗଲା । ସମାଜରେ ଇମିତି କଥା ତ ହୁଏନି—ତା' ବାପା ଏ କ'ଣ କହୁଛନ୍ତି ? ତା'ର ଅନେକ ସାଙ୍ଗସାଥୀ ବାହା ହେଲେଣି । କେହି ତ ନିଜ ବର ବାଛିନି । ବାପା ମା' ବର ବାଛନ୍ତି । ଝିଅକୁ ବାହା ଦିଅନ୍ତି । ସମାଜରେ ଏଇ କଥାଟା ଅନେକ ଦିନରୁ ଚାଲିଆସୁଚି । ସେ ଝିଅଟି ବୁଝିପାରିଲାନି । ଭାବିଲା, ବାପା ଥଟ୍ଟା କରୁଛନ୍ତି ! କିନ୍ତୁ କାହିଁକି ? ସିଏ ସେ ବାପାଙ୍କ ଅବାଧ୍ୟ ନୁହେଁ ? ତା'ହେଲେ ଏ କି ପରୀକ୍ଷା ?

ପାଓ ଚୂଆନ୍ କହିଲା, "ବାବା, ମୁଁ ଏ କାମ କରିପାରିବିନି । ମୋତେ ଡର ଲାଗିବ ।"

"ଡର ଲାଗିବ ? କାହିଁକି ଡର ଲାଗିବ ?···କହୁନୁ···ଶୁଣେ । ପ୍ରଧାନ-ମନ୍ତ୍ରୀଙ୍କ ହାତରେ ଗୋଟେ ସୁନ୍ଦର ପଙ୍ଖା ଥାଏ । ସେ ପଙ୍ଖାରେ ତାଙ୍କ କପାଳକୁ ଧୀରେ ଧୀରେ ଠୁକୁଥିଲେ । ସତେ ଯେପରି ସେ ସମୁଦାୟ କଥାଟାକୁ ଖୁବ୍ ଗମ୍ଭୀର ଭାବରେ ଚିନ୍ତା କରୁଛନ୍ତି ! ତା'ପରେ ଧୀର ଭାବରେ ଗଳାକୁ ଉଚ୍ଚମାତ୍ର ନକରି କହିଲେ, "ଦେଖ୍ ମା, ତୁ ମୋ'ର ଝିଅ । ଏ ଦେଶର ପ୍ରଧାନମନ୍ତ୍ରୀର ଝିଅ ! ତା'ର ଝିଅ ହୋଇ ତୁ ଡରୁଚୁ ? ତୁ ପୁଣି କାହାକୁ ଡରିବୁ ? ଏ କଥା ଯିଏ ଶୁଣିବ ସିଏ ଅପସନ୍ଦ କରିବ !···ତା'ଛଡ଼ା ସବୁ ତ ଠିକ୍‌ଠାକ୍ ହୋଇଯାଇଚି । କାଲି ସକାଳେ ତୁ ଏଇ ବଡ଼ଘରର ସବା ଉପର ମହଲାରେ ଥିବୁ । ତୋ' ହାତରେ ଥିବ ଗୁଡ଼ାଟ ଗୋଟେ ପେଣ୍ଡୁ ।"

ପ୍ରଧାନମନ୍ତ୍ରୀ ଗୋଟେ ସୁନ୍ଦର ପେଣ୍ଡୁ ବାହାରକଲେ । ପାଞ୍ଚପ୍ରକାର ରଙ୍ଗର ସେ ପେଣ୍ଡୁ ଅପୂର୍ବ···ଚମତ୍କାର ଦିଶୁଚି । ସେ ପେଣ୍ଡୁଟିକି ଟିକେ ଉପରକୁ ଟେକି, ଫିଙ୍ଗି, ତୋଳିନେଲେ । ତା'ପରେ କହିଲେ, "ଏ ପେଣ୍ଡୁଟା ନେ । ଏଇ ପେଣ୍ଡୁଟାକୁ ତୁ ତଳକୁ ଫିଙ୍ଗିବୁ । ତଳେ ଦେଶର

Digitized by srujan ka@gmail.com

ବଭିନ୍ନ ଅଞ୍ଚଳରୁ ଜମିଦାର, ସାମନ୍ତ, ରାଜ୍ୟପାଳଙ୍କ ପୁଅମାନେ ଅପେକ୍ଷା କରି ଥିବେ । ଯୋଉ ଯୁବକ ଏ ପେଣ୍ଡୁଟି ଧରିପାରିବ ସିଏ ହେବ ତୋର ବର !"

ସେ ହାତ ହଲାଇ ଝିଅକୁ ଠାରିଦେଲେ ସେଠାରୁ ଚାଲିଯିବା ପାଇଁ । ତାଙ୍କ କହିବା ଶେଷହେଲା । ଝିଅ ଆଉ ସେଠି ଠିଆ ହେବ କାହିଁ ? ଝିଅଟି ମୁଣ୍ଡ ନୁଆଁଇଲା । ପ୍ରଣାମ କଲା । ଆଉ ଫେରିଗଲା···ସେଇପରି ଚୁପ୍‌ଚାପ୍ !!

ପାଓ ଚୁଆନ୍ କାନ୍ତୁ ଘରକୁ ଗଲାନି । ସେ ଗଲା ବଗିଚା ଭିତରକୁ । ସେ ବାପା କହିଥିବା କଥାଗୁଡ଼ାକୁ ଓଜନ କରୁଥାଏ । ଇଏ ଗୋଟେ ବଡ଼ ଘଟଣା···ଖୁବ୍ ବଡ଼ ଘଟଣା ! ଏ ସମୟରେ ଠିକ୍ ଭାବେ କାମ କରିବା ଉଚିତ । ନହେଲେ କ'ଣ ଘଟଣା ଅଘଟଣ ହୋଇଯିବ କିଏ କହିବ ? ସେ ବେଳକୁ ହାତ ପାଇବନି, ଗୋଡ଼ ପାଇବନି ।

ପାଓ ଚୁଆନ୍ ଏମିତି ଭାବୁଥାଏ ଆଉ ବଗିଚା ଭିତରକୁ ଭିତରକୁ ଚାଲିଥାଏ । ଘରେ କାଲିର କାଲିର ଚାଲିଥିବ । ଚାକର ଚାକରାଣୀ ଧାଁଦଉଡ଼ କରି କାମ କରୁଥିବେ । ମା' କ'ଣ ଆଦେଶ ଦେଉଥିବେ । ଘରଠୁ ଏଇ ବଗିଚାଟା ଭଲ । ଏଇଠି ଲୋକ ଟିକିଏ ନିରିବରେ ବସିପାରିବ । ଆପେ ଆପେ କିଛି କଥା ଭାବିପାରିବ । ଏଇ ବେଶ୍ ଶୂନ୍‌ଶାନିଆ ଜାଗା । ସୁବିଧା ଜାଗା । କେହି ବାଧା ଦେବାକୁ ନାହିଁ ।

ଆରେ···ଏ କିଏ ! ପାଓ ଚୁଆନ୍ ହଠାତ୍ ଆଗକୁ ଚାହିଁଚି । ସେଇଠି ଦେଖିଚି ଜଣେ କିଏ ଘାସ ଉପରେ ଶୋଇଚି । ସେ ପାଖକୁ ଗଲା । ଦେଖିଲା ଯୁବକଟିଏ । ବେଶ୍ ବଳିଲା ହାତଗୋଡ଼ । ଦରିଦ୍ର । ଯାହିତାହି ଲୁଗାପଟା । ମୁହଁଟି ବେଶ୍ ଉଜ୍ଜ୍ୱଳ । ସେଠି ପୌରୁଷ ଝଟକୁଚି । ଦେହଟି ସୁଦର୍ଶନ । ମନେହେଉଚି ସାଧାରଣ ଭିକାରି ନୁହେଁ । ଗୋଟେ ବଡ଼ଘରର ପୁଅପରି ମନେହେଉଚି । ଛିଣ୍ଡା ହେଲେ ବି କପଡ଼ାଲତା ସଫାସୁତରା । ହାତ ହାତ ପରିଷ୍କାରପରିଚ୍ଛନ୍ନ !

ପାଓଚୁଆନ୍ ଡାକିଲା, "ହେ—ହେ— ! ଉଠ···ଉଠ ! କିଏ ତୁମେ ?"

ଯୁବକଟି ଉଠି ବସିଲା । ପାଓଚୁଆନ୍ ପଚାରିଲା, "କଣ କରୁଚ ଏଠି ?"

ଆଃ ! ଝିଅଟିର ଗଳା ମିଠା ! ଛୋଟ ପାହାଡ଼ ଝରଣାଟିଏ ସତେ ଅବା ପଥର ଉପରେ କୁଳୁ କୁଳୁ କରୁଚି । କଳ କଳ କରୁଚି । ଯୁବକଟି ଝିଅଟିର ମୁହଁକୁ ଚାହିଁରହିଚି । ମୁହଁଟି କେଡ଼େ ସୁନ୍ଦର !

Digitized by srujan ka@gmail.com

ପାଓ ଚୂଆନ୍ ପଚାରିଲା, "କହନା—ଏଠିକି କିମିତି ଆସିଲ ?"

"ଫାଟକଟା ଖୋଲାଥିଲା । ଏଠି କେହି ଲୋକ ନଥିଲେ । ବଡ଼ ହାଲିଆ ଲାଗୁଥିଲା—ସେଇଥିଲାଗି ପଶିଆସିଲି । ଏଠି ବିଶ୍ରାମ କରୁ କରୁ ଶୋଇ-ପଡ଼ିଲି ।" ଯୁବକଟିର ସ୍ୱରରେ ଥିଲା ଗୋଟାଏ ଆତ୍ମବିଶ୍ୱାସ । ତା ମୁହଁରେ ଥିଲା ଏକ ଉଜ୍ଜ୍ୱଳ ଆଲୁଅ । ସିଏ ହବନେ ଜଣେ ବଡ଼ଲୋକ ହେବ !

"ଜାଣ—! ଏଇଟା ପ୍ରଧାନମନ୍ତ୍ରୀଙ୍କ ବଗିଚା । ଏଠାକୁ ଯିଏ ପାରେ ସିଏ ଆସିପାରେନା ! ଏଠିକି ଆସିଲେ ଦଣ୍ଡ ମିଳିବ । ତମେ ଏକଥା ଜାଣିବା ଉଚିତ ।"—ପାଓ କହିଲା ।

ଯୁବକଟିକି ଦେଖି ପାଓ ତାକୁ ମନେ ମନେ ଶ୍ରଦ୍ଧା କରୁଥାଏ । ସେ ଚାହୁଁନଥାଏ ଯେ ଯୁବକଟି ଶୀଘ୍ର ସେଠୁ ଚାଲିଯାଉ । ସେଇଠୁ ସେ କହିଲା, "ତମେ ଅବଶ୍ୟ ହାଲିଆ ହେଇଚ । ତମେ ଚାହିଁଲେ ଆଉ କିଛି ବେଳ ଏଠି ବସିପାର !"

ପାଓ ଯୁବକଟିକି ଭଲକରି ଦେଖୁଚି । ତା' ମନରେ, ବାପାଙ୍କ ସହିତ ଏଇ ହାଲ୍ ଯୋଉ କଥା ହୋଇଗଲା, ଲୁଦାମାରୁଥାଏ । ବାଂଶୁଆ ବଜାଉଥାଏ । ସେ ଭାବିଲା—ଆଃ । କେଡ଼େ ସୁନ୍ଦର ଏ ଯୁବକଟି ! ସେ ମନେ ମନେ ତାକୁ ଭଲପାଇବସିଲା ।

ଏଇଠୁ ସେ ବଦଳିଗଲା । ସେ ତା' ବାବା ଯାହା କହିଥିଲେ ସେଇ ପେଣ୍ଡୁ ଫୋପାଡ଼ିବାର କଥା ଯୁବକଟି ଆଗରେ ବର୍ଣ୍ଣନା କରିଗଲା । ଟିକେ ଶଙ୍କିତ ହୋଇ ସିଏ ତାକୁ କେତେକ ସୁନା ଅଳଙ୍କାର ଦେଲା । କହିଲା, "ଏ ସବୁ ନେଇ ବଜାରରୁ ଭଲ ଭଲ ପୋଷାକ କିଣି ପିନ୍ଧିବ । କାରଣ ମୋ' ପାଇଁ ସେଠାକୁ ଅନେକ ଧନୀ ଜମିଦାରଙ୍କ ପୁଅମାନେ ଆସିଥିବେ । ସେମାନଙ୍କ ସମାନ ପୋଷାକ ତୁମେ ପିନ୍ଧିବା ପ୍ରୟୋଜନ । ନ ହେଲେ ତମେ ସେଠିକି ଯାଇପାରିବନି । ହୁଏତ ଏ ପେଣ୍ଡୁଟି ତମରି ହାତରେ ପଡ଼ିପାରେ । ତା'ହେଲେ—ତା'ହେଲେ—ତମେ—" ଆଉ ସେ ଭକାରିଟି ଏ କଥା ଶୁଣି ଧୀରେ ଧୀରେ ଚାଲିଯାଉଥିଲା । ତା' ଗତିରେ ଥିଲା ଦୃଢ଼ତା ।

ତା'ପରେ ଆସିଲା ସେଇ ସକାଳ । ଅନେକ ବଡ଼ଘରର ପୁଅ ଦାମିକା ଦାମିକା ପୋଷାକ ପିନ୍ଧି ଜମାହେଲେ ସେଇ ସୁନ୍ଦର ଘରଟି ପାଖରେ ।

Digitized by srujan ka@gmail.com

ଉପରେ ଠିଆହୋଇଥିଲା ପାଓଚୁଆନ୍ ! ତା'ର ସୁନ୍ଦର ଛୋଟିକ ହାତରେ ଥାଏ ସେଇ ପାଞ୍ଚରଙ୍ଗୀ ପେଣ୍ଡୁଟି । ମନେହେଉଛି କୋଉ ରଜାଝିଅ ଅବା ଅସୁରପୁରରେ ବନ୍ଦୀ ହୋଇ ରହିଛି !

ସକାଳର ସୂର୍ଯ୍ୟ ଲୁଚିଆଡ଼େ ତା'ର ସୁନା ସୋରିଷିଆ କିରଣଗୁଡ଼ିକ ବାଣ୍ଟି ଦେଉଛି । ପାଓ ଚୁଆନ୍ ଉପରେ ସେ କିରଣ ପଡ଼ି ତାକୁ ପରୀ ଭଳି ସୁନ୍ଦର କରିଦେଇଥାଏ । ତଳେ ଅନେକ ଯୁବକ ତାକୁ ଚାହିଁରହିଛନ୍ତି ।

ପାଓ ଚୁଆନ୍ ଉପରେ ଥାଇ ତଳକୁ ଚାହିଁଦେଲା । ସତେ ଯେପରି ଫୁଲ ବରଷିଲା । ଯୁବକମାନଙ୍କ ମଧ୍ୟରେ ଗୋଟିଏ ଗୁଞ୍ଜରଣ ଖେଳିଗଲା । ସେମାନେ ତାକୁ ପଲକହୀନ ଭାବେ ଚାହିଁରହିଲେ ।

ଝିଅଟି ହାତରେ ପେଣ୍ଡୁ ଧରି ଖେଳୁଛି । ଏ ହାତରୁ ସେ ହାତ କରୁଛି । ଏଇ ଫିଙ୍ଗିଲା କି ! ନା, ଫିଙ୍ଗିନି ! ଏଇ ଫିଙ୍ଗିଦେଲା ତ ! ତଳେ ସାମନ୍ତ, ଧନୀ ଜମିଦାର ଘରର ଯୋଉ ପୁଅମାନେ ତା' ହାତ ଧରିବା ଲାଗି ଆଶାକରି ଜମା ହୋଇଥିଲେ, ସମସ୍ତେ ଠେଲାପେଲା ଲଗାଇଦେଲେ । ପାଟିକରି ଉଠିଲେ । ଉପରକୁ ହାତ ଉଠାଇ ଶୂନ୍ୟରୁ ପେଣ୍ଡୁଟାକୁ ଧରି ନେବାକୁ ସମସ୍ତେ ଚେଷ୍ଟା କରୁଛନ୍ତି । ଶୂନ୍ୟ ଭିତରେ ଖସିଆସୁଛି ପେଣ୍ଡୁ । ଖୁବ୍ ଠେଲାପେଲା ଚାଲିଛି ।

ସେ ସମସ୍ତେ ପରସ୍ପରକୁ ଚାହୁଁଛନ୍ତି । ପରସ୍ପରକୁ ସନ୍ଦେହ କରୁଛନ୍ତି । କିଏ ପାଇଲା ପେଣ୍ଡୁଟା ? ଏଇତ ସମସ୍ତଙ୍କ ହାତ ଖାଲି । କ'ଣ ତଳେ ପଡ଼ିଗଲା ! ଲୁଗାପଟାପ୍ରତି ନଜର ନ ଦେଇ ସେମାନେ ମାଟି ଉଣ୍ଡାଳି ପକାଇଲେ । ହେଲେ ପେଣ୍ଡୁ ନାହିଁ । ତେବେ ଗଲା କାହିଁ ? ସେମାନେ ଉପରକୁ ଚାହିଁଲେ । ସେ ଝିଅଟି ସେଠାରେ ନାହିଁ । ସେ ଫେରିଯାଉଛି । ଆଉ ତା' ପୋଷାକର ଗୋଟିଏ ରଙ୍ଗିନ୍ ଅଂଶ କେବଳ ସପନର ଛାୟା ପରି ଦେଖାଯାଉଛି । ସବୁରି ମନରେ ସନ୍ଦେହ, ଅବିଶ୍ୱାସ ! ଏ ସବୁ ବଢ଼ି ପରିଣତ ହେଲା ଈର୍ଷ୍ୟାରେ ।

ସେ ପାଖରେ ଯୁବକଟିଏ । ହସୁଛି ସେ । ସିଏ ଗଡ଼ି ଜିଣିଲା । ସିଏ ମାତ୍ କରିଦେଲା । ତା' ହାତରେ ଶୋଭାପାଉଛି ପାଞ୍ଚରଙ୍ଗର ସେଇ ପବିତ୍ର ପେଣ୍ଡୁ । ଅନ୍ୟମାନେ ତା' ପାଖକୁ ଧାଇଁଗଲେ । ବେଶ୍ ସୁନ୍ଦର ଯୁବକ ଜଣେ । ବେଶ୍ ଦାମିକା ପୋଷାକ । ଅଟ୍ଟହାସି ଠାଣିରେ ସେ ଧରିଛି ପେଣ୍ଡୁଟିକି ।

Digitized by srujan ka@gmail.com

ତା' ନା ଶିଏ ! ଶିଏ କୋଉ ଅଞ୍ଚଳର ରାଜ୍ୟପାଳ କ ସାମନ୍ତଙ୍କ ପୁଅ ? ସମସ୍ତେ ମନେମନେ ଭାବୁଥିଲେ ଶିଏ ପେଣ୍ଡୁଟା ପାଇଲା କପରି ? କେହି କେହି କହିଲେ, ପାଓ ଚୁଆନ୍ ବୋଧହୁଏ ସିଧା ପେଣ୍ଡୁଟି ତା' ହାତକୁ ଫିଙ୍ଗିଦେଇଛି । ନହେଲେ ସେ ପେଣ୍ଡୁ ପାଇପାରନ୍ତାନି । ଯାହାହେଉ, ଯିଏ ପାଇଛି ସିଏ ପାଓ ଚୁଆନ୍‌କୁ ପାଇବ । ଅନ୍ୟମାନେ ପାଟିଭୁଣ୍ଡ କରି ଲାଭ କ'ଣ ! ସେମାନେ ଫେରିଗଲେ ।

ପ୍ରଧାନମନ୍ତ୍ରୀ ପଣକରିଥିଲେ—ଯିଏ ପେଣ୍ଡୁ ଧରିପାରିବ ସିଏ ତାଙ୍କର ଜୁଆଁଇଁ ହେବ । ଏ ଯୁବକ, ଶିଏ···ପୋଷାକପତ୍ର, ଠାଣି ମାଣି, ଗୁଲି ଚଲଣରେ ବେଶ୍ ଧନୀଘରର ପୁଅପରି ଦିଶୁଛି । ପ୍ରଧାନମନ୍ତ୍ରୀ ତେଣୁ କୌଣସି ବିଳମ୍ବ ନକରି ତାଙ୍କର ଘୋଷଣା କରିଦେଲେ ।

ମାତ୍ର କଥାଟା···ପ୍ରକୃତ ସତଟା ଲୁଚିରହିଲାନି । ସତଟା କୋଉଠି ଲୁଚେ କି ? ଖୁବ୍ ଶୀଘ୍ର ଜଣାପଡ଼ିଗଲା ଶିଏ ଜଣେ ସାଧାରଣ ଭିକାରି । କାରଣ ପ୍ରଧାନମନ୍ତ୍ରୀ ପିଲାଟିର ନାଁ ଗାଁ ପରିଚୟ ପଚାରିଲାବେଳେ ଜାଣିନେଲେ ଏପରି ଧନୀ ଆଉ ଅଭିଜାତ ପିଲାକୁ ସେ ଜାଣିନାହାନ୍ତି । ତା'ପରେ ବେଶି ଖୋଳତାଡ଼ କରିବାକୁ ପଡ଼ିନି—କଥାଟି ଫୁଟିଆସି ହୋଇଗଲା । ପ୍ରଧାନମନ୍ତ୍ରୀ ରାଗିଗଲେ । ସେ ତାଙ୍କର ଅଲିଅଳୀ ଝିଅଟିକି ଇମିତି ଭାବରେ ଭିକମଗା ହାତରେ ଟେକିଦେବେ ! ତା' ତ ହୋଇପାରେନା ! ତା'ଠୁ ବରଂ ନଈରେ ଠେଲିଦେବା ଭଲ !

ପାଓ ଚୁଆନ୍ ପାଟି ଖୋଲିଲା—"ବାବା, ଆପଣ କଥା ଦେଇଛନ୍ତି— ସେ କଥାକୁ ଗିଳନ୍ତୁ ନାଇଁ । ଆପଣ ପଣ ରଖିଥିଲେ—ସେ ପଣ ଜିଣିଲେ । ଏବେ ସେ ରଜାପୁଅ କି ଭିକାରି ଭାବିବାର ବେଳ ନାଇଁ । ଯାହା ଭାଗ୍ୟ ଠିକ୍ କରିଦେଇଛି ସେଇ ଅନୁସାରେ ଚଳିବା ଉଚିତ ।"

ପ୍ରଧାନମନ୍ତ୍ରୀଙ୍କ ରାଗ ବଢ଼ିଥିଲା । ସେ ସମସ୍ତଙ୍କୁ ଠକିଦେଲା । ତା'ର ଦଣ୍ଡ ବିଧାନ ହେବା ଉଚିତ । ଏଡ଼େ ସାହସ ଲୋକଟାର ! ପ୍ରଧାନମନ୍ତ୍ରୀର ଝିଅକୁ ପାଇବାକୁ ହାତ ବଢ଼ାଇଛି !!

ପାଓ ଚୁଆନ୍ ଜିଦ୍ ଧରୁଛି ···"ନା···ବାବା, ଆପଣ ପଣ ଭାଙ୍ଗନ୍ତୁନି । ତହିଁରେ ଲୋକେ ଆପଣଙ୍କୁ ଭୁଲ୍ ଭାବିବେ । କଥା ହୁଡ଼ିଲେ ସାତ ପୁରୁଷ । ପୁଅ, ନାତି, ପଣନାତି ଯାଏଁ ଏକଥା ଗଡ଼ି ଗଡ଼ି ଯିବ । କୁଳର ଇଜ୍ଜତ ଯିବ ।"

Digitized by srujan ka@gmail.com

ପ୍ରଧାନମନ୍ତ୍ରୀ ବୁଝିବା ଲୋକ ନଥିଲେ । ଯାଓ ଚୁଆନ୍ ନଇଁବାର ଝିଅ ନୁହେଁ । ପ୍ରଧାନମନ୍ତ୍ରୀ ଯାହା ରାଗିଥିଲେ ଆହୁରି ରାଗିଲେ । ଏଡ଼େ ବଳକଟେ ଝିଅ, ଆଜି ତାଙ୍କୁ ଜବାବ୍ ଦେଉଛି, ତାଙ୍କୁ ପରାମର୍ଶ ଦେଉଛି, ବୁଝାଉଛି ! ପ୍ରଧାନମନ୍ତ୍ରୀ ଗର୍ଜିଲେ, "ବେଶ୍ ! ତୋ'ର ଯଦି ମନ ହେଉଛି ଯା··· ସେଇ ଭିକାରି ସଙ୍ଗେ ଯା··· ! କିନ୍ତୁ ମନେରଖ, ଆଜିଠୁ ଏ ଘରର ଦ୍ୱାର ତୋ' ପାଇଁ ବନ୍ଦହୋଇଯିବ । ଏ ଘରର ତୁ କେହି ନୋହୁ । ମୁଁ ଜାଣିବି, ମୋ' ଝିଅ ଯାଓ ମରିଯାଇଛି !"

ଯାଓ ଚମକିଗଲା । ବାବା ଏ କ'ଣ କହୁଚନ୍ତି ? ସେ କାନ୍ଦି ଉଠିଲା । ସେଇ କାନ୍ଦ ଭିତରେ ସେ ତୁଳନା କଲା—ଗୋଟିଏ ପଟରେ ତା'ର ବାବା ମା' ଘର ଦୁଆର । ଏଠି ଧନ ଅଛି, ସୁଖ ସୁବିଧା ଅଛି । ଆଉ ଗୋଟିଏ ପଟରେ ଶିଏ · ଯାହାକୁ ସେ ଭଲପାଏ । ଶିଏ ବାରବୁଲା ଭିକାରି । ରାସ୍ତା ତା'ର ଘର । ଖାଇବାକୁ ନାହିଁ । ଦୁଇଟି ପଟରୁ ଦୁଇଟି ଜିନିଷ ତାକୁ ଟାଣୁଥିଲେ । ସେ କ'ଣ କରିବ ? ଶେଷରେ ଶିଏର ଜିତ୍ ହେଲା । ଝିଅ ବାପାଙ୍କୁ କହିଲା, "ବାବା ମୁଁ ଚାଲିଅଛି ।" ପ୍ରଧାନମନ୍ତ୍ରୀ ଖୁଣ୍ଟ ପାଲଟିଗଲେ । ତାଙ୍କର ସାନଝିଅଟା କ'ଣ ନକଲା !

ବେଶି କିଛି ଡେରି ହେଲାନି । ସତକୁ ସତ ଝିଅଟା ଘର ଦୁଆର ଛାଡ଼ି-ଦେଲା ! ବାବା ଆଉ ମା' ଠାରୁ ମେଲାଣି ନେଲା । ପହିଲେ କାନ୍ଦୁଥିଲା, ଏବେ କାନ୍ଦୁନି । ବରଂ ଓଠରେ ସରୁ ହସର ଟିକି ରେଖାଟିଏ—ଛପିଛି ନା ଗୋଡ଼ ଦଉଡ଼ି ଦଶୁଚି—ପରି ଝଲମଲ କରୁଚି । ଏଥର ତା' ଅନ୍ଧଳପଣ ସରିଲା । ଏତେ ଏତେ ସୁଖ ସମ୍ପଦ ସବୁ ଶେଷହେଲା । ବାବା ମା'ର ସ୍ନେହ-ଠାରୁ ପରପୁଅ ଶିଏକୁ ସେ ଆପଣାର ମଣିଲା ।

ଶିଏର ଥାଏ କୁଡ଼ିଆଟିଏ । ସହରରୁ ଅନେକ ଦୂରରେ ସେ କୁଡ଼ିଆ । ଯାଓ ସେଇଠି ରହିଲା । ଭୋକ ଉପବାସର ସେ ଦୁନିଆଁ । ଦୁଃଖ ଅଭାବର ସେ ସଂସାର । ଯାଓ ଏଇସବୁକୁ ତ ବରିନେଇଚି ! କିନ୍ତୁ ଡରିଯାଇନି । ତା' ବର ମୁହଁରେ ହସ ଦେଖିବାକୁ ସେ ତପସ୍ୟା କରୁଚି ।

ଏଣେ ଶିଏ ମନରେ ନୂଆ ବଳ ଖେଳଖେଳ କରୁଚି । ସେ ନିଜକୁ ଖୁବ୍ ବଡ଼ ମନେକଲାଣି । ନିଜ ଉପରେ ତା'ର ବିଶ୍ୱାସ ବଢ଼ିଲାଣି । ସେ ଉପରକୁ ଉଠିବ । ସେ ବଡ଼ ହେବ । ସେ ନାନା କାମକୁ ହମହମ ହେଉଚି । ସେ

Digitized by srujan ka@gmail.com

ଅଞ୍ଚଳରେ ଗୋଟେ ବଣୁଆ ଘୋଡ଼ା ଥାଏ । ଲାଲ ଟକଟକ ମନ୍ଦାର ଫୁଲ ପରି ତା'ର ବର୍ଣ୍ଣ । ବେକର କେଶର ଲମ୍ବଲମ୍ବ ଆଉ ଲାଲ । ଖୁବ୍ ବଡ଼ ଘୋଡ଼ାଟାଏ । ଦେଖିବାକୁ ଖୁବ୍ ସୁନ୍ଦର । ଅନେକ ଲୋକ ସେ ଲାଲ ଘୋଡ଼ାକୁ ଆୟତ୍ତ କରିବାକୁ ଲାଗିଥିଲେ—କେହି ପାରିଲେନି । ଆଶ୍ଚର୍ଯ୍ୟର କଥା ଶିଏ ତାକୁ ବଶ କରିନେଲା । ଆଜି ସେ ଲାଲଘୋଡ଼ା ତାକୁ ଖୁବ୍ ମାନିଲା, ସତେ ଯେପରି କୋଉ ଜନମରୁ ତାକୁ ଚିହ୍ନେ ।

ଏ ଘଟଣାଟା ଚାରିଆଡ଼କୁ ପବନ ବେଗରେ ମାଡ଼ିଗଲା । ଯିଏ ଶୁଣିଲା ସିଏ ଆଶ୍ଚର୍ଯ୍ୟ ହେଲା, ବାହାବା କଲା । ଶିଏକୁ ଏବେ କେହି ଖରାପ ବ୍ୟବହାର କରନ୍ତିନି । ସେ ବେଶ୍ ଗଣ୍ୟମାନ୍ୟ ହେବାକୁ ଲାଗିଲାଣି । ଘୋଡ଼ାରେ ଚଢ଼ି ବୁଲିବାକୁ ଗଲେ ଛୁଆପିଲାଏ ଆଶ୍ଚର୍ଯ୍ୟରେ ଜମାହୋଇ ଚାହିଁରହନ୍ତି ।

ଏବେ ଶିଏର ମନରେ ନୂଆ ସପନର ଡେଣା ଉଠୁଚି । ସେ ଭାବୁଚି, ତା'ର ଏ ପ୍ରକାର ଜୀବନ ବଡ଼ ମୂଲ୍ୟହୀନ । ତା' ବାହୁରେ ଷଣ୍ଢର ବଳ ଅଛି । ତା' ବୁକୁରେ ସିଂହର ସାହସ ଅଛି । ତା' ମୁଣ୍ଡରେ ଅଛି ବୁଦ୍ଧି । ଏ ସବୁ ପାଇଁ ଯୁଦ୍ଧ ଭୂଇଁ ଦରକାର । ସେ ଯୁଦ୍ଧ କରିବା ଦରକାର । ସେ ସୈନ୍ୟ ହେବା ଦରକାର । ପାଓକୁ ଶିଏ ଏକଥା କହିଲା ଏବଂ ବୁଝିପାରିଲା ପାଓର ଜୀବନ କପରି ସନ୍ତୁଳି ହୋଇ ଛିନଭିନ ହୋଇଯିବ । ଶେଷକୁ କହିଲା, "ତମେ ମୋ' କଥା ମାନ...ପାଓ ! ବଡ଼ଲୋକଘରର ଝିଅ ତମେ । ତମେ ଅନେକ ଦୁଃଖ ସହିଲଣି । ଏବେ ତମ ବାପାଙ୍କ ପାଖକୁ ଫେରିଯାଅ । ତାଙ୍କୁ ମାଫିମାଗ । ସେ ତମକୁ ସାହାଯ୍ୟ କରିବେ । ମୁଁ ଯେ ଯୁଦ୍ଧକୁ ଯାଉଚି କେବେ ଫେରିବ କହିପାରିବିନି । ପୁଣି ସେ ଆଡ଼କୁ ଯୁଦ୍ଧରେ କଅଣ ହୋଇଗଲେ...! ଇଏ ଗୋଟେ ଅନିଶ୍ଚିତ ଅବସ୍ଥା । ତମେ ଏଠି ଏକା ରହିବ । ସହାୟ ସମ୍ବଳ କେହି ନାହିଁ । ସାଥି କେହି ନାହିଁ, ଲୋକେ କଥାଟାକୁ କପରି ଭାବରେ ନେବେ କିଏ କହିବ ! ତମ ଉପରେ ବିପଦ ଆପଦ ପଡ଼ିଲେ କିଏ ତମର ସାହା ହେବ ?"

ପାଓ ଚୂଆନ୍ ଭଲ ଚତୁର ଝିଅ । ସେ ବିପଦ ଆପଦକୁ ଖାତିରି ନକରିବାକୁ ତିଆରି ଥାଏ । ଶିଏ ତାକୁ ସାଧାରଣ ଝିଅଟିଏ ବୋଲି ବୋଧେ ଧରିନେଇଚି । ପାଓର ମନ ଗଭୀର ବିଷାଦରେ ଭରିଗଲା । ସେ

Digitized by srujan ka@gmail.com

କେମିତି ତାକୁ ବୁଝାଇଦେବ ତା' ମନର କଥା ? ତା' ଆଖିରୁ ଧାର ଧାର ଲୁହ ବହିଲା । ସେ ସ୍ୱାମୀକି କହିଲା, "ତମେ ଏପରି କୁହନା । ତମେ ମୋର ସବୁ । ତମକୁ ଛାଡ଼ି ମୁଁ ଆଉ କୋଉଠିକି ଯାଇପାରିବିନି । ବାବାଙ୍କ ଘର ଛାଡ଼ି ଆସିଛି—ସେ ଘରକୁ ଫେରିବା ହେବନି । ମୋ' ଘର ଏଇ ଖୋଲା ଆକାଶ ତଳର ବିରାଟ ପୃଥିବୀ । ତମେ ଯୁଦ୍ଧକୁ ଯାଅ । ମୁଁ ଏଠି ସୂତା କାଟିବି । ଏଠି ଜୀବନ ସଙ୍ଗେ ମୋ' ପେଟ ଗୁଣ୍ଡିକ ପୋଷିବାକୁ ଯୁଝିବି । ମୁଁ ତମକୁ ଅପେକ୍ଷା କରି ରହିବି । ମୋ ବାବା ହୁଅନ୍ତୁ···ବା ସେ କେହି ହୁଅନ୍ତୁ ତମର ଅପମାନ ଯିଏ କରିବ ମୁଁ ତାକୁ ସହିପାରିବିନି । ତମେ ବଡ଼ ହୁଅ । ଭ୍ରମର ଗୌରବ ଫୁଲର ମହକ ପରି ଚାରିଆଡ଼କୁ ପ୍ରସାରି ଯାଉ—ସେଇ ମୋ'ର ଚନ୍ଦନ ହେବ !"

ପାଓ୍ଚାଁ ବିଦାୟ ନେଲା ଶିଏ । ସେଇ ଲାଲ ଘୋଡ଼ା ଚଢ଼ିଲା । ବିସୁସ୍ତ୍ରୀ ପାଓ ତା' କୁଡ଼ିଆ ଦୁଆରେ ଠିଆ ହୋଇ ରହିଥାଏ । ତା' ଆଖିରେ ଲୁହ ଭରିଯାଇଛି । ଏଇ ଘୋଡ଼ାର ଖୁରା ଶବ୍ଦ ଆଉ ଶୁଣାଯାଉନି । ତା'ର ଆରୋହୀ ଶିଏ ଆଉ ଦେଖାଯାଉନି । ଶିଏ କୋଉ ଦୂରରେ ମିଶିଗଲା । ପାଓ କୁଡ଼ିଆ ଭିତରେ ପଶି ଧକାଇ ଧକାଇ କାନ୍ଦିବାକୁ ଲାଗିଲା । ଶିଏ ବି କାନ୍ଦ କାନ୍ଦ ହୋଇ ଓଜନିଆ ବୁକୁ ନେଇ ଯୁଦ୍ଧକୁ ଗଲା । ଯୁଦ୍ଧ ବିଭାଗରେ ଯୋଗ-ଦେଲା । ସେ ସୈନିକ ହେଲା ।

ତାକୁ ଦି'ଜଣ ସେନାପତିଙ୍କ ଅଧୀନରେ କାମ କରିବାକୁ ହେଲା । ସେ ଦି'ଜଣ ତାକୁ ଦି'ଆଖିରେ ଦେଖିପାରନ୍ତିନି । ଉଭୟ ସେନାପତି ପାଓ ଚୁଆନ୍‌ର ବଡ଼ ଦି'ଭଉଣୀଙ୍କି ବାହାହୋଇଥିଲେ । ସମ୍ପର୍କରେ ସେମାନେ ଷଡ଼ୁଭାଇ ହୁଅନ୍ତି । ମାତ୍ର ଏମାନେ ବଡ଼ ଘରର ପିଲା, ବଡ଼ ଆସନର ଅଧିକାରୀ । ଅନେକ ଘରବାରି, ଧନ ରତନ ସେ ଦୁଇଜଣଙ୍କର । ଆଉ ଶିଏ ମନୁଷ୍ୟ ତ ସେପରି ନୁହେଁ । ସେ ସେ ଜଣେ ସାଧାରଣ ମନୁଷ୍ୟ । ତା'ର ଅଛି କ'ଣ ? ଏପରି ଲୋକଟିକୁ ନିଜର ଜ୍ଞାତି ସମ୍ପର୍କ ବୋଲି ସେମାନେ ମାନି ନେବାକୁ ରାଜିନଥିଲେ । ରାଜି ନଥିଲେ କ୍ଷତି ନଥିଲା, ସେମାନେ ଷଡ଼ ଯନ୍ତ୍ର ତା' ବିପକ୍ଷରେ ଚକ୍ରାନ୍ତ କରୁଥିଲେ । ତାକୁ କିପରି ଖତମ କରିଦେବେ ସେଇଆ ଭାବୁଥିଲେ । ପ୍ରଧାନମନ୍ତ୍ରୀଙ୍କ ଅପମାନ ସେମାନଙ୍କର ଅପମାନ ! ଏ ଅପମାନର ପ୍ରତିଶୋଧ କେବଳ ତା' ରକ୍ତରେ ନିଆଯାଇପାରିବ ।

Digitized by srujan ka@gmail.com

ସେମାନେ ସୁଯୋଗ ଖୋଜୁଥିଲେ ।

ଯୁଦ୍ଧ ଲାଗିଥାଏ । ପଡ଼ୋଶୀ ରାଜ୍ୟର ସୈନ୍ୟମାନଙ୍କ ସହ ଏମାନେ ଦିନରାତି ଲଢ଼ୁଥାଆନ୍ତି । ଲଢ଼େଇ ଭିତରେ ଶିଏ ପ୍ରତି ସେମାନଙ୍କ ଘୃଣା ବଢ଼ି ବଢ଼ି ଚାଲିଥାଏ । ଯୁଦ୍ଧ ଭୂଇଁରେ ଅନେକ ବିପଦ—ସେସବୁ ଭିତରେ ଶିଏକୁ ଖତମ କରିଦେବା ବଡ଼ କଥା ନୁହେଁ । ଶିଏ ଏକଥା ଜାଣିପାରୁନଥାଏ । ସେନାପତିମାନେ ତାକୁ ସବୁ ବିପଦ ଭିତରକୁ ଠେଲୁଥା'ନ୍ତି । ସେନାବାହିନୀ ଲଢ଼େଇକୁ ଯିବ—ଶିଏ ଯାଏ ଆଗରେ । ସେ ରାସ୍ତା, ବାଟ, ଘାଟ, ଶିବିରପଥର ଖବର ନଜର ସେନାଦଳକୁ ଆଣିଦେବ । ଏଥିରେ ଶତ୍ରୁପକ୍ଷର ପହିଲି ଆକ୍ରମଣ ତା' ଉପରେ ହେବ । ଥରେ ଥରେ ତାକୁ ଗଛ ଉପରେ ଚଢ଼ିବାକୁ ହୁଏ । ସେଇଠି ଥାଇ ସେ ଶତ୍ରୁମାନଙ୍କ ଠାବକରେ । ପରେ ନିଜ ଦଳକୁ ଖବର ଦିଏ । ବିପକ୍ଷଦଳର ସୈନ୍ୟମାନେ ତୀର ଛାଡ଼ୁଥିବେ—ଯଦି ସେଥିରୁ ଗୋଟାଏ ଆସି ଛାତିରେ ଲାଗିଲା ତ ସବୁ ଶେଷ ! ପଳାଇ ଆସିଲାବେଳେ ଶିଏକୁ ସବୁଶେଷ ପଛରେ ରଖାଯାଏ—ତା'ହେଲେ ଶତ୍ରୁପକ୍ଷ ତାକୁ ଶେଷକରି ଦେଇପାରିବେ । ଶିଏ ଏ ପ୍ରକାର ନାନା ବିପଦ ଭିତରେ ଚାଲିଥାଏ । କ୍ରମେ ବିପଦଗୁଡ଼ାକୁ ଶିଏ ତା'ର ସାଥି କରିନେଲା । ତା'ର ନୀଲଘୋଡ଼ା ବିଜୁଳି ପରି ଚଞ୍ଚଳ । ସେଇ ନୀଲଘୋଡ଼ା ଯୋଗୁଁ ସେ ସବୁ ବିପଦରୁ ପାର ହୋଇଯାଏ । ଶିଏର କେହି କୌଣସି କ୍ଷତି କରିପାରନ୍ତିନି ।

ଶିଏ ଯେ ଖୁବ୍ ସାହସୀ ଆଉ ବୁଦ୍ଧିମାନ୍ ଏଥିରେ ସନ୍ଦେହର କୌଣସି କାରଣ ନାହିଁ । ସେ ନାନାପ୍ରକାର ବିପଦ ମୁହଁରେ ପଡ଼ୁଥାଏ । ସବୁଥର ନୂଆ କୌଶଳ ଖଞ୍ଜି ସେଥିରୁ ରକ୍ଷାପାଉଥାଏ । ଏଥିରେ ତା'ର ସାହସ, କୌଶଳ ଓ ବୁଦ୍ଧି ବଢ଼ୁଥାଏ । ବେଳେବେଳେ ତା' ମନରେ ସନ୍ଦେହ ଜାଗେ—ସେ ହାରିଯିବ କି ? ହୁଏତ ଇମିତି କୋଉ ଏକ ଅଶୁଭ ମୁହୂର୍ତ୍ତରେ ସେ ଚୁପ୍‌ଚାପ୍ ମରଣକୁ କୁଣ୍ଢାଇଧରି ଶୋଇଯିବ । କେହି ତା' କଥା ଶୁଣି ପାରିବେନି । ତା' ଖବର କେହି ପାଇବେନି । ତା' ବାରତା ତା' ପ୍ରିୟ ବାନ୍ଧବୀ ସୁନ୍ଦରୀ ପାଓ ଚୁଆନ୍ ପାଖକୁ କେହି ନେଇଯିବନି । ମାତ୍ର ଏ ପ୍ରକାର ନିରାଶା ତାକୁ ବେଶି ବେଳ କାବୁକରିପାରେନି । ସେ ନୂଆବଳ, ନୂଆ-ସାହସ ନେଇ ବିପଦର ଚକାଚକା ଭଉଁରୀ ଭିତରକୁ ଡେଇଁପଡ଼େ । ବୀର ବିକ୍ରମରେ ସେ ବିପଦର ମୁକାବିଲାକରେ ।

Digitized by srujan ka@gmail.com

ହଠାତ୍ ସେଇପରି ଗୋଟେ ଭୁଲ ଖବର ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚେ—ଶିଏ ଯୁଦ୍ଧରେ ମରିଯାଇଛି…!! ପ୍ରଧାନମନ୍ତ୍ରୀ ବ୍ୟସ୍ତ ହୋଇ-ପଡ଼ିଲେ । ସେ ତାଙ୍କ ସ୍ତ୍ରୀଙ୍କୁ ଏକଥା କହିଲେ । ସେ କାନ୍ଦୁଣୁମାନ୍ଦୁଣୁ ହୋଇ ପାଓ ଚୁଆନ୍ ପାଖରେ ପହଞ୍ଚିଲେ । କୁଡ଼ିଆରେ ଭିକାରୁଣୀପରି ଚଳୁଚି ତାଙ୍କର ଅଲିଅଳୀ ପାନଝିଅ ! ମା'ଙ୍କ ବୁକୁ ଦୁଃଖରେ ଫାଟିଯାଉଚି । ମା' ସେ ଆଡ଼କୁ ଆସୁଥିବା ଖବର ପାଇ, ପାଓ ଚୁଆନ୍ ନିଜକୁ ପ୍ରସ୍ତୁତ କରି-ନେଲା । ସେ କୁଡ଼ିଆ ବାହାରକୁ ଆସିଲା । ମା'ଙ୍କ ପାଦଛୁଇଁ ସ୍ୱାଗତ ଜଣାଇଲା । ମା' କହିଲେ, "ମା' ମୋର, କେତେ ଦୁଃଖରେ ଅଛୁରେ ! କ'ଣ ହୋଇଚି ତୋ'ର ? ଏ ଅଭିମାନ କା' ଉପରେ କରୁଚୁ ମା' ? ତୋ' ବାବା ତୋତେ ଝୁରୁଛନ୍ତି । ତୁ ଘରକୁ ଆ' । ତୁ ଜାଣିଥିବୁ ଶିଏ ଯେ ଯୁଦ୍ଧକୁ ଗଲା ସେ ଆଉ ଫେରୁନି । ସେ ଆଉ ନାହିଁ । ଏ ଅବସ୍ଥାରେ ଏଠି ରହିବାର କିଛି ମାନେ ହୁଏନି । ତୁ ଏବେ ଘରକୁ ଫେରିଚାଲ ମା' !"

ପାଓ ଚୁଆନ୍‌ର ସେଇ ଲମ୍ବ କେଶ ପେଣ୍ଡାରେ ତେଲ ଲାଗୁନି । ଲୁଖୁରା କେଶ ତା'ର ଫୁର୍‌ଫୁର୍ ହୋଇ ଉଡ଼ୁଚି; ତଥାପି ତାହା ତା'ର ଅଣ୍ଟାତଳକୁ ଲମ୍ବିଚି । ତା'ର ଗୋରା ଦେହକୁ ଘୋଡ଼ାଇ ରଖିଛି ଛିଣ୍ଡା କପଡ଼ା କେଇ ଖଣ୍ଡ ! ତେବେ ବି ତା'ଦେହ ତାତିଲା ସୁନା ପରି ଜକୁଚି । ମା' କିନ୍ତୁ ନିଜ ଝିଅକୁ ଚିହ୍ନିବାରେ ଭୁଲ କରିଥିଲେ । ସେଦିନର ସେଇ ଠିକ ପାଓ ଏ ନୁହେଁ । ପାଓ ଏବେ ଶିଏର ସ୍ତ୍ରୀ ! ସେ ତା' ସ୍ୱାମୀର ଅନୁରାଗିଣୀ । ତା ସ୍ୱାମୀ ଭିକାରି ତ ସେ ଭିକାରୁଣୀ । ସ୍ୱାମୀ ତା'ର ସବୁ । ସେ ତା'ର ଧନ… ସମ୍ପଦ…ରତ୍ନ…ଅଳଙ୍କାର…ହୃଦୟ…ପ୍ରାଣ !! ମା'ଙ୍କ ବୁକୁ ଝିଅର ଦୁଃଖରେ ତରଳିଯାଉଚି । କୋଉ ସାମନ୍ତ ଘରେ ବାହାହୋଇଥିଲେ ଝିଅ କେଡ଼େ ସୁଖରେ ଥାଆନ୍ତା ! ଆଜି ତା'ର କି ହୀନ ଅବସ୍ଥା !…ତେବେ ବି ତ ଝିଅ ତା' ଜିଦ୍ ଛାଡ଼ୁନି !

ମା' ଝିଅ ଦିହେଁ ଦିହିଁଙ୍କି କୁଣ୍ଢାଇ କାନ୍ଦିଲେ । ଶୀତର ସେଇ ଥରୁଥରିଆ କଅଁଳ ସକାଳରେ କୁଡ଼ିଆ ବାହାରେ ଅନେକ ଶିଶିର ବିନ୍ଦୁ ଟପ୍‌ଟପ୍ ପଡ଼ୁଥିଲା । ପ୍ରକୃତି ବୋଧେ କାନ୍ଦୁଥିଲା ସେମାନଙ୍କ ଦୁଃଖରେ । ସେ ଦିହେଁ ତହିଁରୁ ଅଧିକ ଲୁହ ଢାଳୁଥିଲେ । ମା' ଯେତେ ବୁଝେଇଲେ ପାଓ କିଛି ଶୁଣିଲାନି । ବାଧ ହୋଇ ମା' ଫେରିଲେ—ସେଇପରି ଦୁଃଖରେ କାନ୍ଦିକାନ୍ଦି…

Digitized by srujan ka@gmail.com

ସେଇପରି ଲୁହ ପୋଛି ପୋଛି । ଆସିଥିଲେ କେତେ ଆଶାରେ—ଫେରୁଛନ୍ତି ଶୂନ୍ୟ ବୁକୁରେ । ସେ ଭାବୁଥିଲେ—ଏଥର ଏ ଝିଅଟି ଗଲା । କୁଡ଼ିଆଟି ଖାଲି ! ମୁଠାଏ ଚାଉଳ ନାହିଁ ! ଖାଇବାକୁ କିଛି ନାହିଁ ! ଦେହ ଢାଙ୍କିବାକୁ କପଡ଼ା ଖଣ୍ଡେ ନାହିଁ । ଇଏ ଗୋଟେ ଶୂନ୍ୟ···ମହାଶୂନ୍ୟ ଅବସ୍ଥା ! ଏ ଅବସ୍ଥାରେ କିଏ ବଞ୍ଚିପାରିବ ?

ଶିଏର ପ୍ରକୃତିରେ କିଛି ହେଇନଥାଏ । ସେନାପତି ଦୁଇଜଣ ଯେତେ ଚକ୍ରାନ୍ତ କଲେ ସବୁ ଫସଲ ଫାଟିଲା । ଏପରିକି ସେମାନେ ସୈନ୍ୟ କେତେ-ଜଣଙ୍କୁ ଲଗାଇଦେଲେ । ସେଥିରେ ବି ଫଳାଫଳ ଶୂନ । ସେମାନେ ଚେଷ୍ଟା କରି କରି ଥକ୍‌ଯାନ୍ତି । ଶିଏ ଅକ୍ଷତ ହେଇ ଫେରିଆସେ । ସେ କ'ଣ ଅମର ! ମୃତ୍ୟୁ କ'ଣ ତାକୁ ଡରିଯାଇଛି !! ଏଥିରେ ସେମାନଙ୍କ ଈର୍ଷା ବଢ଼ିଲା । ସେମାନଙ୍କ ଜିଦ୍‌ ବଢ଼ିଲା ।।

ତା'ପରେ ହଠାତ୍‌ ସେନାପତି ଦୁହେଁ ସେମାନଙ୍କ କୌଶଳ ବଦଳାଇଦେଲେ । ସେମାନେ ଏଥର ଶିଏକୁ ବହୁତ ଶ୍ରଦ୍ଧା କରିବାର ଛଳନା କଲେ । ତାକୁ ମିଛରେ ପ୍ରଶଂସା କଲେ । ଧନ୍ୟ ଧନ୍ୟ କହିଲେ । ଏଇପରି ଥରେ ବେଳ ଦେଖି ତାକୁ ନିଜ ତମ୍ବୁକୁ ଖାଇବାକୁ ଡାକିଲେ । ଖିଆପିଆ ସାରି ନିଦରେ ଶିଏ ଶୋଇଯାଇଥାଏ । ଏମାନେ ତାକୁ ସେ ଅବସ୍ଥାରେ ଟେକିନେଲେ । ନୀଳଘୋଡ଼ାର ପିଠିରେ ବାନ୍ଧିଦେଲେ । ଜୋର୍‌ରେ ଘୋଡ଼ାକୁ ଚାବୁକ୍‌ ଲଗାଇ ଶତ୍ରୁ ଶିବିରକୁ ଘଉଡ଼ାଇଦେଲେ, ତା'ପରେ ଯୁଦ୍ଧ ବାଜା ବଜାଇଦେଲେ । ଶତ୍ରୁ ପକ୍ଷରେ ବି ଏହାର ଉତ୍ତର ଦେଇ ଯୁଦ୍ଧ ବାଜା ବାଜିଲା । ଶତ୍ରୁମାନେ ଖଣ୍ଡା, ଧନୁ, ଶର, ବର୍ଚ୍ଛା ଧରି ଯୁଦ୍ଧକୁ ବାହାରିଲେ । ଖପ୍‌···ଖପ୍‌···! ଘୋଡ଼ା ଟାପୁର ଶବ୍ଦ ! ସେମାନେ ଆଲୁଅ ଜାଳିଲେ । ନୀଳଘୋଡ଼ାକୁ ଦେଖିଲେ । ତା' ଉପରେ ବନ୍ଧା ହେଇ ପଡ଼ିଥିବା ତା'ର ସାହସୀ ଆରୋହୀକ ଦେଖିଲେ । ସେମାନେ ଘାଟିଘୋଳ-କଲେ । ବହୁ କଷ୍ଟରେ ନୀଳଘୋଡ଼ାକୁ ବାନ୍ଧିଲେ । ଶିଏକୁ ବନ୍ଦୀ କଲେ । ସେନାପତି ଦୁ'ଜଣଙ୍କ କାରସାଦି କାମକଲା । ସେମାନେ ବଳ, କଳ, କୌଶଳ କୌଣସିଥିରେ ଶିଏକୁ ମାରିପାରିଲେନି—ସେଇଥିପାଇଁ ଶତ୍ରୁ-ହାତକୁ ଠେଲିଦେଲେ । ଯୁଦ୍ଧ ନାଗରା ବଜାଇଲେ, କିନ୍ତୁ ଯୁଦ୍ଧ କଲେନି । ଶିଏ ଧରିହେଲା ।

Digitized by srujan ka@gmail.com

ଶତ୍ରୁ ସେନାପତି ଆଦେଶଦେଲେ—ବନ୍ଦୀର ମୁଣ୍ଡକାଟକର । କିନ୍ତୁ ଘଟଣାଟା ହଠାତ୍ ଗୋଟେ ମୋଡ଼ ଧଇଲା । ଶିଏ ବନ୍ଦୀ ହେବା ଖବର ଶତ୍ରୁ ଶିବିରରେ ଚହଳ ଖେଳାଇଦେଲା । ଯୁଦ୍ଧ ଚାଲୁଥିଲାବେଳେ ସେ ଦେଶର ରଜା ଓ ରଜାଝିଅ ବି ସେଠି ଥିଲେ । ସେ ଦେଶ ରଜାଝିଅ ଖୁବ୍ ସାହସୀ । ସେ ଯୁଦ୍ଧର ଠିକଣା ଖବର ରଖୁଥାଏ । ଆଉ ଠିକ୍ ଭାବେ ଜାଣିଥାଏ ଶିଏ ଯୋଦ୍ଧା ନୁହେଁ ସେ ଯୋଦ୍ଧାମାନଙ୍କର ରତ୍ନ ! ସେଇ ବୀର ଯୋଗୁଁ ସେମାନଙ୍କର ସବୁ ଆକ୍ରମଣ ଭଣ୍ଡୁର ହେଇଯାଉଥାଏ । ଶତ୍ରୁପକ୍ଷରେ ବି ଶିଏର ଅନେକ ପ୍ରଶଂସା !

ରଜାଝିଅ ଚାହିଁଲା···ଶିଏକୁ ଦେଖିବ ! ଏଥିରେ ମନାକରିବ କିଏ ? ରଜାଝିଅ ସାମ୍ନାକୁ ତାକୁ ବାନ୍ଧି ଅଣାଗଲା । ଶିଏକୁ ଦେଖି ରଜାଝିଅ ଭୁଲିଗଲା ସେ ଶତ୍ରୁର ବିଚାର କରୁଚି । ସାହସର ପ୍ରତିମୂର୍ତ୍ତି, ବୀରତ୍ୱର ଚଳନ୍ତି ପ୍ରତିମା ! ଆଉ କି ମନମୋହକ ରୂପ ! ରଜାଝିଅ କହିଲା, "ଶିଏ, ତମେ ମରିବାକୁ ଚାହଁ ନା ବଞ୍ଚିବାକୁ ? ବଞ୍ଚିବାକୁ ଇଚ୍ଛା ଥିଲେ ମୋତେ ବାହାହୁଅ । ଅନ୍ୟ ପନ୍ଥା କଥା ତ ତମେ ଜାଣ ! ତମପରି ବୀରକୁ ସେ ବିଷୟରେ କ'ଣ ବା କହିବି ?"

ଶିଏର ମୁହଁ ଆଗରେ ନାଚିଗଲା ଆଉ ଜଣକର ମୁହଁ । ବହୁଦୂରର ଗୋଟିଏ ଭଙ୍ଗା କୁଡ଼ିଆ ଘରେ ଗୋଟିଏ ମଧୁମଖା ଚାନ୍ଦ ମୁହଁ ତାକୁ ଅପେକ୍ଷା କରି ରହିଚି । ପାଓ ଚୁଆନ୍ଠୁ ବା ଏ ରଜାଝିଅ କ'ଣ ବେଶୀ ସୁନ୍ଦରୀ ?

ଏକ ଦିଗରେ ତଲୁଆର, ଆର ପାଖରେ ଫୁଲମାଳ । ଏ ଆଡ଼େ ଟହ ଟହ ହସୁଚି ମରଣ । ସେ ଆଡ଼େ ଗୋଟିଏ ସୁନ୍ଦର ଚାନ୍ଦମୁହଁର ଆମନ୍ତ୍ରଣ । ଶିଏ ଠିକ୍‌କଲା ସେ ବଞ୍ଚିବ ।

ଯୁଦ୍ଧ-ବାଜା ବାହା-ବାଜାରେ ପରିଣତ ହେଲା । ଶିଏ ରଜାଝିଅର ହାତ ଧରିଲା । ତା' କପାଳ ଖୋଲିଗଲା । ବୁଢ଼ାରଜାଙ୍କ ପୁଅଯାଏ ନଥିଲେ—କେବଳ ସେଇ ଝିଅଟି । ବୁଢ଼ାରଜାଙ୍କ ଅନ୍ତେ ମୁଲକର ରଜାହେବ ଶିଏ । ଆଉ ସେ ସେନାପତି ହ'ଜଣ ବି ଖୁବ୍ ଖୁସି ! ଯା'ହେଉ ଶତ୍ରୁ ଯାଇଚି । କଣ୍ଟା ଯାଇଚି ! ତା' କଥା ଭଲ ଆଉ ମନସ୍ତାପ ହେବନି । ଅପମାନିତ ଲାଗିବନି ।

ଶିଏ ସୁଖରେ ଥାଏ । କେତେବେଳେ କେମିତି ପାଓ ଚୁଆନ୍ ମନେ-

Digitized by srujan ka@gmail.com

ପଡ଼େ । ତା ବୁକୁ ଚଣକପାଏ । ପାଓ ଚୁଆନ୍ ଅପର ଦୁଃଖରେ କାଳ କାଟୁଥାଏ । ସେଇ ଭକାର ବର୍ଷ ! ସେଇ ଭଙ୍ଗା ବଦର କୁଡ଼ିଆ ! ସେଇ ଦୁଃଖ କଷ୍ଟ ଅଭାବର ନାଆଁ । ସେଇ ଅପେକ୍ଷା···ସୀମାହୀନ ଧୂସର ଅପରନ୍ତ ଅପେକ୍ଷା !!

ପାଓ ଚୁଆନ୍‌ର କୁଡ଼ିଆ ପାଖକୁ ଅନେକ ପକ୍ଷୀ ଆସନ୍ତି । ବସନ୍ତ ଆସିବା ଆଗରୁ···ବସନ୍ତ ଥିଲାବେଳେ ସେମାନେ ବସନ୍ତର ଖବର ଦଅନ୍ତି । ବସନ୍ତର ଆନନ୍ଦ ବାଣ୍ଟିଦଅନ୍ତି । ପାଓ ଚୁଆନ୍ ଭାବେ ସେମାନେ ସବୁଆଡ଼େ ବୁଲୁଚନ୍ତି । ସେମାନେ ଲଢ଼େଇ ଅଞ୍ଚଳ ଦେଖିଥିବେ, ଆଉ ଦେଖିଥିବେ ତା' ସ୍ୱାମୀ ଶିଏକୁ । ତେଣୁ ପାଓ ସେମାନଙ୍କୁ ଶିଏର ଖବର ପଚାରେ । ସେମାନେ କ'ଣ ତା' କଥା ବୁଝନ୍ତି ? ହୁଏତ ବୁଝୁଥିବେ ! ହୁଏତ ବୁଝୁ ନଥିବେ ! ଏତେ ଏତେ ବରଷ ଅପେକ୍ଷା କଲାଣି—ସ୍ୱାମୀର କୌଣସି ଖବରନାହିଁ । ତା' ମନର ବଳ ଭାଜୁଚି । ସେ ନୈରାଶ୍ୟର ଶିକାର ହେଉଚି । ଜୀବନରେ ତା'ର ଆଉ କଅଣ ବା ଅଛି ! ବାବା ମା'ଙ୍କଠୁଁ ଦୂରରେ ରହି, ସ୍ୱାମୀ ବିଧୁରା ହେଇ ସେ ସଢ଼ୁଚି ତା'ର ଲହୁଲୁହର ଜୀବନ ମଧ୍ୟରେ !

ଏଇପରି ଗୋଟାଏ ପରେ ଗୋଟାଏ ହେଇ ସତରଟି ବସନ୍ତ ଆସିଲା ଆଉ ଗଲା । ଗଛରଆଡ଼େ ଫୁଲ ଫୁଟିଲା, ଫୁଲ ଝରିଲା । କିନ୍ତୁ ପାଓ ଚୁଆନ୍ ଜୀବନରେ ସେଇ ଶୁଖିଲା ଦୀର୍ଘଶ୍ୱାସ ! ସେଇ ଅପେକ୍ଷା କରିବା ! ସେଇ ହତାଶ ହେବା ! ହୁଏତ ଆଉ କେତେଦିନ ଯିବ ଏଇପରି ! ସତେ କ'ଣ ଶିଏ ଫେରିଆସିବ ? ସତେ କ'ଣ ତା' ଜୀବନର କଷ୍ଟ ଶେଷହେବ ? ନା··· ଶିଏକୁ ନଦେଖି ସେ ଆଖି ମୁଦିବ !?

ଅଠରବର୍ଷ ଆସିବାର ଘୋଷଣା କରି ଯୋଉ ବସନ୍ତ ଆସିଲା, ତା'ର ପ୍ରଥମ ଦିନର ଗୋଟେ ସକାଳ । ସବୁଥର ପରି ଋତୁରାଜର ଖବର ନେଇ ସେଥର ବି କେତେ ରଙ୍ଗର ପକ୍ଷୀ ଆସିଲେ ! ବାରିବଗିଚାର ଗଛଡାଳରେ ବସି ସେମାନେ ଗୀତ ଗାଇଲେ ! ସବୁଥର ପରି ପାଓ ସେମାନଙ୍କୁ ଡାକିଲା । ପଚାରିଲା—

"ଦୂରଦେଶର ଚଢ଼େଇ,
ଜାଣିଥିବ ତମେ···ସେଇ ଯେ ଲାଗିଚି ଲଢ଼େଇ ।
ସେଇଠିକି ଗଲେ ଲଢ଼ିବେ, ଦେଶର ବଇରୀ ତଡ଼ିବେ;

Digitized by srujan ka@gmail.com

ଟ୍ରେଟିଆ ଆମର ବସାଟିକ ଟିକେ ଗଢ଼ିବେ ।
ଏ ଯାଏ ଫେରଲେ ନାଇଁରେ, କହହଅ ପକ୍ଷୀ···କାହିଁରେ !
ଦେଖିଚକି ପକ୍ଷୀ ତାହାଙ୍କୁ ? ଝୁରି ମୁଁ ମରଇ ଯାହାଙ୍କୁ ??''

ଯୋଉମାନେ ଏକଥା ଶୁଣୁଥିଲେ ମନରେ ଦୁଃଖିତ ହେଉଥିଲେ । ଆହା ! ବସୁରଣୀଟିଏ । ପ୍ରାୟ ପାଗଳ ହେଇଗଲାଣି ! ସେମାନେ ତାକୁ ଦୟାକରୁଥିଲେ । ପକ୍ଷୀଗୁଡ଼ିକ ତା' ପାଖକୁ ଆସୁନଥିଲେ । ସେମାନେ କଏ କୁଆଡ଼େ ଉଡ଼ିଯାଉଥିଲେ । ମାତ୍ର ସେମାନଙ୍କ ମଧ୍ୟରେ ଗ୍ରେଟ ପକ୍ଷୀଟିଏ ଥିଲା । ତା'ର ରଙ୍ଗ ହଳଦିଆ ନାଲ ମିଶାମିଶି । ସେ ପକ୍ଷୀଟି ପାଓର କଥା ଶୁଣି ମୁଣ୍ଡ ହଲାଇଲା । ମନେହେଲା ସେ ଯେପରି ଏହାର କଥା ସବୁ ବୁଝିପାରୁଚ !

ପାଓର ମୁହଁରେ ହସ ସଞ୍ଚରିଲା । ବୋକାପରି ହସି ହସି ସେ ପକ୍ଷୀଟି ଆଡ଼କୁ ଆଗେଇଗଲା । ଏତେ ଦିନରେ ତା' ମନର କଥା ଶୁଣିଲେ ପ୍ରଭୁ । ଏତେଦିନରେ ତାକୁ ବନ୍ଧୁଟିଏ ମିଳିଲା । ସେ ହାତ ବଢ଼େଇଦେଲା । ସେ ପକ୍ଷୀଟି ଉଡ଼ିଆସିଲା । କଚଟିରେ ଥିର୍ କରି ବସିଲା । ପାଓର ଦିହସାରା ଶିରିଶିରେଇଗଲା । ସେ ଆରହାତରେ ପକ୍ଷୀଟିକି ସୁଆଁଳିଲା । ଜୀବନରେ ଏତେ ମାସଦିନ ଭିତରେ ଏଭଳି ନଜର କରି ଜଣକୁ ସେ ପାଇନଥିଲା । ତା' ମୁହଁରେ ଆଲୁଅର ଛୁଟା ଝଟକିଲା । ତା' ଆଖି କୋଣରେ ଆଶା ଝଲସିଲା । ଥରିଉଠିଲା ପାଓର ଗୋଟା ଦିହ । ସେ ତା' ଛିଣ୍ଡା କପଡ଼ାରୁ ଖଣ୍ଡେ ଚିରିନେଲା । ପଥରରେ ତା' ଅଙ୍ଗୁଳି କାଟିଲା । ସେଥିରୁ ଲହୁ ବାହାରିଲା । ସେଇ ଲହୁରେ କପଡ଼ା ଉପରେ ସେ ତା' ମରମର ବାରତା ଲେଖିଲା । ଲେଖିଥିଲା—ଦୁଃଖର କୋଳରେ, ଭଙ୍ଗା ହଦର ଘୁଡନେଇ, ମରିବା ଆଗରୁ ତମକୁ ପାଓ ଦେଖିପାରିବ ତ ?

କପଡ଼ା ଖଣ୍ଡିକ ସେ ଯତ୍ନରେ ପକ୍ଷୀର ଗୋଡ଼ରେ ବାନ୍ଧିଦେଲା । ତାକୁ ଧୀରେ ଥରେକ ଚୁମାଟିଏ ଦେଇ ପବନରେ ଛାଡ଼ିଦେଲା । ଉଜ୍ଜ୍ୱଳ ଆକାଶ ତଳେ ଉପରକୁ ଉଠି, ତଳକୁ ଖସି, ଉଠି ସେ ଟିକଚଢ଼େଇଟି ଉଡ଼ିଗଲା । ଆଖିରେ ଆଖିଏ ଲୁହ ଭରି ପାଓ ଗୁହିଁରହିଥାଏ । ତା'ର ପକ୍ଷୀ ଦୂତଟି ଅନେକ ଦୂରକୁ ଉଡ଼ିଗଲାଣି ! ଏଇ ଆଉ ସେ ଦିଶୁନିହେଉନ । କଳାଦାଗ-ଟିଏ ପରି ସେ ଆକାଶରେ ଦେଖାଯାଉଚ ।

ପକ୍ଷୀଟି ଉଡ଼ିଗଲା ।···ଉଡ଼ିଗଲା ସେଇ ଦେଶର ସୀମା ପାରହେଇ···

Digitized by srujan ka@gmail.com

ପାର ହୋଇ କେତେ ଉପତ୍ୟକା, ବଣ, ଜଙ୍ଗଲ, ପାହାଡ଼ ! ଆଉ ସେ ଗଲା ସିଧା ଶିଏ ପାଖକୁ । ଏବେ ଶିଏ ସେଦିନର ହତାଶ ଯୁବକ ନୁହେଁ । ସେ ଶଶୁରଙ୍କ ଦେଶର ସବୁଠୁ ବଡ଼ ସେନାପତି । ସବୁ କଥାରେ ଶଶୁର ରାଜା ତା'ର ପରାମର୍ଶ ଲୋଡ଼ନ୍ତି । ସେ ଯାହା କହୁଚି···ତା' ହେଉଚି । ସେ ଯେ ସେ ଦେଶର ଭବିଷ୍ୟତ ରାଜା !!

ସେଦିନ ଯୁଦ୍ଧ ବିଷୟରେ ସମାଲୋଚନା ଆଲୋଚନା ଚାଲିଥାଏ । ଶିଏକୁ ତର ନାହିଁ । ବିଭିନ୍ନ ବିଷୟରେ ଦିନରାତି ଖଟିବାକୁ ହେଉଚି । ସେଇପରି ଗୋଟେ ସଖର କାମ ସାରି ରାଜବାଟୀର ବାରନ୍ଦାରେ ବସିଥାଏ ଶିଏ । ତଳେ ବଗିଚାରେ ବସନ୍ତ ରଙ୍ଗ ବୋଳାବୋଳି ଛୋଟ ବାଳିକା ପରି ନାଚୁଥାଏ । ଦୂରରେ ଆକାଶ ଲାଲ ରଙ୍ଗ ହେଲା । ଶିଏର ମନରେ ଅଜଣା ଉଦାସ ! ଚଢ଼େଇଟି ତା' ବାରନ୍ଦାରେ ଏପଟ ସେପଟ ବୁଲୁଚି । ଏଠି ବସୁଚି । ସେଠି ବସୁଚି । କେବେକେବେ ଶିଏ ପାଖକୁ ଆସୁଚି । ତା' ପାଖରେ କିଚିରିମିଚିରି କରୁଚି । ହଠାତ୍ ପକ୍ଷୀଟିର ଉଜ୍ଜ୍ୱଳ ରଙ୍ଗ ଶିଏର ଆଖିରେ ପଡ଼ିଲା । ସେ ଟିକେ ନିରେଖି ଚାହିଁଲା । ପକ୍ଷୀର ଗୋଡ଼ରେ ବନ୍ଧା ଅଛି ଛୋଟିଆ କପଡ଼ା ଖଣ୍ଡେ । ସେ ଠିଆହେଲା । ପକ୍ଷୀ ପାଖକୁ ଗଲା । ପକ୍ଷୀଟି ଉଡ଼ିଗଲାନି । ଶିଏ କପଡ଼ାଟି ଖୋଲିଲା । ପଢ଼ିଲା ରକତରେ ଲେଖା ତା'ର ପାଓଚୁଆନ୍‌ର ଚିଠି ।

ଶିଏର ଆଖିରେ ଏକ ଧୂସର ଛାଇ ଉଙ୍କିଲା । ସେ ଏକ ସ୍ନିଗ୍ଧ ବିଧୁର ଛବି ଦେଖିଲା । କାହିଁ କେତେ ଦୂରରେ ତା'ର ସହର ! ସେଇଠି କେତେ କଷ୍ଟରେ ରହିଚି ତା'ର ପ୍ରାଣପ୍ରିୟା ପାଓ ! ସେ ଆଉ ନିଜକୁ ସମ୍ଭାଳି-ପାରିଲାନି । ତା'ର କଠିନ ବୀର ବୁକୁ ବି ଏ ଦୁଃଖରେ ଫାଟିଗଲା । ସେ ଦଉଡ଼ିଲା ତଳକୁ । ସିଧାଗଲା ଅସ୍ତାବଲ୍‌କୁ । ସେଇଠି ତା'ର ପ୍ରିୟ ଲାଲଘୋଡ଼ା ଥାଏ । ସେ ସାଙ୍ଗେ ସାଙ୍ଗେ ତା' ଉପରେ ଚଢ଼ିଲା । ···ଚାଲି ଯିବା ପାଓ ପାଖକୁ । ଲାଲ୍‌ଘୋଡ଼ା ଏବେ ବୁଢ଼ା ହୋଇଗଲାଣି । ତେବେ ବି ତା'ର ଠାଣି, ତା'ର ରୂପ, ତା'ର ଦଉଡ଼ ସେଇପରି ଥାଏ । ସେ ପବନ ପରି ଉଡ଼ୁଚି ।

ଶିଏ ହଠାତ୍ କରି ଚାଲିଯିବାରୁ ସେଠି ଗୋଟେ ଚହଳପଡ଼ିଗଲା । ରଜାଝିଅ ଦଳେ ବିଶ୍ୱାସୀ ସେନାପତିଙ୍କୁ ନେଇ ପ୍ରାଣ ମୂର୍ଚ୍ଛା ଗୋଡ଼ାଇଗଲା । ସେ ଦେଖିଲା, ଶିଏ ନିଜ ଦେଶ ଆଡ଼କୁ ମୁହାଁଇଚି । ଏଥିରେ ତା' ମନରେ ଗଭୀର ଦୁଃଖ ହେଲା । ରାଗ ବି ହେଲା । ଶିଏ ତାକୁ ଛାଡ଼ି ପଳାଉଚି । ସେ

Digitized by srujan ka@gmail.com

ଶିଏର ବାଟ ଓଗାଳିଲା । ଏଡ଼େ ପାଟିକରି ପଚାରିଲା—“କୁଆଡ଼େ ପଳାଇ-ଯାଉଚ ?”

ଶିଏ ପାଓର କପଡ଼ା ଦେଖାଇଲା । କପରି ପକ୍ଷୀଠୁ ଖବର ପାଇଲା କହିଲା । ରଜାଝିଅ ଏସବୁ ଶୁଣିଲା । ତା’ ରାଗ କୁଆଡ଼େ ଉଭେଇଗଲା । ସେ ଲାଜକୁଳୀ ପରି ଝାଉଁଳିଲା । ତା’ ବୁକୁରେ ସହାନୁଭୂତିର କରୁଣ ସ୍ୱର ଝଙ୍କାରିଲା । ସେ ଥମ ଥମ ହୋଇ କହିଲା, “ଯାଅ···ଯାଅ···!! ତମକୁ ମୁଁ ଅଟକାଇରଖିବନି । ଅଟକାଇପାରିବନି । ଫର୍ଗ୍ ଅଠରବର୍ଷ ଧରି ଯୋଉ ଝିଅଟି ତମକୁ ଏଯାଏ ଚାହିଁରହିଚି ସିଏ ସାଧାରଣ କନ୍ୟା ନୁହେଁ । ତମେ ଶୀଘ୍ର ଯାଅ ! ଯାହା ଠିକ୍ ଭାବିବ ତାହା କରିବ । ତାକୁ ପାଇଲା ପରେ··· ମୋ’ କଥା ମନେପଡ଼ିଲେ ଭାବିବ ।···ମୋର ଆଉ କିଛି କହିବାର ନାହିଁ ।”

ରାଜକୁମାରୀ ଶିଏକୁ ମେଲାଣିଦେଲା । ସ୍ୱାମୀକ ଝୁରିଝୁରି ସେ ରାଜ-ବାଟୀକି ଫେରିଗଲା । ଶିଏ ନାଲଘୋଡ଼ାକୁ ଚଳାଇ ଚାଲିଲା ଜନମ ମାଟି ଆଡ଼କୁ । ଅସୁମାରି ମାଇଲ ମାଇଲ ରାସ୍ତା ଆଗରେ ! ତେବେ ବୁଢ଼ା ନାଲଘୋଡ଼ା ଛୁଟିଚି···ଛୁଟିଚି !!

ବସନ୍ତ ଧରି ଗ୍ରୀଷ୍ମ ଚାଲିଗଲାଣି । ମାଡ଼ିଆସିଲାଣି ଖରା । ବଡ଼ ଗରମପଡ଼ୁଚି । ଏଇ ଏବେ ସଞ୍ଜ ପଡ଼ିଲାଣି । ଅଧା ଆଲୁଅ···ଅଧା ଅନ୍ଧାର ! ପାଓ ଚୂଆନ୍ ଛିଣ୍ଡା କପଡ଼ା ବେଢ଼ାଇ ଚଞ୍ଚଳ ଚଞ୍ଚଳ ତା’ ହାତ ଚଳାଉଛି । ସେ ତିଆରି କରୁଚି ବାଉଁଶର ତଲେଇ । କୁଡ଼ିଆର ସାମ୍ନାରେ ନଇଁପଡ଼ି ସେ ତଲେଇ ବୁଣୁଚି । ହଠାତ୍ ତା’ କୁଡ଼ିଆ ପାଖରେ ଘୋଡ଼ାଟାପୁର ଟିପ୍‌ଟିପ୍ ଶବ୍ଦ ବନ୍ଦ-ହେଲା । ଅଧା ଆଲୁଅ ଅଧା ଅନ୍ଧାର ଭିତରେ ପାଓ ଅନାଇଁଦେଲା ସେ ଆଡ଼କୁ । ଓଃ ! ଏ ଘୋଡ଼ା ! ଏ ଘୋଡ଼ାକୁ ତ ସେ ଜାଣେ ! ସେଇ ନାଲଘୋଡ଼ା ! ହଁ···ହଁ···ଦେଖିଥିଲା ଅଠର ବରଷ ତଳେ···!! ଆଉ ସେଠି ଘୋଡ଼ାରୁ ଓହ୍ଲାଉଚି କିଏ ? ସେ ଯେ ଜଣେ ରାଜପୁରୁଷ ! ରଜାର ପୋଷାକ ପରିଛଦ । ଝୁଲୁଚି ଲମ୍ବା ଚାଲୁ ଆର୍ !!”

ତା’ କାମ ବନ୍ଦହୋଇଗଲା । ତା’ ହାତ ଚଳିଲାନି । ସେ ଏକ ଲକ୍ଷ୍ୟରେ ଚାହିଁରହିଲା ସେ ଆଡ଼କୁ । ତା’ର ଦୁଃଖ ଜରଜର ମୁହଁରେ ହସର ବିଜୁଳିସ୍ୱା ରୂନ୍ଦଟିଏ ଚ୍ଚୋଟ ବଗୁଲିଆ ଛୁଆପରି ଡେଇଁପଡ଼ିଲା ! ସେ ମନକୁ ମନ କହିଲା, “ଇଏ କ’ଣ ସମ୍ଭବ ? ଇଏ କ’ଣ ସମ୍ଭବ ? ସେ ସପନ ଦେଖୁନି

Digitized by srujan ka@gmail.com

ତ ? ଏ କ'ଣ ସେଇ ? ସେଇ ତା'ର ସାତ ସପନର ସୁନାଫୁଲ ? ତା'ର ସ୍ୱାମୀ ?···ଯା'ର ଲଗି ସିଏ ବାବା ମା ଘରଦୁଆର ଛାଡ଼ି ରାସ୍ତା ଉପରକୁ ଦିନେ ଗୋଟେ ବସନ୍ତର ରଙ୍ଗ ବେଳରେ ଓହ୍ଲାଇଗଲା !

ସେ ପ୍ରାୟ ପାଟିକରି ଉଠିଲା । ସେ ପଥର ପରି ସ୍ଥାଣୁ ହୋଇଗଲା । ଆଉ ସେ ଲାଲଘୋଡ଼ା ମନେରଖିଚ ପାଓକୁ···ତା'ର ମାଲିକାଣୀକ । ସେ ଆଗେଇଆସିଲା । ସିଏ ପାଓକୁ ପ୍ରାୟ ବୋହିନେଲା । ପାଓ ଛୁଆପରି କାନ୍ଦୁଥିଲା ।

ଆହା ! ସେ ହଳଦିଆ ନୀଳରଙ୍ଗର ପକ୍ଷୀଟି ପାଖରେ ଥାଆନ୍ତା କି···ଯିଏ ପାଓର କଥା ବୋହିନେଇଥିଲା ଶିଏର ପାଖକୁ !!

ଗୃକରଣୀ

ସେମାନେ ଥିଲେ ଦି' ପରାଣୀ—ବୁଢ଼ାଟିଏ ବୁଢ଼ୀଟିଏ । ଭାରି ଲୋଭୀ ! ଲୋଭ କହିଲେ ନସରେ । ଇମିତକା ଲୋଭୀ ଲୋକର ନାଁ କେହି କେବେ ଶୁଣିନଥିବେ । ସେମାନେ ବି ଦିନେ ଯୁଆନ ଥିଲେ । ଆଉ ଲୋଭ କରି ସେମାନେ ଧନ ସଞ୍ଚିଲେ । ଘର ଦୁଆର, ବାରି ବଗିଚା···ସବୁ ଖାଲି ଧନରେ ଭରା । ଏମାନଙ୍କର ପିଲାଛିଲା କେହିନାହିଁ । ଖାଇବାକୁ ତ ଦି'ଟା ପେଟ— କେତେ ଖାଆନ୍ତେ ! ସେଥିରେ ବି କଟକଣା । କିଛି ଖାଇବାକୁ ଇଚ୍ଛା କରନ୍ତିନ ! କେତେ କମ୍ ଖାଇପାରିବେ ସେଇ ଚିନ୍ତା । ଏ ବେଳା ସେ ବେଳା ପଟେ ପଟେ ରୁଟି ଖାଆନ୍ତି । ଲୁଣ ତରକାରି, ଡାଲି, ଭଜା କିଛି ନାହିଁ ! ରୁଟିକୁ ପାଣିରେ ଭିଜେଇଦିଅନ୍ତି । ଗ୍ଲେବେଇ ଗ୍ଲେବେଇ ରୁଟି ପଟେ ଲେଖାଏଁ ଖାଆନ୍ତି । ପେଟେ ପେଟେ ପାଣି ପିଅନ୍ତି । କାଲେ କୋଉଠି ରୁଟିର ଖଣ୍ଡିଟିଏ ଲାଗିଥିବ ତେଣୁ, ପୋଛିପାଛି ଖାଆନ୍ତି ଆଉ ଓଡ଼ମାରି ପେଟ ଥାପୁଡ଼ାନ୍ତି । ଓଃ କେତେ ଖାଇଦେଲେ !!

ଲୁଗାପଟା ସେଇପରି ମଇଳା ଝଇଲା; ଯାହିତାହି । ମୁଣ୍ଡରେ ତେଲ ନାହିଁ—ସବୁବେଳେ ରୁଖୁରା । ବୁଢ଼ା ସବୁବେଳେ ଲଣ୍ଡା ହୁଏ । ତେଲ ଲୋଡ଼ା ହେବନି—ହେଲେ ଘରଟା ଧନରେ ଭରା ।

ଏ ଦିହେଁ ଯେତେବେଳେ କାମଦାମକୁ ପାରୁଥିଲେ, ସବୁ କାମ ନିଜେ

Digitized by srujan ka@gmail.com

କରୁଥିଲେ । ଚାକରବାକର ରଖନ୍ତିନ । ତାଙ୍କ ପଇସା ପର କିଆଁ ଖାଇବ ? ଜଣକୁ ରଖିଲେ ତାକୁ ପୋଷିବାକୁ ହେବ । ଖାଇବାକୁ ପିଇବାକୁ ଦେବାକୁ ହେବ । ଦରମା ଦେବାକୁ ହେବ । ଏମାନେ ଇମିତି ମଣିଷ ଥିଲେ ଯେ, ଦାନ୍ତର ମଳ ଟିକେ କାହାକୁ ଦେବାକୁ ଚାହୁଁନଥିଲେ । ତା' ହେଲେ ଚାକର ରଖିବେ କିପରି ? କିନ୍ତୁ ଘରେ ଦିନକୁ ଦିନ କାମ ବଢ଼ିଲା । ସେଇଠୁ ସେମାନେ ବାଧହୋଇ କୋଉ ଦୂର ଗାଁରୁ ଝିଅଟିଏ କିଣିଆଣିଲେ । ମା' ବାପ ଛେଉଣ୍ଡ ଅରକ୍ଷିତ ଝିଆଟେ —ସେ ହେଲା ଘରର ଚାକରାଣୀ ।

ଏ ବୁଢ଼ାବୁଢ଼ୀଙ୍କ ଲୋଭ କଥା ଚାରିଆଡ଼ର ଲୋକ ଜାଣନ୍ତି, ସେଥିପାଇଁ ଏମାନଙ୍କ ନାଁ କାହାରି ତୁଣ୍ଡରେ ଶୁଭେନି । ପଚାରିଲେ କହନ୍ତି, ସେମାନଙ୍କ ନାଁ ଜିଭରେ ପଇଟେନି । ଆଉ ନଠେଇ ନଠେଇ ପଚାରିଲେ କହିବେ··· ଧୋକଡ଼···ଧୋକଡ଼ୀ !! ସେମାନେ ଡରନ୍ତି କାଳେ ଖାଇବାକୁ ମିଳିବନି । ଥରେ କିଏ ଭାତ ତୁଣ ବେଢ଼େଇ ପରେ ସେମାନଙ୍କ ନାଁ ଧରିଲା—ହଠାତ୍ କରି ହାଣ୍ଡି ଭୁଶୁଡ଼ିଲା । କୁକୁର ଭାତ ଖାଇଗଲା । ସେଦିନ ସେମାନେ ଉପାସ ! ଇମିତି ଅନେକ କଥା ସେମାନଙ୍କ ନାଁରେ ଶୁଣାଯାଏ ।

ଯୋଗୀ ଭିକାରି ଆସନ୍ତି । ବହୁତ ବିକଳ ହେଇ, ନେହୁରା ହେଇ ମାଗନ୍ତି ମୁଠେ ଖାଇବାକୁ । ମାତ୍ର କୌଣସି ଲୋକ ଏଠୁ କେବେ କିଛି ପାଇଥିବା ଜଣାଯାଏନାହିଁ । ଯଦି କେହି କିଛି ପାଇଛି ତା' ହେଉଛି ବୁଢ଼ାବୁଢ଼ୀଙ୍କ ଗାଳି । ପହିଲେ ଆସେ ବୁଢ଼ୀ । ସେ ବଡ଼ ବଡ଼ ହେବ—ସାତପୁରୁଷ ଉଘାଇବ । ସର୍ପିବ । ତା' ପରେ ଆସେ ବୁଢ଼ା । ସେ ଶୋଧିବ । ତା'ପରେ ଦିହେଁ ମିଳି ଦ'ଟା କୁକୁର କୁକୁରୀ ପରି ପାଟିକି ଯାହା ଆସିବ ଭୁକିଭୁକି ବକିବେ । ଏଥିକୁ ବଳିଲେ, ଯଦି କୋଉ ଭିକାରି ବେଶୀ ନିର୍ଲଜ୍ଜ ହୁଏ, ବୁଢ଼ା ବୁଢ଼ୀ ଇଟା, ପଥର, ମାଟି, ଗୋଡ଼, ବାଡ଼, ଠେଙ୍ଗା ଯାହା ପାଇଲେ ତାକୁ ଗଳାଇବେ । ଫଳରେ ମଣିଷ ତ ମଣିଷ, କୁକୁର ବି ସେ ଘରର ସୀମା ମାଡ଼େନି । କୁଆ ପକ୍ଷୀ ବି ଭୁଲରେ ସେ ଚାଳରେ କି ସେ ବାଡ଼ରେ ବସେନି । ଗାଁର ବୁଢ଼ାବୁଢ଼ୀ ଏମାନଙ୍କ ନାଁ ନଧର ନାତିନାତୁଣୀଙ୍କି ଡରାନ୍ତି । ଆଉ ଜାଣିବା ଶୁଣିବା ପିଲାଏ ଏ ଦୁଇପ୍ରାଣୀଙ୍କ ନାଁରେ କେତେ ଢଗ ପଦଳ ମେଲନ୍ତି । ଏମାନେ କାଳେ କୁସୁମପଣ୍ଡି, ମକ୍ଷିଚୂଷ୍, ଶୁଣ୍ଡା··· ଆଦି ଆଦି !!

Digitized by srujan ka@gmail.com

ସେଇପରି ଯୋଉ ମାଲିକ ମାଲିକାଣୀ ତାଙ୍କରି ପାଖରେ ଝିଅଟି କାମ କରିବାକୁ ରହିଲା । ପହିଲେ, ଯୋଉଦିନ କଣାହେଇଆସିଲା ସେ ଅନେକ କଥା ଭାବୁଥିଲା ···ହି ଦି'ଟା ବୋଲି ମଣିଷ ତ ଏ ଘରେ ! ବୁଢ଼ାଟାଏ ବୁଢ଼ୀଟାଏ ! କି କାମ ଥିବ କି ! ସେ ଚଞ୍ଚଳ ଚଞ୍ଚଳ କାମ ସାରିଦେବ । ବେଳ ପାଇଲେ ଗାଁ ବୁଲିବ । ସାଙ୍ଗ ସରିସା ଖୋଜିବ । ଗପସପ କରିବ । ବେଣ୍ ଖିପିରେ ଦିନ ବାହିବ । କିନ୍ତୁ ଏ ଭାବନା ତା'ର ଭାବନାରେ ହିଁ ରହିଲା । ସେଠି କାମର ସୀମାନାହିଁ ! ଝିଅଟା ଖୁବ୍ କାମିକା । ଦଶଟାଜଣ ଅଧିଲ ଲୋକ ଯୋଉ କାମ କରିପାରିବେନି ସେ ଏକା କରିଦେବ । ହେଲେ, ଏ ଘରର ଏମିତି ଅଛୁଣ୍ଡା କାମ ଯେ, କାମ କେତେବେଳେ ଛୁଣ୍ଡେନି । ବେଳପଲଖାଇ ଠିଆହେବାକୁ ତରନାହିଁ । ଯଦି କେତେବେଳେ ସାଁ ସାଁ ହୋଇ ପବନ ନେବାକୁ ଠିଆହେଇଯାଏ, ତେବେ ସେ ଦିଗରୁ ବୁଢ଼ୀ ପାଟିକରିଉଠିବ —"ଆଲୋ ଏ ଭୁସୁଙ୍ଗ ଟୋକୀ, କାମରେ ଲାଗ—କାମରେ ଲାଗ ! ତୋତେ ଝୁଆଇପିଆଇ ଭୁସୁଙ୍ଗ କରିଚ—ଦିହ ଭାଙ୍ଗିଯିବ କି ! କାମ ଟଇରୁ କହୁଚୁ !"

ବୁଢ଼ୀ ତାକୁ ଦେଖିବେଳେ ବାଘପରି ଛକିବସିଥାଏ । ଏଡ଼େ ଏଡ଼େ ଆଖି କରି ଚାହିଁଥାଏ । ଆଉ ହାତରେ ବାଡ଼ିଟେ କି ଠେଙ୍ଗାଟେ । ଗୁହୁଁ ଗୁହୁଁ ମାଡ଼ିଆସିବ । ଚୋଟୋଚୁ ଠେଙ୍ଗେଇବ । ତା'ଠି ଦୟା ମାୟା ସ୍ନେହ ଶରଧା କିଛି ନାହିଁ । ଦିନନାହିଁ—ରାତିନାହିଁ—ଗଧ ଖଟଣି । ଖାଇବାକୁ ପଟେ ଚୁନି । ଲୁଗାପଟା ହେପରି କିଛି ନାହିଁ । ରାତିକରୁ ଉଠିବ, କାମ କରିବ । ଅଧାବାଡ଼ି ପାଏଁ ଖଟିବ । ପେଟ ଲାଗିଯାଉଥିବ । ପିଠି ଲାଗିଯାଉଥିବ । ବେଳେବେଳେ ଦେହରେ ଲଡ଼ବସିବ, ବେତ କଟିବ । ନୋଳା ଫାଟିବ । ଇମିତି ଗୋଟାଏ ଜୀବନ । ଇଏ କି ଜୀବନ !!

ହେଲେ ସେ ଗୋଟେ ଅଲଗା ଯୁଗ ଥିଲା । ଆଉ ଝିଅଟାର ନିଜର ବୋଲି କେହି ଥିଲେନି । କାହା ଆଗରେ ବା ଦୁଃଖ କାହାଣୀ କହିବ ? ଯାଇ ପଡ଼ିଶାଏ ସେ ଖୁଣ୍ଟା ଘରଠୁ ଦୂରରେ ରହନ୍ତି । ସେଥିପାଇଁ ତା'ର ବି କାହାରି ସହ ସମ୍ପର୍କ ନଥାଏ । କପାଳକୁ ଆଦରି ସେ ପଡ଼ିରହିଥାଏ । ଆଉ ଦୁଃଖର କଥା, ଝିଅଟା ଦେଖିବାକୁ ଆଦୌ ସୁନ୍ଦରୀ ନୁହେଁ । ଅବଜିଆ ମୁହଁ । ଜେଡ଼୍ କାଠର ଗୁଳିପରି ରୂପ । ଭେସଡ଼ା ନାକ । ବାହାଡ଼ା ଦାନ୍ତ । କାନ ଦିଟା ଏଡ଼େ ଏଡ଼େ । ପୁଣି ଆଗକୁ ବଙ୍କେଇ ଝୁଲିଥାଏ । ଆଖି ଦି'ଟା

Digitized by srujan ka@gmail.com

ମୁହଁ ତୁଳନାରେ ଛୋଟ ଛୋଟ । ଭ୍ରୂଲତାରେ ଲୋମ ନାହିଁ । ଖୁବ୍ ଅସୁନ୍ଦର । ବର୍ଣ୍ଣ । ଏସବୁ ମିଶି ତା' ଜୀବନଟାକୁ ଗୋଟାଏ ଜଳନ୍ତା ଅଭିଶାପ କରି ତୋଳିଥାଏ ।

ଝିଅଟା କ'ଣ କରନ୍ତା । ବୁଢ଼ାବୁଢ଼ୀ ଶୋଇଗଲେ, ଚାରିଆଡ଼ ନିଃଶବ୍ଦ ହେଲେ ବାହାରକୁ ଯାଏ—ବହେ କାନ୍ଦେ । ଏଇପରି ନିତି ପ୍ରତି । ସେଇ କାନ୍ଦଣା ପବନରେ ଖେଳି ଖେଳି କୁଆଡ଼େ ନାହିଁ କୁଆଡ଼େ ଯାଏ । ବେଳେ-ବେଳେ ପାଟିକରି, କେତେବେଳେ ସକେଇ ସକେଇ ସେ କାନ୍ଦେ । ନୁଆଏ ଡରନ୍ତି । ମା'ମାନେ ତା' କାନ୍ଦଣାକୁ ନାନା ରୂପ ଦେଇ ଅଝଟ କାନ୍ଦୁରା ପିଲାକୁ ଡରାନ୍ତି । ଆଉ ସେଇ କାନ୍ଦଣା ଶୂନ୍ୟେ ଶୂନ୍ୟେ ଯାଏ । ମହାଶୂନ୍ୟରେ ସରଗ ଅଛି । ସେଇ ସରଗରେ ଦେବତାମାନେ ରହନ୍ତି । ସେମାନଙ୍କ କାନରେ ଏ କାନ୍ଦ ବାଜେ । ସେମାନେ ତରଳିଯାଆନ୍ତି ।

ଥରେ ଆଠଜଣ ଦେବତା ମର୍ତ୍ତ୍ୟକୁ ବୁଲିଆସିଥିଲେ । ସେମାନେ ଏ ଝିଅଟିର ବିକଳ କାନ୍ଦଣା ଶୁଣିଲେ । ସେମାନେ ଦମ୍ଭଧରିପାରିଲେନି ! ସେମାନଙ୍କ ମଧ୍ୟରେ ଥିଲେ ହୋହୋଟ୍ । ସେ ବଡ଼ ଦୟାଳୁ । କାହାରି ଦୁଃଖ ବିକଳ ସେ ସହିପାରନ୍ତିନି । ସେ କହିଲେ, "ଏ ଝିଅଟା ବହୁତ କାନ୍ଦିଲାଣି । ବହୁତ ଦୁଃଖ ସହିଲାଣି । ଏଥର ଏହାକୁ ରକ୍ଷା କରିବାକୁ ହେବ ।"

ତହିଁଆରଦିନ ହୋହୋଟ୍ ଗୋଟାଏ ଭିକାରି ବେଶ ଧଇଲେ । ଛିଣ୍ଡା ଲୁଗାପଟା । ଅଭିକା ବେଶ । ପ୍ରପଞ୍ଚିଆ—ଅବର୍ଜିଆ । ଯିଏ ଦେଖିବ ସିଏ ମାରିଗୋଡ଼ାଇବ । ସେ ଆସି ପହଞ୍ଚିଲେ ବୁଢ଼ାର ଘର ଆଗରେ । ଭାଗ୍ୟକୁ ସେତେବେଳେ ବୁଢ଼ାବୁଢ଼ୀ ଘରେ ନଥା'ନ୍ତି—ସେମାନେ କୁଆଡ଼େ ପବନ ଖାଇ ଯାଇଥା'ନ୍ତି, ତା' ନହେଲେ ତ ପଥର ବା ଠେଙ୍ଗାରେ ସେ ତାଙ୍କୁ ପୂଜାକରିଥା'ନ୍ତେ ।

"ଚାରିଦିନରୁ ଖାଇନି । ମୋତେ ମୁଠେ ଖାଇବାକୁ ଦିଅ—ମା' ।"

ହୋହୋଟ୍ ଦୂର ଫାଟକ ପାଖେ ବିକଳରେ କହିଲେ । ଦଉଡ଼ିଆସିଲା ସେ ଝିଅଟି । ଲୋକଟିର ଅବସ୍ଥା ଦେଖି ତା' ମନ ଓଦାହେଇଗଲା । ସେ ଜାଣେ ଦୁଃଖୀର ଦୁଃଖ । ନିଜେ ତ ନିତି ପ୍ରତି ଅଙ୍ଗେନିଭାଉଛି । ଦୁଃଖୀ ଯିଏ ସେ ଅନ୍ୟର ଆପଦବିପଦରେ ଦରଦ ହୁଏ । ଲୋକଟିର ଖାଙ୍କର ବେଶ । ପେଟରେ ଅନ୍ନ ନାହିଁ । ସେ ତାକୁ କ'ଣ ଦେବ ? ସେ ନିଜେ ସେ ଗରିବ ।

Digitized by srujan ka@gmail.com

ବଡ଼ ନଥିଲଟାଏ ସେ । ଏଠି ଯାହା ତ ସମ୍ପଦ ସବୁ ସେଇ ବୁଢ଼ାବୁଢ଼ୀଙ୍କର । ଯାହା ଦେଲେ ସେ ଗାଳଖାଇବ, ମାଡ଼ଖାଇବ । ନା—ନା, ସେ ସେମାନଙ୍କ ଧନରେ ହାତ ଦେବନି । ତେବେ କମିତି ସେ ଭିକାରିକି ସନ୍ତୁଷ୍ଟ କରିବ ? ହଠାତ୍ ତା'ର ଗୋଟେ କଥା ମନେପଡ଼ିଲା । ଗୁଇନାର ଏ ପାଖେ ଲୋକେ ବେଣ୍ଟି କରି ନିଆଁ ଜାଳନ୍ତି । ନଡ଼ା ପୁଆଳକୁ ଉଂଛୁ, ବାଛୁ ଗୋଟା ଗୋଟା କରି ବେଣ୍ଟି ବଳାଯାଏ । ବେଣ୍ଟି ଭାଙ୍ଗିଲାବେଳକୁ ଯୋଉ ଗୋଟିଏ ଯୋଡ଼ିଏ ଧାନ ଥାଏ, ଝିଅଟି ସେଗୁଡ଼ିକ ବାଛି ଏକାଠି କରିଚି । ସେଇତକ ସାଇତିଚି । ଓଃ, ସେ ତ ବେଶ୍ ଅନେକ ଧାନ ହେବ । ଆଉ ସେଇ ଧାନରୁ ଗୁଣ୍ଡଳ ହେବ । ସେଇତକ ତା'ର ସବୁ ସମ୍ବଳ । ତା' ଛଡ଼ା ତା'ର ଆଉ ନିଜର ବୋଲି କିଛି ତ ନାହିଁ । ଝିଅଟା ତା'ର କୁଡ଼ିଆକୁ ଦଉଡ଼ିଗଲା । ସେଇତକ ଆଣି ସେ ଅଜାଡ଼ିଦେଲା ଭିକାରିର କାନିରେ ।

"ତମର କେଡ଼େ ହୃଦୟ...ମା' ।"

"ନା...ରେ...ନା, ଏ କିଛି ନୁହେଁ । ମୋର ତ ଏତିକ ଖାଲି ଥିଲା ।"

"ଜାଣେ । ଏବେ ଏଇ କପଡ଼ାଟା ନିଅ—ମା' । ପ୍ରତିଦିନ ଗାଧୋଇ-ସାରି ଏଇଥିରେ ତମ ମୁହଁ ପୋଛିନେବ । ମନେରଖ—କାହାକୁ କେବେ ଦେବନି ।"

ଝିଅଟି ସେ ଛିଣ୍ଡା କପଡ଼ାକୁ ସ୍ନେହରେ ମୁଣ୍ଡରେ ଲଗାଇଲା । ଏତେ ଦିନରେ ତାକୁ ଏଇ ଜଣକ କଅଁଳ କଥା ପଦେ କହିଚି । ଏଇ ଜଣକ ତାକୁ ଉପହାରଟିଏ ଦେଇଚି । ଆଉ ତ କେହି ତାକୁ ଆହା କହିନି । ଏଇ ତା'ର ଅମୂଲ୍ୟ ଦରବ । ଆଉ ସେଇ ମୁହୂର୍ତ୍ତରେ—ଫାଟକ ପାଖରେ ଦେଖାଦେଲେ ତା'ର ମାଲିକମାଲିକାଣୀ । ବୁଢ଼ୀ ଉଙ୍କୁଣୀପରି ସେଆଡ଼ୁ ଗରଜିଲା, "ମୋ' ଘରକୁ ଏ ଧୁଣ୍ଡୀ ଟୋକୀ ସାରିଦେଲା । ଏ ସବାଖାଣ୍ଡି, ହଇଲୋ ଏ...କ'ଣ ଗୁଡ଼ାକ ଦେଇପକାଉଚୁ । ଆମେ ଘରେ ନାହୁଁ ବୋଲି ତୁ ଘରର ସବୁ ଜିନିଷ ଦେଇଦେଉଚୁ ।"

ଏବେ ବୁଢ଼ା ଠେଙ୍ଗାଟାଏ ଧରି ଗୋଡ଼େଇଆସିଲା । ସେ ପାଟିକଲା, "ଆରେ—ଆରେ—ଛିଣ୍ଡା ଲେଙ୍ଗୁଟିଆ, ଏଠିକି ଆସିଚୁ କଆଁ ? ଏଠି କ'ଣ ବୋପା ତୋ'ର ଥାଇ ଥୋଇଥିଲା ? ହଇରେ, ତମେଗୁଡ଼ା କାମ ନକରି ଭିକ ମାଗୁଚ କିଆଁ ? ଦେ, ଦେ— କ'ଣ ନେଇଚୁ—ଦେ ।"

Digitized by srujan ka@gmail.com

ଠେଙ୍ଗାରେ ଲୋକଟିକ ପିଟିବାକୁ ସେ ଉହୁଁକଆସିଲା । କିନ୍ତୁ ସେହି ମୁହୂର୍ତ୍ତରେ ସେ ଯୁକବଣୀଟି କହିଲା, "ସାହୁଏ, ତାକୁ ମୁଁ ତମର କିଛି ଜିନିଷ ଦେଇନ । ତମେ ଆଗେ ଘରେ ଦେଖ । କିଛି ଦେଇଥିଲେ ମୋତେ ପିଟ, ମାର, ହାଣ, କାଟ—ଯାହା ଇଚ୍ଛା ତାହା କର । ସେ ବିଚରା ନିର୍ଦ୍ଦୋଷ । ତାକୁ ଦଣ୍ଡନ ସାହୁ ।"

"ଆଲୋ...ହେ, ତୁ କ'ଣ ବଡ଼ି ବଡି କଥା କହୁଚୁ ?" ଏକଥା କହି ବୁଢ଼ା ଭିକାରି ପଛରେ ଦଉଡ଼ିଲା । ସେ ମାଡ଼ ଡରରେ ଧାଇଁ ପଳାଇଗଲା । କୋଉଠି ଉଭାନ୍ ହୋଇଗଲା ।

ଏଣେ ବୁଢ଼ାବୁଢ଼ୀ ଘରସାରା ବୁଲିଲେ । ସବୁ ଦେଖିଲେ । ସବୁ ପରୀକ୍ଷା କଲେ । ସବୁ ଜିନିଷପାତ୍ର ଠିକ୍ ଅଛି । କୌଣସି କିଛି ଉଣା ହୋଇନ । ସେମାନେ ସ୍ୱସ୍ତିର ନିଃଶ୍ୱାସ ଛାଡ଼ିଲେ । ତଥାପି ବଢ଼ୁରୀ ଯୁକବଣୀଟି ଉପରେ ନାନା ଅକଥ୍ୟ ଭାଷାରେ ଗାଳି ବର୍ଷିଲେ । ମାଡ଼ ମାରି ଧେକମେକ କଲେ ।

ଯୁକବଣୀଟି ସେଇଠି ପଡ଼ିରହିଥାଏ । ସେଇଠି ଦିନରାତି ଖଟିବୁଲୁଥାଏ । ଆଉ ଗାଧୋଇ ସାରିଲା ପରେ ସେଇ କପଡ଼ାରେ ମୁହଁ ପୋଛେ । କଥାରେ ଅଛି—ଯାହା କରିବେ ସାଇଁ, ତାହା କାହାର ହାତରେ ନାହିଁ । ଆଗରୁ କହିଚି ସେ ଭିକାରି ସାଧାରଣ ଲୋକଟିଏ ନଥିଲେ । ସେ ଯୋଉ କପଡ଼ାଟି ଦେଇଗଲେ ତା'ର ଅଦ୍ଭୁତ ଗୁଣ । ଯୁକବଣୀ ସେ କପଡ଼ାରେ ମୁହଁ ପୋଛେ । ଆଁ...ଦେଖ ସେ କପଡ଼ାର କାମ ! ସେଇ ଅସୁନ୍ଦରୀ କନ୍ୟାଟା ଦିନକୁଦିନ ସୁନ୍ଦରୀ ହୋଇଉଠିଲା । ଦେଖୁ ଦେଖୁ ଦିନ କେଇଟାରେ ସେ ଜଣେ ଅପୂର୍ବ ସୁନ୍ଦରୀ ଝିଅ ହୋଇ ରୂପରେ ଦାଉ ଦାଉ ଜଳିଉଠିଲା । ବୁଢ଼ା-ବୁଢ଼ୀ ଦେଖି ତ ଆଶ୍ଚର୍ଯ୍ୟ !

ସେତକ ହୋଇଥିଲେ ଚଳଥା'ନ୍ତା ! ସେମାନେ କାହାର ଭଲ ଦେଖି ପାରନ୍ତି ନାହିଁ । କାଳୀ, କୋତରୀ, ଅସୁନ୍ଦରୀ ଝିଅଟାର ଏ ଦିବ୍ୟ ସୁନ୍ଦରପଣ ଦେଖି ସେମାନଙ୍କ ଆଖିରେ କଣ୍ଟା ଗଳିଗଲା । ସେମାନେ ତାକୁ ଖୁବ୍ ପିଟା-ପିଟି କରି ପଚାରିଲେ । ସେ କ'ଣ କରନ୍ତା ! ମାଡ଼ ଡାଉରେ ସତକଥା କହି-ପକାଇଲା । ତା'ପରେ ସେ ଧୋକଡ଼ୀ ତା'ଠୁ ସେ କପଡ଼ାଟି ଛଡ଼ାଇନେଲା । ଝିଅଟି ମନ ଦୁଃଖରେ କହିଲା, "କୋଉ ଦେବତା ତମେ ଆସିଥିଲ, ମୁଁ ଜାଣେ ତମେ ମନାକରିଥିଲ କାହାକୁ ନଦେବାକୁ—ତାକୁ ହାତଛଡ଼ା

Digitized by srujan ka@gmail.com

ନକରିବାକୁ । ମୁଁ ଦେଇନ ପ୍ରଭୁ ! ସେ ବୁଢ଼ାବୁଢ଼ୀ ହଳଙ୍କ ମୋ'ଠୁ ଜୋର୍-ଜବରଦସ୍ତ ଛଡ଼ାଇନେଇଛନ୍ତି । ଏକଥା ତମେ ବୁଝିବ । ମୋର ଦୋଷ ନାହିଁ । ମୁଁ ତମର ଦୋରେହା ହେଇନ ।"

ବୁଢ଼ାବୁଢ଼ୀ ମହାନ୍ ଖୁସି । ସେମାନେ ଗାଧୁଆପାଧୁଆ କଲେ । ସେ କପଡ଼ାରେ ରଗଡ଼ ରଗଡ଼ ମୁହଁ ପୋଛିଲେ । କ'ଣ ହେଇଥିବ ? ଖୁବ୍ ସୁନ୍ଦର ହେଇଥିବ ସେମାନଙ୍କ ମୁହଁ ଦୁଇଟା । ସେମାନେ ବ ସେଇଆ ଭାବିଥିଲେ । ମାତ୍ର ବେଳେବେଳେ ନାହିଁ ନଥିଲା କଥା ଘଟିଯାଏ । ଏଇଠି ସେଇଆ ହେଲା । ସେମାନେ · ସେଇ ଧୋକଡ଼ାଧୋକଡ଼ୀ ଦର୍ପଣ ଆଣିଲେ । ମୁହଁ ଦେଖିବାକୁ ପ୍ରବଳ ଆଗ୍ରହ । ସେମାନେ ଯେମିତି ଗୁହିଁଥା'ନ୍ତି—ସେମାନଙ୍କ ଦେଖନ୍ତରେ ସେମାନଙ୍କ ସେଇ ମଣିଷ ମୁହଁ ଦୁଇଟି ମାଙ୍କଡ଼ ମୁହଁରେ ବଦଳିଗଲା । ସେମାନଙ୍କ ଦେହଯାକ ମାଙ୍କଡ଼ର ଲୋମପରି ଲୋମ କଅଁଳିଲା । ଦେଖୁଁ ଦେଖୁଁ ସେମାନେ ଗୋଟାଏ ମାଙ୍କଡ଼ ଗୋଟାଏ ମାଙ୍କିଡ଼ୀ ହେଇ-ଗଲେ । ଏଥର ମଜା ଦେଖ ! ସେମାନେ ହୁଁ ହୁଁ କଲେ । ଘୁଟିପିଟି ହେଇ ଡେଇଁ ଡେଇଁ ବଣକୁ ପଳାଇଗଲେ । ବେଳେବେଳେ ଘର ପାଖକୁ ଆସନ୍ତି । ଖେଁ ଖାଁ କରନ୍ତି । ଲୋକେ ଠେଙ୍ଗା ବାଡ଼ି ଧରନ୍ତି, ଗୋଡ଼ାଇ ଗୋଡ଼ାଇ ପିଟନ୍ତି । ହାଲକଯାକ ଜୀବନ ବଦଳରେ ଜଙ୍ଗଲକୁ ପଳାନ୍ତି । ଇମିତି ହେଲା, ସେ ଦ'ଟାକୁ ପାଖ ବଣରୁ ତଡ଼ଦିଆଗଲା ।

ସେ ଝିଅଟିର କ'ଣ ହେଲା···ଏବେ ସେ ଝିଅକୁ ଦେଖିବ କ'ଣ ! ଧନ ତ ଭରିଚି । ରୂପ ତ ଭରିଚି । ଆଉ ଅଛି ସୁଗୁଣ । ତା'ର ଏ ସବୁରେ ମୁଗ୍ଧ ହେଇ ଜଣେ ଧନୀ କୁବେରର ଗୁଣବନ୍ତ ପୁଅଟିଏ ଆସିଲା । ଦହିଁଙ୍କର ବାହାଘରକୁ ଅନେକ ଖିଆପିଆ ହେଲା । ଗରିବଗୁରୁବାଙ୍କୁ ପେଟପୂରି ଖାଇବାକୁ ଦିଆଗଲା । ହୋହୋଚ୍ଛା ଉକାର ମେଳରେ ଥିଲେ କ ନାହିଁ କିଏ କହିବ ?

ଥିଲେ ଦ'ଟି ପିଲା

ଭିଏ ଦ'ଟି ପିଲାଙ୍କ କାହାଣୀ । ଏକା ବୟସର । ଏକା ଉଚ୍ଚ । ଏକା ରଙ୍ଗ । ଏକାପରି ନାକ, କାନ, ଆଖି, ଗୁଲଚଳନ । ଦୂରରୁ ଦେଖିଲେ ଏକା ମାଆର ଜାଆଁଳା ଭାଇପରି ଦିଶନ୍ତି । ସେମାନେ ପରସ୍ପରକୁ ଭଲପାଆନ୍ତି ।

Digitized by srujan ka@gmail.com

ଯୁଆଡ଼େ ଯାଆନ୍ତି ଏକାଠି ଯାଆନ୍ତି । ଏକାଠି ଖାଆନ୍ତି, ପିଅନ୍ତି, ଖେଳନ୍ତି, ବୁଲନ୍ତି—ସତେ ଯେପରି ଜଣେ ବଡ଼ ଓ ଆରଜଣକ ତା'ର ସାନ । ଜଣକର ନାଁ ଲଉ ଚୁଆନ୍, ଆରଜଣକ ନାଁ ଯୁଆନ୍ ସଓ । ସେମାନଙ୍କ ଗାଁର ନାଁ ଥିଲା ଲୁ-ସୁ । ସେଇ ପିଲା ଦୁହିଁଙ୍କ ଖରାଦିନ ହେଉଥାଏ । ପାଣିର ବଡ଼ ଅଭାବ । ପିଲା ଦୁହିଁ ଦୁହିଁଙ୍କ କାଠ ବାଲ୍ଟି ଧରିଲେ । ସେମାନେ ଗଲେ ପାଖ ନଈକି । ପାଣି ଆଣିବାପାଇଁ ବାପା-ମା' ପଠାଇଥା'ନ୍ତି । ଗାଁରେ ପାଣିର ଅଭାବ । ଏ ନଈର ପାଣି ବେଶ୍ ମିଠା ।

ସେମାନେ ବାଲ୍ଟିରେ ପାଣି ଭରିଲେ । ବାଲ୍ଟି ଧରି କୂଳ ଉପରକୁ ଉଠିଲେ । ଅଳ୍ପ ଦୂରରେ ଦୁଇଟିରଟା ପକ୍ଷୀ ଚେଁ ଚେଁ କରି ଉଡ଼ିଗଲେ । ପିଲା ଦୁହିଁଙ୍କର ଦୃଷ୍ଟି ସେ ଆଡ଼କୁ ଟାଣିହୋଇଗଲା । ସେଆଡ଼େ ଗୋଟାଏ ବଣ ସୁନ୍ଦର ଫୁଲରେ ଭରା । ହାତ ପାପୁଲିପରି ଏଡ଼େ ଏଡ଼େ ପ୍ରଜାପତି । ରଙ୍ଗରେ ସେଗୁଡ଼ା ଫାଟିପଡ଼ୁଛନ୍ତି । ଫୁଲରୁ ଫୁଲକୁ ଉଡ଼ୁଛନ୍ତି । ମଧୁ ପିଉଛନ୍ତି । ଗୁଣୁ ଗୁଣୁ ଗୀତ ଗାଉଛନ୍ତି ।

ଆଉ କେତେ ରଙ୍ଗର ପକ୍ଷୀ ! ସେ ପକ୍ଷୀଗୁଡ଼ିକ ଗୋଡ଼ାଗୋଡ଼ି ହେଉଛନ୍ତି । ଏ ଡାଳରୁ ସେ ଡାଳକୁ ଉଡ଼ୁଛନ୍ତି । ଗୀତ ଗାଉଛନ୍ତି—ଚିର୍... ଚିର୍...ଚିର୍...ଆମପରି ଡେଣା ଥିଲେ କଏ ହେବ ଥିର୍ ! ଚଢ଼େଇଗୁଡ଼ିକ ଖଣ୍ଡି ଉଡ଼ା ଦେଉଛନ୍ତି । ଅଣ୍ଟକୁ ଅଣ୍ଟ ଲଗାଇ କଥାଭାଷା ହେଉଛନ୍ତି ।

ପିଲା ଦୁହିଁଙ୍କର ମନରେ ପକ୍ଷୀମାନଙ୍କ ଡେଣା କଅଁଳିଲା । ସେମାନେ ପକ୍ଷୀଙ୍କି ଗୋଡ଼ାଇଲେ । ପ୍ରଜାପତିଙ୍କ ଧରିବାକୁ ଧାଇଁଲେ । ବଣର ଫୁଲ ତୋଳି ତୋଳି ବୁଲିଲେ । କୋଉଠି କୋଳି ଫଳିଛି—କୋଳି ତୋଳିଲେ । ଆଉ ସେମାନେ ଭୁଲିଗଲେ ସେମାନଙ୍କ ପାଣି, ଭୁଲିଗଲେ ସେମାନଙ୍କ ଗାଆଁ, ଦାଣ୍ଡ, ବାବା, ମା', ଆଉ ଆଉ ଅନେକ କଥା । ବଣରେ ବୁଲିବୁଲି ଯାଉଥା'ନ୍ତି । ଯେତିକି ଅଧିକ ବଣ ଭିତରକୁ ଯାଉଥା'ନ୍ତି ବଣଟି ସେତିକି ସୁନ୍ଦର ଦିଶୁଛି । ସେତିକି ବଢ଼ିଆ ଦିଶୁଛି । ସେମାନେ ବୁଲୁଥା'ନ୍ତି ଆହୁରି ଆହୁରି ଭିତରକୁ—ସତେ ଯେପରି କୋଉ କୁହୁକଆ ମନ୍ତ୍ର କରି ସେମାନଙ୍କୁ ଟାଣୁଛି !

ଯାଉଛନ୍ତି ତ...ଯାଉଛନ୍ତି । ମନ ଖୁସିରେ ବୁଲୁଥା'ନ୍ତି । ଦେଖୁ ଦେଖୁ ଗୋଟାଏ ପାହାଡ଼ ପାଖରେ ପହଞ୍ଚିଲେ । ସେଠି ଦେଖିଲେ ଗୋଟେ ବଡ଼ ଗୁମ୍ଫା । ସେ ଗୁମ୍ଫାର ଦୁଇପାଖରେ ଦୁଇଟି ବଡ଼ ପଥର । ପଥର ଉପରେ

Digitized by srujan ka@gmail.com

ବସିଥା'ନ୍ତି ଦୁଇଟି ପରୀ । ସେମାନେ ଚେସ୍‌ବୋର୍ଡ୍ ପକାଇ ଖେଳୁଚନ୍ତି । ଗଛ ଉପରେ ଗୁଣ୍ଡୁଚିମାନେ ଖେଳ ଲଗାଇଥା'ନ୍ତି । ପକ୍ଷୀମାନେ ଗୀତ ଗାଉଥାନ୍ତି । ସେମାନଙ୍କ ସାମନାରେ ଧଳା ଖରଥା (ଠେକୁଆ)ଟିଏ । ସେ ଖରଥା ଡେଇଁଥାଏ—ପଡୁଥାଏ । ଥରେ ପଡ଼ିଲେ ଗୁରୁଆଡ଼ ନାଲି, ହଳଦିଆ, ବାଇଗଣି ଆଦି ରଙ୍ଗର ଅସଂଖ୍ୟ ଫୁଲ ଫୁଟିଯାଏ । ଥରେ ଉଠିଲେ ସେ ଫୁଲସବୁ ଶୁଖିଯାଆନ୍ତି ।

ସେମାନେ ଦୁ'ଟି ସୁନାପିଲା । ଖୁବ୍ ସୁଧାର ! ଖୁବ୍ ଭଲ । ସେମାନେ ଜାଣନ୍ତି ଅନ୍ୟମାନେ ଖେଳୁଥିଲାବେଳେ ପାଟିଗୁଣ୍ଡ କରିବା ଭଲ ନୁହେଁ । ତେଣୁ ସେମାନେ ହଁ ଚୁଁ କଲେନି । ଚୁପ୍‌ଚାପ୍ ନୀରବରେ ଠିଆହୋଇ ରହିଥା'ନ୍ତି । ପରୀ ଦୁ'ଟି ଗୋଟି ଚଳାଇ ଖେଳରେ ମାତିଯାଇଥା'ନ୍ତି । ଏଣେ ଠେକୁଆ ଉପରକୁ ଡେଇଁଚି, ତଳେ ପଡ଼ୁଚି । ସିଏ ଏକ ନିର୍ଦ୍ଦିଷ୍ଟ ବେଳରେ ଡେଇଁଚି, ପୁଣି ନିର୍ଦ୍ଦିଷ୍ଟ ବେଳରେ ଖସୁଚି ।

ପରୀ ଦୁ'ଟିର ଖେଳ ସରିଗଲା । ସେମାନେ ଘରକୁ ଯିବେ ବୋଲି ଛିଡ଼ା-ହେଲେ । ସେମାନଙ୍କ ଆଖି ଏ ପିଲା ଦୁ'ଟି ଉପରେ ପଡ଼ିଲା । ସେମାନେ ପଚାରିଲେ, "ତମେ ଦୁହେଁ କିଏରେ ?"

ସେମାନେ ଖୁସି ହୋଇ ନିଜନିଜର ପରିଚୟ ଦେଲେ । ନିଜ ନାଁ, ଗାଁ, ବାପାର ନାଁ କହିଲେ ।

"ଆଉ କେତେ ବେଳୁ ଏଠିକି ଆସିଲଣି ?"

"ପ୍ରାୟ ଦୁ' ଘଣ୍ଟା ହେବ !"

"ଦୁଇଘଣ୍ଟା ! ଆଚ୍ଛା, ଆସ ଆମ ସହିତ । ଏଇ ଆମର ଘର । ଏଇ ଗୁମ୍ଫା ! ବାହାରକୁ ଯେମିତି ଦେଖାଯାଉଚି ଭିତରଟା ତା ନୁହେଁ । ଆସୁନା···ତମର କିଛି ଅସୁବିଧା ହେବନି ମ !" ପରୀମାନେ କହିଲେ ।

"ନା···ନା, ଆମେ ଫେରିଯିବୁ; ଆମ ବାବା ମା ଆମକୁ ଖୋଜୁ-ଥିବେ । ଆମେ ପରା ପାଣି ନେବାକୁ ଆସିଥିଲୁ । ଆମ ପାଣି ବାଲ୍ଟି ନଈ-କୂଳରେ ଛାଡ଼ି ଆସିଚୁ ! ଘରକୁ ଫେରିଯିବା ଦରକାର ।"

"ଘରକୁ ଫେରିଯିବ···? ନା'ରେ, ଯାଅନି । କହୁଚ ଦୁ'ଘଣ୍ଟା ହେଲା ଏଠିକି ଆସିଲଣି ! ଆଉ ଫେରିଯିବ କ'ଣ ? ଆସ···! ତମରି ଭଲ ପାଇଁ କହୁଚୁ !"—ପରୀମାନେ ବୁଝାଉଥିଲେ ।

ପିଲା ଦୁ'ଟି ଜିଦ୍ କଲେ, ସେମାନେ ଫେରିଯିବେ । ପରୀ ଦୁ'ଟିଙ୍କ

Digitized by srujan ka@gmail.com

ମୁହଁରେ ଦୁଃଖର ଗୋଟିଏ ପାତଳା କୁହୁଡ଼ି ଘେରିଗଲା । ସେମାନେ କହିଲେ, "ତମେ ତା'ହେଲେ ଏଠାରୁ ଯିବାକୁ ଚାହୁଁଚ ! ହଉ, ଯିବାକୁ ଚାହୁଁଚ ଯଦି ଯାଅ ! କିନ୍ତୁ ରାସ୍ତା ବାଟଘାଟର ବହୁତ ପରିବର୍ତ୍ତନ ହୋଇ-ଯାଇଥିବ । ତମେ ଦୁହେଁ ହଜିଯିବ । ଯଦି ରହିନପାରିବ, ହଜିଯିବ, ଫେରିଆସିବ ଏଇଠିକି, ଏଇଠି ଆସି ଏଇ ପାହାଡ଼ରେ ଆମେ ଯୋଉ ଡାଙ୍ଗ ଦେଉଚୁ ସେଥିରେ ଠୁକେଇବ, ଆଉ କହିବ—

ପରୀ ଗୋ ପରୀ, ଆସିଚୁ ଆମେ ଫେରି,
କବାଟ ଦିଅ ଖୋଲି ।

ଦି'ଜଣଙ୍କୁ ସେମାନେ ଦୁଇଟି ଡାଙ୍ଗ ଦେଲେ । ତା'ପରେ ଗୁହା ଭିତରକୁ ପଶିଗଲେ । ସଙ୍ଗେ ସଙ୍ଗେ ପାହାଡ଼ର ସେ ସୁଡ଼ଙ୍ଗଟା ବନ୍ଦହୋଇଗଲା । ଜଣାଗଲା, ସେଠି ସେପରି କୌଣସି ବାଟ ନାହିଁ । ପିଲା ଦିହେଁ ସେଇଠି ଠିଆ ହେଲେ । ସେମାନେ ଘରଆଡ଼କୁ ଫେରିଲେ । କିନ୍ତୁ ଏ ବଣଟା ଏମିତି କ'ଣ ହୋଇଚି ! କେଡ଼େ ଅରମା, ଗହନ ହୋଇଚି ! ଏପରି ତ ନଥିଲା ! ସେମାନେ ନଈ ପାଖକୁ ଆସିଲେ । ସେ ନଈଟା ଖୁବ୍ ସାନ ଥିଲା—ଏପରି ଓସାରିଆ···ଏତେ ଗହୀରିଆ ନଥିଲା । ଆଉ ଯୋଉଠି ସେମାନେ ପାଣି ବାଲ୍ତି ରଖିଥିଲେ, ସେ ବାଲ୍ତି ସେଠାରେ ନଥିଲା । ଚାରିଆଡ଼େ ଏଡ଼େ ଏଡ଼େ ପାଇନ୍ ଗଛ ! କ'ଣ ଏମିତି ସବୁ ବଦଳିଯାଇଚି !! ସେମାନେ ବାଟ ବଣା ହୋଇନାହାନ୍ତି ତ ! ସେମାନେ ସ୍ୱପ୍ନ ତ ଦେଖୁ-ନାହାନ୍ତି ! କୋଉଠି କମିତି ପରିଚିତ ଜାଗାଟାଏ ମିଳିଯାଉଚି । ନା, ସେମାନେ ଠିକ୍‌ଅଛନ୍ତି ! ଠିକ୍ ରାସ୍ତା ଧରିଛନ୍ତି ।

ସେମାନେ ଅନୁମାନ କରି ଗାଁ ଆଡ଼କୁ ଚାଲିଲେ । ଆରେ, ଏ ଯେ ସେମାନଙ୍କ ଗାଁ ନୁହେଁ । ସେ ଗାଁ ଭାଜିଗଲାଣି । ଏ ଜାଗାରେ ଗଦାଗଦା ମାଟି । ସେ ପାଖେ ବିଲ ଥିଲା । ସେଠି ବଡ଼ ବଡ଼ ଘର । ଆଉ ଏକ ପାଖରେ କୋଉଠି ବଡ଼ ଖେଳପଡ଼ିଆଟେ ଥିଲା । ଏଇ ପୋଖରୀ ଆସିଲା କୋଉଠୁ ?

ସେଇଠି କେତୋଟି କୁଡ଼ିଆ···! ବସିଚି ବୁଢ଼ା ଜଣେ ।

"ଆଜ୍ଞା, ବୁଢ଼ା ଠାକୁରେ, କହିପାରିବ ଆମ ଘରଟା କୋଉଠି ? କୁଆଡ଼େ ଗଲା ସେ ଘର ? ଆମ ବାପା ମା···"

"ତମ ଘର ? କୋଉ ଗାଁର କି ତମେ ?"

Digitized by srujan ka@gmail.com

"ଆମେ ଏଇ ଗାଁର । ଏଇ ଲୁଣ୍ଡା ଗାଁର ।"

"ଲୁଣ୍ଡାର ? ଅସମ୍ଭବ । ଏଇ ତ ସେ ଗାଁ ।"

"ମୋ ନାଁ ଲଉ ଚୁଆନ୍ ।"

"ମୋ' ନାଁ ୟୁଆନ୍ ଗୃଓ !"

ବୁଢ଼ା ଚହିଁକଉଠିଲା—"ଆରେ, ଏତେ ଟିକେ ଟିକେ ପିଲା—ଏମାନଙ୍କ ଫୁଟାଣି ଦେଖ । ମୋତେ ପାଠପଢ଼େଇବେ ? ଆରେ, ମୁଁ ପରା ଲଉ ଚୁଆନ୍ ଆଉ ୟୁଆନ୍ ଗୃଓର ବଂଶଧର । ଆଜକୁ ଗୃରଶ' ସାଲ ତଳେ ସେ ଦ'ଜଣ ନଈକୁ ଗଲେ ପାଣି ଆଣିବାକୁ—ଆଉ ଫେରିଲେନ । ବରଷ ବରଷ ହେଇ ଗୃରଶ' ବରଷ ଗଲଣି । ତମେ ଦ'ଟା କହୁଚ ତମେ ସେଇ ବୋଲି ! ମୋ' ସଙ୍ଗେ ଥଟ୍ଟାଖେଳୁଚ ନା ମୋତେ ଚିଡ଼ାଇବାକୁ ଆସିଚ ? ଡାକେ ମୋ ନାତିମାନଙ୍କୁ—ସେମାନେ ବାଡ଼େଇ ବାଡ଼ରେ ଚଡ଼ିଦେବେ !"

ବୁଢ଼ା ପାଟିକଲା । ସଙ୍ଗେ ସଙ୍ଗେ ଦଳେ ଯୁଆନ୍ ଆସି ହାଜର୍ ହେଇଗଲେ । ଏ ଦୁଇଜଣଙ୍କୁ ଉତ୍ତମମଧ୍ୟମ କରି ଛେଚିଲେ । ପିଲା ଦ'ଟା କାନ୍ଦବୋବା କରି ଦୌଡ଼ିପଳାଇଲେ । ବିଗୃରିଲେ, ସେଇ ପାହାଡ଼ ପାଖକୁ ଯିବେ । ଗଲେ ବି । ହେଲେ ଏ ପାଟିତୁଣ୍ଡ, ହୋହଲ୍ଲା, ମାଡ଼ପିଟ ଭିତରେ ସେମାନେ ସେଇ ଡାଙ୍ଗଦ'ଟିକୁ କୋଉଠି ପକାଇଦେଲେ । ପରେ ଖୋଜିଲା-ବେଳକୁ ନାହିଁ !

ସେମାନେ ଶେଷରେ ଯାଇ ସେ ପାହାଡ଼ ପାଖେ ପାଟିକଲେ । ମାତ୍ର ଫଳ କିଛି ହେଲାନି । ଲଉ ଦେଖୁଚି ୟୁଆନ୍‌କୁ—ୟୁଆନ୍ ଦେଖୁଚି ଲଉକୁ । ଏ କ'ଣ ହେଲା ! ଆଉ ଏ କ'ଣ ହେଉଚି !! ସେମାନେ ସଙ୍ଗେ ସଙ୍ଗେ ବୁଢ଼ା-ହେଇଗଲେ । ସେଇଠି ପଡ଼ିଗଲେ । ଏ ଥିଲା ସେମାନଙ୍କ ଶେଷ ନିଦ...ମରଣ ।

କଥା କ'ଣ କି, ସେମାନେ ତ ଗଲେ ପରୀଦେଶକୁ । ଏଣେ ବରଷ ପରେ ବରଷ ଗଡ଼ିଗୃଲିଲା । ସେ ଯୋଉ ଧଳା ଖରିଆଟି ଡେଉଁଥିଲା, ସିଏ ଥିଲା ବରଷ । ସେ ଯେତେଥର ଡେଉଁଥିଲା ସେତେଥର ବସନ୍ତ ଆସୁଥିଲା । ତା' ଡଆଁ ସରିବା ସଙ୍ଗେ ସଙ୍ଗେ ବସନ୍ତ ସରୁଥିଲା । ବରଷେ ହେଉଥିଲା । ଏଇପରି ଗୃରିଶଥର ସେ ଖରିଆ ଡେଇଁଲା । ଆଉ ଆମପାଇଁ, ପୃଥିବୀପାଇଁ ଗୃରିଶ ବରଷ ବିତିଗଲା । ପରୀମାନେ ଏକଥା ନିଶ୍ଚିତ ଭାବେ ଜାଣିପାରି-ଥିଲେ । କିନ୍ତୁ ପିଲା ଦ'ଟି ଜାଣିପାରିଲେନି ।

Digitized by srujan ka@gmail.com

ସେମାନେ ହତାଶରେ ଏଇପରି ଭାବେ ସେଇ ପକ୍ଷୀ ନଗରୀର ଦ୍ୱାର-ଦେଶରେ ମରିପଡ଼ିଲେ । ପ୍ରକୃତିର ନିୟମ ଅନୁସାରେ ସେମାନେ ଅନେକ ଦିନରୁ ମରିସାରିଥିଲେ—ବଞ୍ଚିଥିଲେ କେବଳ ପକ୍ଷୀମାନଙ୍କ କରୁଣାରୁ ।

ସରଗପୁରର ଦେବତାରାଜା ଏ ଦି'ଜଣଙ୍କ ଏ ଅବସ୍ଥା ଦେଖି ଦୟା-କଲେ । ସେ ଦି'ଜଣଙ୍କୁ ଦି'ଟି ଦିଅଁ କରିଦେଲେ । ଲିଉ ହେଲା ସୌଭାଗ୍ୟର ଦେବତା, ୟୁଆନ୍ ହେଲା ଦୁର୍ଭାଗ୍ୟର ଦେବତା ।

ଦୁଇଭାଇ

ଧନୀ ଲୋକ ଜଣେ··ଧନୀ ବୋଇଲେ ସାଧାରଣଭାବେ ଧନୀ ନୁହେଁ । ବେଶ୍ ଖୁବ୍ ଥିଲାବାଲା । ରଜାଘର ପରି ତା'ର ବସ୍ତି ଘର । ସୁନ୍ଦର··· ସୁସଜ୍ଜିତ । ଅନେକ ଜମିର ମାଲିକ ସେ ! ଅନେକ ଚାକରଚାକରାଣୀ । ଘରେ ସୁନ୍ଦରୀ ସ୍ତ୍ରୀ । ତା' ସାଙ୍ଗକୁ ଦି'ଟି ପୁଅ । ଯାହାର ଏସବୁ ଥାଏ ସେ ସୁଖୀ ନୁହେଁ ତ ସୁଖୀ ଆଉ କିଏ ? ସେ ଲୋକଟିର ଦିନ ବେଶ୍ ହସ-ଖୁସିରେ କଟିଯାଉଥାଏ । ଆଖପାଖର ଲୋକ କହନ୍ତି ଅମୁକ ଲୋକ ବଡ଼ ଭାଗ୍ୟବାନ୍ । ବଡ଼ କପାଳିଆ ।

ଏଇପରି କିଛିଦିନ କଟିଲା । ଖୁବ୍ ଖୁସିରେ କଟିଲା । ହଠାତ୍ ଥରେ ବୁଢ଼ୀ ବେମାର ପଡ଼ିଲା । ଆଉ ସ୍ୱାମୀ, ସ୍ତ୍ରୀ, ଘର ଦୁଆର, ସବୁକୁ ଭୁଲି ସେପାରିକି ଚାଲିଗଲା । ସେପାରିର ଡାକରା ସେଇଆ । ଡାକଆସିଲେ ଅପେକ୍ଷାର ପ୍ରଶ୍ନ ନାହିଁ—ଯିବାକୁ ହେବହି ହେବ । ବୁଢ଼ା ଝୁରିହେଲା ବୁଢ଼ୀକି । ବରଷେ ନ ପୂରୁଣୁ ସେ ବି ତା' ପୂର୍ବପୁରୁଷମାନଙ୍କ ପାଖକୁ ଚାଲିଗଲା । ଲୋକେ କହିଲେ—ଭଲରେ ଏ ସ୍ୱାମୀ-ସ୍ତ୍ରୀ । ଉଭାଉଭ ହେଇ ମରତରୁ ସରଗକୁ ଚାଲିଗଲେ । ତା'ପରେ ଏସବୁ ଜମିବାଡ଼ିର ମାଲିକ ହେଲେ ଦି' ଭାଇ ।

ଏକା ମା'-ବାପର ଦି' ପୁଅ । ମାତ୍ର ଦି'ଜଣଯାକ ସବୁ କଥାରେ ଅଲଗା । ବଡ଼ଭାଇ ଡେଙ୍ଗା, ପତଳା, ଖେଡ଼ଖେଡ଼ିଆ । ନାକ ଆଗରେ ବୁଦ୍ଧି । ହୃଦୟ ଆଦୌ ସଫାନୁହେଁ ।

ସାନଭାଇ ଗେଡ଼ା । ମୋଟାସୋଟା । ଚଉଖୁଣ୍ଟିଆ ମଣିଷ । ଗେଲ୍-

Digitized by srujan ka@gmail.com

ବସରଥ । ବାସ୍କାଚଢ଼େଇ ତ ! ବାଆ କରୁଛ···କରୁ ! ସେ ଦୋଳ ଖେଳାବ ଇ ଖେଳବ ! ହସଖୁସିର ମଣିଷ । ହସ କର । ଖୁସି କର । ଖେଳ । ବୁଲ । ଗୀତଗାଅ । ହାଲ୍‌କା···ହାଲ୍‌କା । ଆଗପଛ ବିଚ୍ଚର ନାଇଁ । ଦୁନିଆଁରେ ଯୋଉ କେତେଦିନ ଅଛ ହସ···ଖାଅ···ମଉଜକର ।

ବଡ଼ଭାଇ ଦେଖିଲା, ଏପରି ସାନଭାଇଟିଏ ନେଇ ସିଏ ଚଳିପାରିବନି । ସେଇଠୁ ବାବାଙ୍କ କାଳହେବାର ଅଳ୍ପଦିନ ପରେ ସେ ସାନଭାଇକି ଭାଗ କରିଦେଲା । ମାତ୍ର ସେ କପଟ କଲା । ସେ ବଡ଼ପୁଅନା···! ସେ ଆଗ । ସେ ଭାଗନେବାକୁ ବାଘ ! ତା' କପାଳରେ ଅଛି ସୁନାପାଗ ! ସେ ବାଛି ବାଛି ଉର୍ବର ଜମି ସବୁ ନେଲା, ପୁଣି ବେଶୀ ପରିମାଣରେ ନେଲା । ଚୁଗୁଡ଼ିଆ, ପଥୁରିଆ ଜମିତକ ସାନଭାଇ ଭାଗରେ ପଡ଼ିଲା । ସେ ମାଟିରେ ସେମିତି କିଛି ଫସଲ ହୁଏନି । ଆଉ ସାନଭାଇର କୋଉ କଥାକୁ ଖାତିର ଥାଏନି । ବୃଷ୍ଟି ହେଲେ କେତେ ନହେଲେ କେତେ ! ଜମି ପଡ଼ିଆପଡ଼େ । ଯଦି ବୃଷ୍ଟିହୁଏ ଅମଳ ଘରେ ଖାଲି । ତେଣୁ ବର୍ଷଯାକର ପରିଶ୍ରମ···ଶେଷରେ ଫସଲ ହୁଏ ଶୂନ ! ଏଥିରେ ସେ ଚଳନ୍ତା କିପରି ? ବାପାର ଅର୍ଜିତ ଧନରୁ ଯାହା ପାଇଥିଲା ସେସବୁ ସରିଯାଏ । ସେତୁଏ ନଥିଲା ଦୁଃଖୀ ଲୋକଟିଏ ।

ଦେଖ ବଡ଼ଭାଇକି ! ସେ ତା' ବୁଦ୍ଧି କୌଶଳ ଲଗାଉଛି । ଦିନକୁ ଦିନ ଅଧିକରୁ ଅଧିକ ଧନ ଅରଜୁଛି । ବର୍ଷ କେଇଟାରେ ସେ ବାପାର ସମ୍ପତ୍ତିରୁ ବେଶୀ ଧନ ଜମାକଲାଣି । ଲୋକେ କହନ୍ତି—ତା' ଘରଟା ଲକ୍ଷ୍ମୀଭଣ୍ଡାର !

ସାନଭାଇର ଅବସ୍ଥା ଅଧିକରୁ ଅଧିକ ଖରାପ ହୁଏ । ସେ ଖାଇବାକୁ ପାଏନି । ତା' ମୁଣ୍ଡ ଉପରେ ଅଭାବର ପାହାଡ଼ଟାଏ ଭାଙ୍ଗିପଡ଼ିଲା । ତା' ଗୋଲଗାଲ ମୁହଁଟି ଶୁଖିଗଲା । ଗାଲର ହନୁହାଡ଼ ଦିଶିଲା । ରଙ୍ଗ କଳା-ପଡ଼ିଲା । ତା' ବଡ଼ପେଟକୁ ନେଇ ସିଏ କାଲେ ଗର୍ବ କରୁଥିଲା । ସେ ପେଟ ରହିଲାନି । ବଚରା ଖାଇବାକୁ ପାଇଲାନି । ସେ ଶୁଖିଶାଖି କଣ୍ଟାହେଲା । ହପ୍ତାରେ ସେ ଚାରି-ପାଞ୍ଚଦିନ ଉପାସ ରହିଲା ।

ସେ ବଡ଼ଭାଇକି ଦେଖେ । ତା' ମନହୁଏ ଭାଇକି କହନ୍ତା—ମାତ୍ର କହେନି । ଭାଇର କଥା ତାକୁ ଭଲଲାଗିବେ ଜଣା ତ ! ଶେଷକୁ ବହୁତ ଭାବିଚିନ୍ତି କହିବାକୁ ଠିକ୍‌କଲା । ଆଉ କହିଲା, "ନନା, ଭୋକରେ ମରୁଛି— କିଛି ସାହାଯ୍ୟ କରନ୍ତୁ !!"

Digitized by srujan ka@gmail.com

ଦୁନିଆଁରେ ଖାଲି ଧନ ଅରଜିଲେ ମନ ବଡ଼ ହୁଏନି । ଆଜି ଦେଖାଯାଏ, ଅନେକ ଧନୀଲୋକ ବଡ଼ ନୀଚ ପ୍ରକୃତିର । ସେମାନେ ଅଧିକରୁ ଅଧିକ ଧନ ଜମାକରନ୍ତି । ତାଙ୍କ ତଳେ ଥିବା ଗରିବଗୁରୁବାଙ୍କୁ କପରି ଠକି ଭଣ୍ଡି ଆହୁରି ବଡ଼ହେବେ, ଆହୁରି ଧନ ରୁଣ୍ଡାଇବେ, ଏଇ ନିଶା ସେମାନଙ୍କୁ ଘାରେ । ସେମାନେ ମୁହଁ ଦେଖନ୍ତିନି । ସେମାନେ ଅନ୍ୟର ବୁକୁର କଥା ବୁଝନ୍ତିନି । ପୁଣି ଯୋଉମାନେ ନୂଆଁ ଧନୀ, ହୁଅନ୍ତି, ହେଉଥାନ୍ତି, ସେମାନେ ଧନ ଗୋଟାଇବା ପାଇଁ ପାଗଳ ହୁଅନ୍ତି । ବଡ଼ଭାଇ ସେଇପରି ଗୋଟେ ଲୋକ । ତା ବୁକୁରେ କାହାରି ପ୍ରତି ସ୍ନେହ ମମତା ନାହିଁ । କିଏ ଖାଇଲା ନଖାଇଲା ସିଏ ଭାବିବ କାହିଁ ? ତା'ର ଧନ ଲୋଡ଼ା । ତା'ର ଧନ ବଢ଼ିବା ଦରକାର । ଧନରହି ଭଲ ତ ସିଏ ଭଲ ।

ସେ ଭାଇର କଥା ଶୁଣିଲାନି । କହିଲା, "ଆରେ, ମୋର ଧନ କାହିଁ ? ତୋ' ଭାଗତକ ସାରିଲୁ । ଏବେ ମୋ ଭାଗକୁ ଆଖେଇଚୁ—ନା ! ଛିଗ୍—ଛିଗ୍... ! ତୁ ଗୋଟେ ଲକ୍ଷ୍ମୀଛଡ଼ା ! ତୋତେ ଛୁଇଁଲେ ପାପ ! ତୋ ଛାଇ ଏଠି ପଡ଼ିଲା—ଏହାକୁ ସଫା କରିବାକୁ ହେବ—ହେଲେ ଧନ ରହିବନି । ତୋ' ମୁହଁ ଚାହିଁଲେ ସବୁ ମାରିହେବ । ଯା ! ପଳା ଏଠୁ ! ପଳା !"

"ନନା... ଦୟାକର—ନନା !!"

"ଆରେ, ନନା କ'ଣ ଦୟାକରିବ ? ତୁ ମୋତେ ଦୟାକଲୁ, ବାବା । ତୁ ଏଠୁ ଗଲୁ । ମୋର ଅନେକ କାମ ଅଛି । ଅନେକ କାମ ତୋ'ର ଯୋଗୁ ମାରିହେଲା । ଆରେ, ଆମେ ସବୁ ଖାଇବୁ କ'ଣ ? ତୋତେ ଦେଲେ ତ ମୋର ଅଭାବ ପଡ଼ିବ । ନା—ନା, ତୁ ଏଠୁ ଗଲୁ... !"

ତା' ଭାଇର ବୁକୁଟା କାଠ ପଥର । ହେଲେ ସିଏ ଇମିତି ଭାବରେ ଫେରାଇଦେବ ସେ କେବେହେଲେ ଭାବିପାରିନଥିଲା । ସେଇ ଡରରେ ସେ ଏ ଯାଏଁ ମୁହଁ ଖୋଲୁନଥିଲା । ଭୋକରେ ଦରମରା ହେଇଥିଲା । କିନ୍ତୁ ଭାଇର ଏ ବ୍ୟବହାର ତାକୁ ପ୍ରାଣମରା କରିବାଠୁ ବେଶୀ ହେଇଗଲା । ମାଡ ପେଟର ଦାଉ ତ ଭୀଷଣ—ତାକୁ ସମ୍ଭାଳି ହେଉନି । ଦୁଃଖ-ଅଭାବ-ଶୋକ ଅପମାନ—ସବୁ ଆଜି ମିଶିଗଲେ । ତାକୁ ଘାରିପକାଇଲେ । ତାକୁ ଦଳି, ମାଡ଼ି ମକଚିଦେଲେ । ତା' ମନର ସବୁ ସରାଗ, ସବୁ ଆନନ୍ଦ କାହିଁ କୋଉଆଡ଼େ ଉଡ଼ିଗଲା । ତା' ବୁକୁ ଫାଟିଗଲା । ସେ ଗୋଟାଏ

Digitized by srujan ka@gmail.com

ଏକଣା ପଥର ଉପରେ ବସି କାନ୍ଦିଲା । ସେ କାନ୍ଦରେ ସ୍ୱରଆଉ କରୁଣ ହୋଇଗଲା । ମାତ୍ର ବଡ଼ଭାଇ କବାଟ କଳଦେଲା । ଖୁସିରେ ରହିଲା ।

ସେ କାନ୍ଦ ପବନ ପହଁରିଲା । ଶୂନ୍ୟକୁ ଉଠିଲା । ସରଗରେ ପହଞ୍ଚିଲା । ସରଗର ସମ୍ରାଟ୍ ବଡ଼ ଦୟାବନ୍ତ । ସେ କାହାର ଦୁଃଖକଷ୍ଟ ସହି-ପାରନ୍ତିନି । ଏ କାନ୍ଦ ସେ ଶୁଣିଲେ ତ ତାଙ୍କ ମନ ଟଳିଗଲା । ତାଙ୍କ ସିଂହାସନ ଦୋହଲିଗଲା । ଏଣେ ସାନଭାଇ ଗତକଥାକୁ ଭାବୁଥିଲା । କେଡ଼େ ଭଲରେ ସେ ଚଳୁନଥିଲା । ବାବା ଥିଲାବେଳେ ଭଲଭଲ ଜିନିଷ ଖାଉଥିଲା । ଭଲ ପିନ୍ଧୁଥିଲା । କଅଁଳ ଶେଯରେ ଶୋଉଥିଲା । ଓଃ, ସେ ସବୁ କୁଆଡ଼େ ଗଲା ? ବାବା ଥିଲାବେଳେ ତା'ର ଚିନ୍ତା ନଥିଲା । ତା' ଦେହ ବେଶ୍ ପୂରିଲା ପୂରିଲା, ଗୋଲ୍‌ଗାଲ୍ ଥିଲା । ତା' ପୁଟୁକା ପୁଟୁକା ଗାଲରୁ ରକ୍ତ ନିଗିଡ଼ିପଡ଼ୁ-ଥିଲା । ଓଃ ! ଏବେ ସେ କଣ ହେଲା !! ଆଉ ହାୟ ! ତା' ଭାଇଟା ଏଡ଼େ ହୀନମାନିଆ !! ଏକା ରକ୍ତର ଭାଇଟାକୁ ଫେରାଇଦେଲା ଖାଲି ହାତରେ !

ଠାକୁର ସମ୍ରାଟ୍‌ଙ୍କ କାନରେ ଏସବୁ ବାଜୁଥାଏ । ସାନଭାଇର ମନରେ ଛୁଆଦିନରୁ ଏଯାଏଁ ଘଟିଥିବା ସବୁଘଟଣା ଗୋଟି ଗୋଟି ହୋଇ ଖେଳୁଥିଲା । ସେ ସେଇ ସ୍ମୃତିଗୁଡ଼ିକୁ ଆଉଡ଼ାଉଥାଏ—କାନ୍ଦୁଥାଏ ।

ଠାକୁର ସମ୍ରାଟ୍ ତାଙ୍କ ମନ୍ତ୍ରୀସଭା ଡକାଇଲେ । କହିଲେ, "ମର୍ତ୍ତ୍ୟ-ମଣ୍ଡଳରେ କିଏ ଜଣେ ବଡ଼ ବିକଳରେ କାନ୍ଦୁଛି । ଗଲ···ଗଲ ଦେଖି ଆସିବ, ଆଉ ବୁଝିଆସିବ କ'ଣ ଘଟିଛି ।"

ତାଙ୍କ ପ୍ରଧାନମନ୍ତ୍ରୀ ଉଚ୍ଛନ୍ନ ହେବା ଦେବତା ନୁହନ୍ତି । ତାଙ୍କର ଅନେକ କାମ । ସେ କାମସବୁ ନଦେଖିଲେ ସବୁ ଲଣ୍ଡଭଣ୍ଡ ହୋଇଯିବ । ତଥିଁ ସେ କଥାଟାକୁ ବନେଇ ଚୁନେଇ କହିଲେ, "ସତକଥା, କିଏ ଜଣେ ଭାରି ଜୋର୍‌ରେ କାନ୍ଦୁଛି । ହେଲେ, ଆମର ସେପ୍ରଦେଶର ଦେବତାଙ୍କୁ ଡକା-ଯାଉ । ଏ ବିଷୟ ଉପରେ ସେ ଖବର ଦିଅନ୍ତୁ ।"

ସମ୍ରାଟ୍‌ଙ୍କ ମନକୁ କଥାଟା ଝଟ୍ ପାଇଲା । ସେ ଚର ପଠାଇ ସେ ପାଖର ଦେବତାଙ୍କୁ ଡକାଇନେଲେ । ଏ କଥାର ଖବର ତାଙ୍କୁ ତୁରନ୍ତ ଜଣାଇବାପାଇଁ ଆଦେଶଦେଲା । ଠାକୁର-ସମ୍ରାଟ୍‌ଙ୍କ ଆଦେଶ ପାଇ ସେ ଦେବତା ଧାଇଁଲେ । ସେଠି ପାଖରେ ଗୋଟେ ମେଘ ଭାସିଯାଉଥିଲା । ତାକୁ ଟାଣିଆଣି ସେ ଦେବତା ତା' ଉପରେ ବସିଲେ । ମେଘ ତାଙ୍କୁ ଉଡ଼ାଇ-

Digitized by srujan ka@gmail.com

ଆଣିଲା । ସେ ସାନଭାଇ ପାଖରେ ପହଞ୍ଚିଲେ । ଦେବତା ନା—ସିଏ ସଙ୍ଗେ ସଙ୍ଗେ ବୃଢ଼ାଟିଏ ହୋଇଗଲେ । ସାନଭାଇ ପାଖରେ ବସି ହାଲହଇକତ ବୁଝିଲେ, ଆଉ ଠାକୁର ସମ୍ରାଟ୍‌ଙ୍କ ପାଖକୁ ଦଉଡ଼ ଦଉଡ଼ ଫେରିଲେ । ତାଙ୍କୁ ସାନଭାଇର କଥା ଗୋଟି ଗୋଟି ଜଣାଇଲେ । ଠାକୁର ସମ୍ରାଟ୍‌ଙ୍କ ଚିତ୍ତ ତରଳିଲା । ଭାବିଲେ—"ହଉରେ, ଲୋକଟି ଉପରେ ବହୁତ ଦୁଃଖ ପଡ଼ିଛି । ଏତେ—ଦୁଃଖରେ ସିଏ ବାଧିବନି ତ ଆଉ କ'ଣ କରିବ ?"

ବହୁବଦନର ବର୍ଣ୍ଣାର୍ଯୀ ଗୃହକରିଆ ପ୍ରଧାନମନ୍ତ୍ରୀ । ସେ ସଙ୍ଗେ ସଙ୍ଗେ କହିଲେ, "ହଁ ସମ୍ରାଟ୍, ସିଏ ବାଧିବା ଉଚିତ ।"

"ନା ହେ, ସେ ବାଧିବା ଉଚିତ କ'ଣ କହୁଚ—ଆମେ ତାଙ୍କୁ ସାହାଯ୍ୟ କରିବା ଉଚିତ ।" ଠାକୁର ଦେବତା ମନ୍ତ୍ରୀଙ୍କୁ କହିଲେ ।

"ହଁ ହଁ, ନିଶ୍ଚୟ ଉଚିତ ।" ମନ୍ତ୍ରୀ କହିଲେ ।

"ହଁ ଉଚିତ ।"—ପ୍ରଦେଶ ଦେବତା ଯୋଡ଼ିଲେ ତରତର ହୋଇ । ସେ ଅନୁଭବ କଲେ, ସମ୍ରାଟ୍‌ଙ୍କ କଥାକୁ ସମର୍ଥନ କରିବାରେ ସେ ଡେରି କରିଛନ୍ତି ।

"ତା'ହେଲେ ମୁଁ ତାଙ୍କୁ ସାହାଯ୍ୟ କରିବ । ତାଙ୍କୁ ଗୋଟେ ଅଦ୍ଭୁତ ଫୁଲ ଦେବ । ସେ ଫୁଲ ରୂପ ଓ ବାସନାରେ ଅପୂର୍ବ ହୋଇଥିବ । ସାନଭାଇ ସେ ଫୁଲକୁ ବିକିବ । ଲୋକେ କିଣିବେ । ସାନଭାଇ ପଇସା କମାଇବ !"

"କିନ୍ତୁ ପ୍ରଭୁ, ତା' ଜମି ପରା ନିହାତି ନିକମା ଯେ ସେଠି କିଛୁ ହେବନି ।" ମନ୍ତ୍ରୀ ତାଙ୍କ ବୁଦ୍ଧି ଦେଖାଇବାକୁ କହିଲେ ।

"ସେଇ ରୁଗୁଡ଼ିଆ ମାଟିରେ ଏ ଫୁଲଗଛ ହେବ । ମୁଁ କ'ଣ ଜାଣିନି —ସବୁ ଭଲଜମିତକ ପରା ବଡ଼ଭାଇ ହାତରେ !" ଠାକୁର ସମ୍ରାଟ୍ ଉତ୍ତର ଦେଲେ ।

"ଆଚ୍ଛା !ଏଁ...ପ୍ରଭୁ, ଆଉ ଗୋଟେ ବଡ଼ ଅଡ଼ୁଆ ଅଛି । ଏ ଫୁଲ ଯୋଉମାନେ କିଣିବେ, ସେମାନେ ମଞ୍ଜିରୁ ନୂଆଗଛ ଉଠାଇବେ । ତାପରେ ଏ ଫୁଲ ସେମାନେ କାହିଁ କିଣିବେ ?" ମନ୍ତ୍ରୀ ପୁଣି ଯୋଡ଼ିଲେ । "ସତ କଥା ତ ! ଲୋକେ କିଣିବେନି ।"—ପ୍ରଦେଶ ଦେବତା ମନ୍ତ୍ରୀଙ୍କ କଥାକୁ ସମର୍ଥନ ଜଣାଇଲେ ।

"ତା'ହେଲେ ଆଉଟିକେ ସୁବ୍ୟବସ୍ଥା କରିବା । ଯୋଉମାନେ ତା'ଠୁ ଫୁଲ

Digitized by srujan ka@gmail.com

କଣିବେ, ସେ ଫୁଲମଞ୍ଜିରୁ କେବଳ ବରଷଟିଏ ଫୁଲ ହେବ । ପୁଣି ସେଗୁଡ଼ିକ କୁନିକୁନି ଫୁଲ ହେବ । ସେମିତି ସୁଗନ୍ଧ ବି ନଥିବ । ବରଷକେ ସେ ଫୁଲଗଛ ଶୁଖି ମରିଯିବ । କିନ୍ତୁ ଏ ପିଲାର ଗଛରେ ବାରମାସୀ ଡାଳକାଳ ଫୁଲ ଫୁଟିବ । ପୁଣି ବରଷକୁ ବରଷ ଗଛ ଆହୁରି ଆହୁରି ଫୁଲବନ୍ତ ହେବ ।" ସମ୍ରାଟ୍ ଚିନ୍ତାକରୁଥାନ୍ତି ଓ ପଦପଦ କରି ଆଦେଶଠାଣିରେ କହୁଥାନ୍ତି ।

"ସେଇଆ କରନ୍ତୁ···ପ୍ରଭୁ"—ମନ୍ତ୍ରୀ କହିଲେ ।

"ଶୁଣ···" ସମ୍ରାଟ୍ ପ୍ରଦେଶ ଦେବତାଙ୍କୁ ଠାରିଲେ । "ଏଇ ମଞ୍ଜିଟି ନିଅ··· ସେ ଦୁଃଖୀ ଲୋକଟିକି ଦେବ ! ଯାଅ···ଡେରିକରନି ! ସେ ବହୁତ କଷ୍ଟ ପାଇଲାଣି ! ଆଉ ବେଶି କଷ୍ଟ ପାଇବା ଉଚିତ ନୁହେଁ । ଶାନ୍ତ, ନିରୀହ, ସତମନ୍ତ ଲୋକଟି !!"

ପ୍ରଦେଶ ଦେବତା ମଞ୍ଜି ଧରିଲେ । ପୁଣି ମେଘ ଗୋଟାଏକୁ ଟାଣି-ନେଲେ । ପହଞ୍ଚିଲେ ସେଇ ସାନଭାଇ ପାଖରେ । ବୁଢ଼ାବେଶ ନେଇଥା'ନ୍ତି —ଆଗପରିକା । ସେ ସାନଭାଇ ବିଚରା ସେ ସମୟଯାଏଁ କାନ୍ଦୁଥାଏ । କାନ୍ଦି କାନ୍ଦି ତା' ଗଳା ବସିଗଲାଣି । ତା' ପାଟି କିମିତି ଧାଗିରା ଶୁଭୁଚି ।

ପ୍ରଦେଶ ଦେବତା କହିଲେ, "ଦେଖ, ଠାକୁର ସମ୍ରାଟ୍ ତମ ଦୁଃଖରେ ଦୁଃଖିତ । ସେଇଥିପାଇଁ ଏ ମଞ୍ଜି ପଠାଇଛନ୍ତି । ଏ ମଞ୍ଜିରୁ ଗଛ ଉଠାରିବ । ଫୁଲ ଫୁଟିଲେ ତାକୁ ବିକିବ । ତମର ଦୁଃଖ ଯିବ !"

"ଏଥିରେ କିମିତିହେବ ? ଆଉ ଆଉ ଲୋକମାନେ ତ ଫୁଲଗଛ ଲଗାଇବେ···"

"ନା···ନା, ତମେ ଏତେ କଥା ଭାବୁଚ କାହିଁକି ? ଆମେ ଏ କଥାର ଆଗପଛ ସବୁ ବିଚାର କରିସାରିଚୁ ।" ଏତିକି କହି କହି ସେ ବୁଢ଼ାରୂପୀ ଦେବତା କୁଆଡ଼େ ଲୁଚିଗଲେ ।

ସାନଭାଇ କ'ଣ ପଚାରିବ ପଚାରିବ ହେଉଥିଲା, କିନ୍ତୁ କିଛି କହି-ପାରିଲାନି । ସେ ଜାଣିଲା, ତାକୁ ଦିଅଁ ଦୟାକରିଛନ୍ତି । ସେ ନିଶ୍ଚିନ୍ତ ହେଲା । ସେଦିନ ରାତିରେ ସେ ସ୍ୱପ୍ନ ଦେଖିଲା—ଠାକୁର ସମ୍ରାଟ୍ କହୁଛନ୍ତି : "ତମେ ଦୁଃଖୀ । କିନ୍ତୁ ନିରୀହ ! ନିଷ୍ପାପ । ତମର ଅନ୍ୟ ଲୋକ ପ୍ରତି ଈର୍ଷା ନାହିଁ । ତମ ନିଜର ଭାଇ ଏତେ କ୍ଷତି କଲା, ତେବେ ବି ତମେ ତା'ର ଅମଙ୍ଗଳ ଚାହୁଁନ । ସେଥିପାଇଁ ମୁଁ ଖୁସି ।"

Digitized by srujan ka@gmail.com

ସେ ମଞ୍ଜି ପୋତିଲା । ସେ ମଞ୍ଜିରୁ ଗଛହେଲା । ସେ ଗଛରେ ଫୁଲ ଫୁଟିଲା । ଏତେ ଏତେ ଫୁଲ । ରଙ୍ଗରେ ଫାଟିପଡ଼ୁଚି । ମହକରେ କହର ଯାଉଚି । ଯିଏ ଦେଖିଲା ସିଏ ଲୋଭେଇଲା । ଲୋକ ଆସି ଜମାହେଲେ । ଫୁଲକୁ ପ୍ରଶଂସିଲେ । କିଣିଲେ । ସାନଭାଇର ହାତରେ ଭଲ ପଇସା ହେଲା ।

ଲୋକେ ଯେତେବେଳେ ସେ ଫୁଲର ମଞ୍ଜି ଲଗାଇଲେ, ଦେଖି... ! କୁନି କୁନି ଅବର୍ଗିଆ ଫୁଲ ।

ସାନଭାଇ ଏବକୁ ଆଉ କଳେ ପାରୁନି । ସେ ଦୁଇ ଘରରୁ ଦଶ-ପନ୍ଦର ଘରକର ରଖିଲାଣି । ସେ ବଡ଼ଭାଇଠୁ ଧନରେ ମାନରେ ଅନେକ ଗୁଣ ବଳିଲାଣି ।

ବଡ଼ଭାଇର ଏବକୁ ସର୍ବନାଶ । ତା' ଧନସମ୍ପଦ ସରିଆସିଲା । ସିଏ ଏବେ ଖାଇବା ପିଇବାରେ କଷ୍ଟପାଇଲାଣି । ଧନରତ୍ନ ଝାଳ ନାଳ ହେଇ ସେ ଖଟିଲାଣି । ତଥାପି ପେଟକୁ ପୂରା ମୁଠେ ଖାଇବାକୁ ପାଉନି । ହେଲେ ସାନଭାଇର ଧନ-ଲଇ ମାଡ଼ୁଚି ।

ଭୂତ ସହିତ ପିଟାପିଟି

ଇଏ ଜଣେ ଯୁବକର କଥା । ଯୁବକଟି ଦେଖିବାକୁ ଯେମିତି ସୁନ୍ଦର, ଦେହରେ ତା'ର ସେମିତି ବଳ । ସେ ଖୁବ୍ ସାହସୀ । ବୋଧେ ଏ ପ୍ରକାର ସାହସୀଲୋକ ସେ ଗାଁ କାହିଁକି ପାଖ ପଡ଼ଶାରେ ଯେତେ ଗାଁଗଣ୍ଡା ଥିଲା, କେହି ନଥିଲା । ଗରିବଲୋକଟିଏ । ନାଟକ ଯାତ୍ରାରେ ସେ କାମ କରେ । ରାଜା, ମନ୍ତ୍ରୀ, କଟୁଆଳ, ସେନାପତି ହୁଏ । ଲୋକେ ତା' ଅଭିନୟରେ ଖୁବ୍ ଖୁସି । ଆଉ ଏଥିଯୋଗୁଁ ତାକୁ ଗାଁର ଛୁଆପିଲା, ବଡ଼ଲୋକ, ସ୍ତ୍ରୀ-ପୁରୁଷ ସଭିଏଁ ଭଲପାଆନ୍ତି ।

ଏଇ ଯୁବକଟି ଅନେକ ସମୟରେ ଏକେଲା ବୁଲାବୁଲି କରେ । ଆକାଶରେ ଜହ୍ନ ଥାଉ ବା ନଥାଉ ତା'ର ଖାତିର ଥାଏନି । ସେ ଗୁହାଁଳି ତ ବୁଲିବାହାରିଯାଏ । ରାତି ଅଧ । ଅନ୍ଧାର ହେଇଚି । ଲୋକେ ଘର ଭିତରେ ଚଟେଇ ଚଦର ଘୋଡ଼େଇହେଇ ଶୋଇଛନ୍ତି । କେହି ବାହାରକୁ ଆସିବାକୁ ସାହସ କାନ୍ତିନି । ଅଥଚ ଏ ଯୁବକଟି ବେଶ୍ ବୁଲାବୁଲି କରୁଚି । ଡର ଭୟ ତା'ର କିଛି ନାହିଁ ।

Digitized by srujan ka@gmail.com

ସେଇପରି ଥରେ—ନାଟକର ଅଭିନୟ ସରିଗଲା । ସେ ଘାବିଲା ବାହାରକୁ ଟିକେ ବୁଲିଗଲେ ଭଲହୁଅନ୍ତା । ଜହ୍ନଟା କେମିତି ମଳିଛୁଆ ପଡ଼ିଗଲାଣି । କୁହୁଡ଼ିଗୁଡ଼ାଏ ଧାନକ୍ଷେତ ଓ ଘରବାରି ଉପରେ ଉଡ଼ିବୁଲୁଚି । ଗଛଆଡ଼କୁ ପ୍ରାୟ ଘୋଡ଼େଇଦେଇଚି । ଯୁବକଟି ଚାଲିଚି । ହଠାତ୍ ରାସ୍ତା ମଝିରେ ଝିଅଟିଏ ଦେଖାଦେଲା । ତା' ମନରେ କୌତୂହଳ କୁଦାମାରିଲା । ପଚାରିଲା, "କିଏ ତମେ ?"

ଝିଅଟି ମୁହଁ ବୁଲାଇ ଠିଆହେଲା । ଯୁବକ ପାଖେଇଗଲା । ପଚାରିଲା, "ବୋଧହୁଏ ମୋ କଥା ଶୁଣିପାରିଚ ? କହୁନ ତମେ କିଏ ? ଏଠି ଠିଆ-ହେଇଚ କାହିଁକି ?"

ଯୁବତୀଟି କହିଲା, "ମୁଁ···ମୁଁ ଗୋଟିଏ ଭୂତ ।"

"ଗୋଟିଏ ଭୂତ ! ବେଶ୍···ବେଶ୍··· ! ଖୁବ୍ ଭଲକଥା । ବହୁତ ଆଚ୍ଛା କଥା । ଭୂତଟାଏ ଦେଖିବି ଦେଖିବି ବୋଲି ଅନେକ ଦିନରୁ ଚାହିଁବସିଥିଲି । ବଡ଼ ସୁଖର କଥା, ତମ ସହ ଦେଖାହେଇଗଲା । ସେଥିପାଇଁ ଧନ୍ୟବାଦ !" ଯୁବକଟି ଖୁସିରେ କହିଲା । ତା'ଠି ଡରିବାର ଟିକେହେଲେ ବି ଚିହ୍ନ ନଥାଏ ।

ଭୂତଟି ଭାବୁଥିଲା, ଯେ ଲୋକେ ସେମାନଙ୍କୁ ଦେଖିଲେ ଛେରି ମୂତି ପଳାନ୍ତି । ପାଟିକରନ୍ତି । କେହି କେହି ମୂର୍ଚ୍ଛାଯାଆନ୍ତି । ଏ ଭେଣ୍ଡାଟୋକାଟା କ'ଣ ଏମିତି କହୁଚି ! ଆଚ୍ଛା, ତାକୁ ଚାନେ ଦେବାକୁ ହେବ । ସେଇଠୁ ସେ କହିଲା, "ମୋତେ ଦେଖି ତମେ ଖୁବ୍ ଖୁସି···ନା ! ଖାଲି ଶରଧା ଲାଗୁଥିବ !"

"ସତରେ ଶରଧା ଲାଗୁଚି । ଆଚ୍ଛା, ଲୋକେ କହନ୍ତି ଭୂତମାନେ କାଳେ ଯୋଉ ରୂପ ଚାହିଁବେ, ସେଇ ରୂପ ଧରିପାରିବେ । ଏକଥା କ'ଣ ସତ ? ସତ ଯଦି ତମେ ଆଉ ଗୋଟେ ରୂପ ହୁଅନା ! ତମର ଏ ରୂପ ବଦଳାଇବା ଦେଖିବାକୁ ମୋର ବଡ଼ ଇଚ୍ଛାହେଉଚି ।"

ଭୂତ କହିଲା, "ସତେ ? ହେଉ, ଏଥର ଦେଖ !" ସେ ରାଗୁଥାଏ । ଗୋଟାଏ ବୁଢ଼ାଲୋକ ହୋଇଗଲା ଭୂତଟା । ଏଡ଼େ ଲମ୍ବାଲମ୍ବା ବାଳ—ମୁଣ୍ଡରୁ ମାଟିଯାଏ ଲମ୍ବିଚି । ଧୋକଡ଼ ବୁଢ଼ା । ଚାଲିପାରୁନି ।

ଯୁବକ କହିଲା, "ଓଃ ! ଇଏ କି ବୁଢ଼ା ମ ! ଆମେ ତ ନାଟକ ଖେଳିଲା-ବେଳେ ଇଆଠୁ ଭଲ ବୁଢ଼ା ହେଉ । ଆମେ ଯୋଉ କେଶ ଲଗାଉ, ସେସବୁ ଏହାଠୁ ବେଶୀ ଲମ୍ବା । ଆହୁରି ସୁନ୍ଦର । ରଙ୍ଗ ଦେଇ ସଜାଇଦେଲେ ମୁଁ

Digitized by srujan ka@gmail.com

ଏହାଠୁ ବେଶି ଧୋକଡ଼ ବୁଢ଼ା ହଶେ । ନା···ମ ଭୂତ, ତୁମ ରୂପରେ ସେମିତି କଛୁ ବାହାଦୁର ନାହିଁ ।”

ବୁଢ଼ା ପୁଣି ଝିଅ ହେଇଗଲା । ଯୁବକଟି କହିଲା, “ଲୋକେ କହନ୍ତି ଭୂତମାନେ ଡରାନ୍ତି । ତମେ ଇମିତି ରୂପଟାଏ ହୁଅ, ଯେମିତି ମୁଁ ଡରିଯିବି ।”

ଭୂତଟା ଚିଡ଼ିଗଲା । କହିଲା, “ଆଚ୍ଛା···ବେଶ୍ ! ଏଥର ଡରିବନି ତ !” କହୁଁ କହୁଁ ସେ ଗୋଟେ ବୁଢ଼ୀ ହୋଇଗଲା । ତା’ କପାଳରେ ଗୋଟେ କଟା ଦାଗ । ସେଇଠୁ ରକତ ବାହାରୁଥାଏ । ବୁଢ଼ୀ ସାଁ ସାଁ ହେଉଥାଏ । ଆଖି ଏଡ଼େଏଡ଼େ···ପେଣ୍ଡେରେଇ ଗୃହୁଁଥାଏ ।

ଯୁବକ ଟହଟହ ହସିଉଠିଲା ।···“କହୋ, ଇଏ କ’ଣ ଡରିବାର କଥା ? ଆମ ନାଟକରେ ଏହାଠୁ ଭଲ ରଙ୍ଗାଯାଏ । ଅଲତା ମାରିଦେଲେ ରକତ ଝୋପିପଡ଼େ !!”

ସେ ଭୂତ ପୁଣି ଯୁବତୀ ହେଲା । ଯୁବକ କହୁଚ, “ଭୂତ···ଭୂତମ, ମୋତେ ଟିକେ ଡରାଇଦେ । ମୁଁ ଯେମିତି ଡରିଯାଆନ୍ତି !”

ଭୂତଟା ଗୋଟେ ଡାକୁ ହେଇଗଲା । ଦାନ୍ତ ବାହାରକରି ଜ୍ଜିଭଧରି ମାଡ଼ିଆସିଲା । ଯୁବକ ହସିଲା, “ହା—ହା—ହା—! ଆରେ ଏଇଟା କ’ଣ ମ ? ଆମ ନାଟକର ଡାକୁ ଏହାଠୁ ଲମ୍ବା ଚଲୁଆର ଧରେ । ତା’ ମୁହଁକୁ ଲାଲ, ହଳଦିଆ, ଧଳା ରଙ୍ଗ କରିଦେଲେ, ପିଲା ତ ପିଲା, ପିଲାଙ୍କ ବାପା-ମା’ମାନେ ଡର ଗ୍ରୁନଆ ! ଭୂତ ! ଆରେ, ଆଉ ଗୋଟେ କଛୁ ରୂପ ଦେଖାରେ ! ମୋତେ ଟିକଏ ଡରାଇଦେ··· !”

ଭୂତଟା ଯୁବତୀ ହେଲା । ସେ ଫାଁ ଫାଁ ହେଉଚ । ତା’ର ସବୁ ବୁଦ୍ଧି କୌଶଳ ହାରିଚ । ଶେଷକୁ କହିଲା, “ମୋର ସବୁ ବୁଦ୍ଧି ସରିଲା । ଆମେ ତ ଖାଲି ଆସୁ ଆସୁ ଲୋକ ଡରନ୍ତି । ଆଉ ମୁଁ ଏତେ ରୂପ ଧରିଲି, ତମେ ଡରୁନ । ମୋର ହାର ହେଲା !!”

ଯୁବକ କହିଲା, “ଆଚ୍ଛା···ଆଚ୍ଛା !! ଏଥର ତେବେ ମୁଁ ଖେଳ ଦେଖାଏ ! ଦେଖ, ତମେ କୁଆଡ଼େ ଯିବନି !”

ସେ ଗୋଟେ କାହାଳୀ ବାହାରକଲା । ତାକୁ ସେ ଲମ୍ବାଇଲା । କାହାଳୀଟା ଲମ୍ବିଗଲା । ସେ ଆହୁରି ଲମ୍ବାଇଲା । ଏମିତି ହଉ ହଉ ପ୍ରାୟ

Digitized by srujan ka@gmail.com

ମଣିଷେ ଲମ୍ବ ହୋଇଗଲା, ଆଉ ତାକୁ ମୁହଁରେ ଲଗାଇ ସେ ଫୁଙ୍କିଦେଲା । ସେଥିରେ ଏମିତ ଶବ୍ଦ ହେଲା ଯେ, ଆଖପାଖର କୁହୁଡ଼ି କୁଆଡ଼େ ଘସିଗଲା । ଆଉ ସେ ଶବ୍ଦ ସମ୍ଭାଳନପାରି ସେ ଭୂତ କୁଆଡ଼େ ଦଉଡ଼ ଦଉଡ଼ ଗଲା ।

ଯୁବକଟି ଭୂତକୁ କେତେ ଡାକିଲା—କିନ୍ତୁ ସେ ଆଉ ଶୁଣନ୍ତା କଆଁ ? ସେଇଠୁ ସେ ଘରକୁ ଫେରିଆସିଲା । ସେ ଦିନୁ ପ୍ରାୟ ପନ୍ଦର କୋଡ଼ିଏ ଦିନ ଧରି ସେ ବୁଲିଚାଲି କଲାନ । ତା'ପରେ ଦିନେ ହଠାତ୍ ରାତିରେ ମନହେଲା, ସେ ବୁଲିଯିବ । ଆଉ ଆଗଭଳି ସେମିତି ବଂଶି ଧରି ସେଇ ବାଟରେ ଗ୍ଲଲିଚ । —ହଠାତ୍ ଦେଖାଗଲା, ସେ ଦିଗରୁ ସେଇ ଭୂତୁଣୀ ଆସୁଚି । ତା' ସଙ୍ଗେ ଆହୁରି ଅନେକ ଭୂତ ।

ଏଥର ଯୁବକଟିକୁ ଦେଖି ସେ ଭୂତୁଣୀ ଆଗେ କଥା କହିଲା, "କୁଆଡ଼େ ଥିଲ କି ଏତେଦିନଯାଏ ? ମୁଁ ତମକୁ ଯେତେ ଖୋଜୁଚି···

ଯୁବକଟି ସେ ଭୂତମାନଙ୍କୁ ଦେଖୁଥାଏ—ହସୁଥାଏ । ଭୂତୁଣୀ କହିଲା, "ତମେ ପରା ଡରୁନ ? ଦେଖ ଏଥର···! " ସେ ତା' ସହ ଆସିଥିବା ଭୂତମାନଙ୍କୁ ଠାରିଦେଲା । ସେଗୁଡ଼ା କଳକଳା ଡାକଦେଲେ । ତା' ଉପରେ ବଧା ଗ୍ଲେପୋଡ଼ା କଷିଦେଇଗଲେ । ଯୁବକଟି ପାଟିକଲା । ଓଃ ! ଆଃ କଲା । ଏଥିରେ ଭୂତୁଣୀ ଖିଁ ଖିଁ ହସିଲା । ଭୂତମାନେ ହେଁ···ହେଁ ଖେଁ ଖେଁ ହୋଇ ହସିଲେ ଓ ଜୋର୍ ମାଡ଼ ଚଢ଼େଇଲେ । ଭୂତୁଣୀ ପାଟି-କରୁଥାଏ—"ଆହୁରି ଠେସ ! ଆହୁରି···ଆହୁରି··· !! ଏ ଭୂତମାନଙ୍କୁ ଡରେନ···!"

ଯୁବକ ଦେଖିଲା, ପାଟିତୁଣ୍ଡ କଲେ କିଛି ଲାଭନାହିଁ । ସେ ମନେ ମନେ ଭାବିଲା, ମୁଁ ବି ହାତ ଚଳାଏ । ସିଏ ବି ହାତ ଉଠାଇ ମନ ଇଚ୍ଛା କଷିଲା ।

ସେ ତ ତଳେ ପଡ଼ିଯାଇଥାଏ । ଭୂତମାନେ ମାଡ଼ମାରି ତଳେ ପକାଇ-ଦେଇଥା'ନ୍ତି ତ ! ସେଇଟା ଗୋଟାଏ ମଶାଣି । ଯୁବକର ମାଡ଼ଗୁଡ଼ା ମଶାଣି ମାଟିରେ ପଡ଼ୁଥାଏ—ଭୂତ ଦେହରେ ବାଜନ୍ତା କିପରି ?

ଯୋଉଠି ମାଡ଼ ପଡ଼ୁଥାଏ, ସେଇଠି ଜଣେ ବୁଢ଼ାକୁ ପୋତା'ଯାଇଥାଏ । ସେ ବୁଢ଼ାର ଭୂତ ବାହାରିଲା । "ଓଃ ! କିଏରେ ଏଡ଼େ ଦୁମ୍‌ଦାମ୍ କରୁଛୁ ?" କହି ବୁଢ଼ା ଯେମିତି ବାହାରିଚି, ଆଉ ଭୂତଗୁଡ଼ା ଛିନଛତର ହୋଇ ପଳେଇଗଲେ ।

Digitized by srujan ka@gmail.com

ବୁଢ଼ାଭୂତକୁ ଦେଖି ଯୁବକ କହିଲା, "ମୋତେ ରକ୍ଷାକର । ଏ ଭୂତମାନେ ମୋତେ ପିଟାପିଟି କରୁଛନ୍ତି !"

ବୁଢ଼ାଭୂତ କହିଲା, "ଅବକା ପାଇଁ ତମର କିଛି କ୍ଷତି ହେବନି । ତମକୁ ସେମାନଙ୍କଠାରୁ ମୁଁ ନିଶ୍ଚୟ ରକ୍ଷାକରିବି । କିନ୍ତୁ ତମେ ମୋର ଗୋଟେ କାମ କରିବ ।"

"ଲୁହ ! ତମ କାମ କରିବାକୁ ମୁଁ ତିଆର ଅଛି !"

"କଥା କ'ଣ କି, ମୁଁ ମଲବେଳକୁ ମୋର କେହି ପୁଅପାଠ ନଥିଲେ । ତମେ ଜାଣ ବସନ୍ତପୂର୍ଣ୍ଣିମା ଦିନ ପ୍ରେତମାନଙ୍କୁ ପୂଜା କରାଯାଏ । ପୁଅମାନେ ଏ ପୂଜା କରନ୍ତି । ସେ ପୂଜା ନପାଇଲେ ପ୍ରେତମାନେ କଷ୍ଟ ପାଆନ୍ତି । ସରଗକୁ ଯିବା ସହଜ ହୁଏନି । ମୋର ତ କେହି ନାଇଁ, ସେଥିପାଇଁ ମୁଁ କଷ୍ଟ ପାଉଚି । ତମେ ସେତିକି କରିପାରିଲେ ମୁଁ ତମର ଅନେକ ଉପକାର କରିବି ।"

ଯୁବକ ଏ କଥାରେ ଅରାଜି ହେବ କାହିଁକି ? ସେ ହଁ କଲା । ପ୍ରତି ବର୍ଷ ବସନ୍ତ ପୂର୍ଣ୍ଣିମାରେ ସେ ଭୂତକୁ ଶ୍ରାଦ୍ଧ ବାଢ଼ିଲା । ସେଇଦିନୁ ତା'ର ଅନେକ ଉପକାର ହେଲା । ଧନ, ଜନ, ଗୋପ, ଲକ୍ଷ୍ମୀ ବଢ଼ିଲା । ସେ ସୁଖରେ ରହିଲା । ତା'ପରେ ସେ ଭୂତୁଣୀସହି ଦେଖାହେଲେ, ସେ ତରତରରେ ବାଟଭାଙ୍ଗି ପଳାଏ !

ଯମପୁରରୁ ବାହୁଡ଼ା

ଚନ୍ ଆଉ ସ୍ନି ! ଦିହିଁଙ୍କ ଭିତରେ ବଡ଼ ବନ୍ଧୁତା । ପାଣିଗଳେନି । ପରସ୍ପରକୁ ଖୁବ୍ ଭଲପାଆନ୍ତି ସେମାନେ । ଏକାଠି ଖିଆପିଆ ଶୁଆବସା । ପିଲାଦିନରୁ ସାଙ୍ଗ । ସେମାନେ ଏକାଠି ଏକ ବଗିଚାରେ ବୁଲୁଛନ୍ତି । ନଈ ପୋଖରୀ ପହଁରୁଛନ୍ତି । ସେଇ ବନ୍ଧୁତା ଦିନୁଦିନ ଜମିଉଠିଚି—ଛିକେହେଲେ କମିନି ।

ସେମାନେ ବଡ଼ହେଲେ । ବାହାସାହା ହେଲେ । ସେମାନଙ୍କ ପୁଅଝିଅ ହେଲେ । ପୁଣି ସେମାନେ ନିଜ ପୁଅଝିଅଙ୍କୁ ବାହାସାହା କଲେ । ଆଉ ସେ ପୁଅଝିଅଙ୍କର ବି ପୁଅଝିଅ ହେଲେ । ଏବେ ସେମାନେ ନାତି ନାତୁଣୀ

Digitized by srujan ka@gmail.com

ଦେଖିଲେଣି । କିନ୍ତୁ ଧନ୍ୟ ସେ ବନ୍ଧୁତା ! ସେ ବନ୍ଧୁତା ଯେମିତି ଥିଲା ସେମିତି ଅଛି । ଉପଦ୍ରବ, ବାଧା, ଯାଟା, ପବ୍‌ପବାଣି ଗୋଟିଏ ପରେ ଗୋଟିଏ ଆସିଚ । ସମସ୍ତେ ଦେଖିଚନ୍ତି ଚନ୍ ଆଉ ପ୍ରିକୁ ଏକାଠି, ସବୁଠି, ସବୁବେଳେ । ଏପରିକି ନିଜ ରକ୍ତର ଭାଇ ବି ଏମିତି ନିଜର ହେବନି । ପ୍ରୀର ଦୁଃଖବେଳକୁ ସେ ତା'ର ଦୁଃଖ ବେଳକୁ ଏ । ସୁଖଦୁଃଖ, ହସକାନ୍ଦ ସବୁ ଦହେଁଯାକ ବାଣ୍ଟିକୁଣ୍ଟି ଭାଗକରିନେଇଛନ୍ତି । ଧନ୍ୟ ଏ ବନ୍ଧୁତା ! ଯିଏ ଦେଖିଚ ସିଏ ଆଶ୍ଚର୍ଯ୍ୟ ହେଉଚ । ସେପରି ବହୁତ ବନ୍ଧୁତା ଦେଖିବା ତ ସମ୍ଭବ ନୁହେଁ ! ଏ କଥା କହିଲେ ଲୋକେ କହିବେ, ଇଏ ଗୋଟେ ଶୁଣାକଥା, ଗପ ।

ଏଇପରି···ଦିନକର କଥା···ସେଦିନ ଚନ୍ ଆଉ ପ୍ରି ଖିଆପିଆ କଲେ । ଗପକରୁଥା'ନ୍ତି । ପିଲାଦିନର ଭଲମନ୍ଦ କଥା ମନେପକାଇ ହସାହସି କରୁଥାଆନ୍ତି । ହଠାତ୍ କ'ଣ ହେଲା, ହସୁହସୁ ଚନ୍‌ର ପ୍ରାଣବାୟୁ ଚାଲିଗଲା । ସେ ବନ୍ଧୁର କୋଳରେ ଢଳିପଡ଼ିଲା । ତା' ଓଠରେ ହସର ସେଇ ଶେଷ ଧାରଟି ସେମିତି ଲାଗିରହିଥାଏ, ସନ୍ଧ୍ୟା ଆକାଶରେ ଶରତ ସୂର୍ଯ୍ୟର ଶେଷ କିରଣ ଛଟା ପରି । ବନ୍ଧୁର କ'ଣ ହେଲା ଭାବି ପ୍ରି ପାଣି ଛିଟାଛିଟିକଲା । କାନ ଫୁଙ୍କିଲା । ଡକାଡ଼କା କଲା । କିନ୍ତୁ ବନ୍ଧୁକୁ ପାଇଲାନି । ସିଏ ଆଉ ଏ ଦୁନିଆରେ ନଥିଲା । ତା' ବନ୍ଧୁ ଏସବୁକୁ ଛାଡ଼ି ଆଉ ଗୋଟେ ଦୁନିଆଁକୁ ଚାଲିଯାଇଥାଏ । ସେଠୁ ଆଉ ଫେରିବାର ନଥାଏ ।

ପ୍ରିର ଦୁଃଖ କିଏ ଦେଖେ ! ସେ ଚିତ୍କାରକରି କାନ୍ଦିଉଠିଲା । ବନ୍ଧୁର ଶବକୁ କୁଣ୍ଢାଇ ପାଟିକରୁଥାଏ । ପାଖପଡ଼ୋଶୀଏ ବହୁତ କଷ୍ଟରେ ତାକୁ ଅଲଗାକଲେ । ସେମାନେ ତାକୁ ଧରିରଖିଥାଆନ୍ତି । ଶବ ଗଲା ମଶାଣିକି । ଘର ଭିତରେ ତାକୁ ବନ୍ଦୀକରି ରଖାଗଲା । ସେଇଠି ସେ ଇମିତି କନ୍ଦାକଟା କଲା ଯେ, ତାକୁ ଲୋକେ ବାଧହେଇ ମଶାଣିକି ନେଇଗଲେ । ଆଉ ସେଠି ପୁଣି ତା'ର ପାଗଳାମି ଚାଲିଲା ।

ଯାହେଉ, ସେମାନେ ଲୋକଙ୍କ ଦ୍ୱାରା ତାକୁ ଘରକୁ ଆଣିଲେ । ଚନ୍ କଥା ଭାଳିଭାଳି ସେ ଖିଆପିଆ ଛାଡ଼ିଲା । କେତେବେଳେ କେତେବେଳେ ମଶାଣିକି ଯାଏ । ବନ୍ଧୁକୁ ଯୋଉଠି ପୋତାଯାଇଥାଏ ସେଇ ମାଟିକି ଦରାଣ୍ଡି କାନ୍ଦେ । ଲୋକମାନେ ଏସବୁ ଦେଖି ଖୁବ୍ ଦୁଃଖିତ ହୁଅନ୍ତି । କେହି

Digitized by srujan ka@gmail.com

କେହି ବିରକ୍ତ ହେଲେଣି । ଆଉ ଜାଣିବା ଶୁଣିବା ଲୋକେ ତା' ପ୍ରତି ସହାନୁଭୂତି ଦେଖାନ୍ତି ।

ୟି ଥରେ ଖଟରେ ଶୋଇଥାଏ । ସେ ଗୋଟେ ବିଚିତ୍ର ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ତା'ବନ୍ଧୁ ତା'ପାଖକୁ ଆସିଲା । ସେ ମୂଲ୍ୟବାନ୍ ପୋଷାକ ପିନ୍ଧିଥାଏ । କହିଲା, "ବନ୍ଧୁ ୟି, ମୁଁ ଏଠି ଯମପୁରୀରେ ଭଲରେ ଅଛି । ତମ କଥା ବହୁତ ମନେପଡ଼ୁଛି । ତମେ ତ ବିକଳ ହେଉଛ—ସେଇଥିପାଇଁ ଆସିଲି । ଏବେ ସେଠାରେ ମୁଁ ଜଣେ ପଦସ୍ଥ କର୍ମଚାରୀ । ତମେ ମୋ ପାଇଁ ଆଉ ଦୁଃଖିତ ହେବନି । କେବେ ଯଦି ମୋ' ସହିତ ମିଶିବାକୁ ଚାହଁ, ତେବେ ମୁଁ ତମକୁ ଗୋଟେ ମନ୍ତ୍ର ଦେବି । ତମେ ସେଇ ମନ୍ତ୍ରଟି ଗାଇ ଶୋଇଯିବ, ଆଉ ପରେ ପରେ ମୋ' ପାଖେ ଯମପୁରୀରେ ପହଞ୍ଚିଯିବ । ତେଣିକି ଆମେ ପୁଣି ଯାହା କଥାଭାଷା ହେବାକୁ ଚାହିଁବା ହେଇପାରିବା । ତେବେ କଥା ହେଉଛି, ତମେ ସବୁବେଳେ ଦି'ପହରରେ ଏ ମନ୍ତ୍ର ବୋଲିବ । ଚବିଶଘଣ୍ଟାରେ ଥରେ ମାତ୍ର ବୋଲିପାରିବ ।" ଏକଥା କହି ଶନ୍ ୟିଠୁ ବିଦାୟନେଲା ।

ୟିର ନିଦ ଭାଙ୍ଗିଗଲା । ସେ ଆଗେ ସ୍ୱପ୍ନକୁ ସତ୍ୟମଣି ଚାରିଆଡ଼କୁ ଅନାଇଁଲା । ସେ ବନ୍ଧୁକୁ ଖୋଜୁଥିଲା । ଦେଖିଲା, ତା' ବନ୍ଧୁ ନାଇଁ । ସେଇଠୁ ଜାଣିଲା ଏ ଗୋଟେ ସ୍ୱପ୍ନ ! ତା'ପରେ ଭାବିଲା—ସତରେ କ'ଣ ତା' ବନ୍ଧୁ ଆସିଥିଲା ? ସତରେ କ'ଣ ସେ କହିଥିବା ମନ୍ତ୍ରଟା କାମ ଦେବ ? ତା'ପରଦିନ ଦି'ପହରରେ ସେ ଚଦରଟାଏ ଘୋଡ଼ାଇହୋଇ ଶୋଇପଡ଼ିଲା, ଆଉ ଶନ୍ କହିଥିବା ମନ୍ତ୍ରଟି ପଢ଼ିଲା । ସଙ୍ଗେ ସଙ୍ଗେ ତା' ମୁଣ୍ଡ ଝାଙ୍କିଦେଲା ପରି ମନେହେଲା । ତା' ହାତଗୋଡ଼ କେମିତି ଝିମ୍ ଝିମ୍ କଲା । ତା'ର ମନେହେଲା, ସେ ଯେପରି କୁଆଡ଼େ ଉଡ଼ି ଉଡ଼ି ଯାଉଛି ।

କିଛି ସମୟ ପରେ ସେ ଗୋଟେ ଦେଶରେ ପହଞ୍ଚିଲା । ସେଇଟା ଥିଲା ଯମପୁର । ତା' ବନ୍ଧୁ ତାକୁ ଚାହିଁବସିଥିଲା । ସେ ଦୁଇହାତ ପ୍ରସାରି ତାକୁ କୁଣ୍ଢାଇନେଲା । ଦିହେଁଯାକ ବେଶ୍ ବୁଲାବୁଲି କଲେ । ଖୁସିରେ ଗପସପ କଲେ । ବେଳ ହେଲାରୁ ୟି ବିଦାୟନେଇ ବାହାରକୁ ଚାଲିଆସିଲା ।

ଏ କଥା କେହି ଜାଣିପାରିଲେନି । ସମସ୍ତେ ଭାବିଲେ ସେ ୟି ଶୋଇଛି । ସେ ତା'ପରେ ଭଡ଼ମୋଡ଼ ହେଇ ଉଠିଲା । ଦେଖିଲା ସବୁ ଠିକ୍ ଅଛି । ସେ ଖୁସିହେଲା । ଲୋକେ ତା' ପରିବର୍ତ୍ତନର କାରଣ ଜାଣିପାରିଲେନି । ଭାବିଲେ, ତା' ମନ ବଦଳିଯାଇଛି ।

Digitized by srujan ka@gmail.com

ସେଇଦିନୁ ସେ ସବୁଦିନ ଦି'ପହରେ ଶୁଏ । ସେଇ ମନ୍ତ୍ର ଗାଏ । ଯାଏ ଯମପୁରୀକି । ସେଇଠି ଦି'ବନ୍ଧୁ ମିଶି ଗୀତଗାଆନ୍ତି । ବସନ୍ତି । ହସନ୍ତି । ଗପ-କରନ୍ତି । ଗଲାଦିନର ସୁଖଦୁଃଖ, ଏବର ଭଲମନ୍ଦ କଥା ହୁଅନ୍ତି । ଖୁସିରେ ବେଳ କଟେ ।

ପୁଣି ତା' ପୁଅରପୁଅ, ନାତିକି ଖୁବ୍ ଭଲପାଏ । ନାତିକି ପାଖରେ ରଖେ, ଖେଳାଏ, ବୁଲାଇନିଏ । ପାଖରେ ଶୁଆଏ । ନାତିର ବୟସ ହେବ ଏଇ ପାଞ୍ଚ କି ଛ ବର୍ଷ!

ସେଦିନ ଦି'ପହରେ ଖାଇବା ଶେଷ ହେଲା । ନାତି ବି ପୁଣି ସହିତ ଖାଇଛି । ଦିହେଁ ଆସି ଏକା ଶେଯରେ ଶୋଇଲେ । ଦିହରେ ଏକା ଚଦର ଘୋଡ଼େଇହେଲେ । ପୁଣି ତା' ବନ୍ଧୁକୁ ଦେଖିବାକୁ ମନକଲା । ସେଇ ମନ୍ତ୍ର ଗାଇଲା । ସଙ୍ଗେ ସଙ୍ଗେ ତା' ଜୀବନ ପିଣ୍ଡ ଛାଡ଼ି ଚାଲିଗଲା । ଆଉ ସେଇଠି ପଡ଼ିରହିଲା ତା' ଦିହଟା । ନାତି ତ ଏକଥା ଶୁଣୁଚି—ସେ ଭାବିଲା, ଜେଜେର ଏ କ'ଣ ହେଲା ! ସେ ବି ତା' ଜେଜେ କହିଲା ପରି ମନ୍ତ୍ର ବୋଲିଲା । ସେ ବି ସେଇପରି ଜେଜେର ପଛେ ପଛେ ଯାଇ ଯମପୁରୀରେ ହାଜର ! ପୁଣି ଚମକି-ପଡ଼ିଲା—ଆରେ, ଏ ନାତି ଟୋକା ଆସିଲା କିପରି ? ନାତିଠୁ ସବୁ ଶୁଣି ତା' ବୁଦ୍ଧି କି ପ୍ରଶଂସା କଲା । ତା' ପିଠି ଥାପୁଡ଼େଇ ଦେଇ କହିଲା, "ବଡ଼ ହେଲେ, ଇଏ ଖଣ୍ଡେ ପିଲା ହେବ !"

ଚନ୍ ଓ ପୁଣି ନାନା ଗପରେ ମାତିଥା'ନ୍ତି । ନାତି ସେଇଠି ପାଖରେ ବସିଥିଲା । ହଠାତ୍ ଦେଖିଲା ତା'ର ବୟସର ଦଳ ଦଳ ପିଲା ଖେଳ କୁଦ ବୁଲୁଛନ୍ତି । ସିଏ କି ଆଉ ସମ୍ଭାଳେ ! ସେ ବି ସେମାନଙ୍କ ସହ ଖେଳବୁଲ କରିବାକୁ ଚୁପ୍‌ଚାପ୍ ଚାଲିଗଲା । ପୁଣି ଥରେ ଦି'ଥର ଅନାଇଁ ତାକୁ ଆଖି ଆଗରେ ରଖିଥାଏ । କପ୍‌କପ୍ ପାଣିସୁ ପିଇ ବନ୍ଧୁ ସହ ହାତ ଧରାଧରି ହେଇ ଗପକରୁଥାଏ, ଚାଲିଥାଏ । ତେଣୁ କଥା ଲହରରେ ଇମିତି ମାତିଗଲା ଯେ, ସେ ନାତିର କଥା ଏକବାକ୍ ପାସୋରିଦେଲା । ଆଉ ବେଳ ହେଲାରୁ ବନ୍ଧୁଠୁ ମେଲାଣି ନେଇ ମରତ ଭୂମିକୁ ଫେରିଆସିଲା ।

ଶେଯରେ ତା' ଜୀବନ ପିଣ୍ଡରେ ପଶିଲା । ସେ ଭିଡ଼ମୋଡ଼ିହେଲା । ତା' ପରେ ସେ ଉଠିବସିଲା । କିନ୍ତୁ ତା'ର ପାଖରେ ଶୋଇଚି ନାତି—ସିଏ ଯେ ଉଠୁନି ! ହଠାତ୍ ତା'ର ମନେପଡ଼ିଲା, ସେ ଯମପୁରୀରେ ନାତିକି ଛାଡ଼

Digitized by srujan ka@gmail.com

ଦେଇ ଆସିଚ । ପିଲର ମା'-ବାପା, ଆଉ ଅନ୍ୟମାନେ କାନ୍ଦ ବୋବାଳି ଆରମ୍ଭକରିଦେଲେ । ସେମାନେ ସମସ୍ତେ ସ୍ପିକୁ ଦୋଷଦେଲେ । ଆଉ ସ୍ପି ନଜେ ଯେ ପ୍ରକୃତରେ ଦୋଷୀ, ସେକଥା ସେ ସ୍ୱୀକାର କରିବାକୁ ବାଧ୍ୟ । କାହାକୁ ସେ ସମପୁଷ୍ପ ଆଉ ମନ୍ତ୍ର କଥା ସିନା କହୁନ, ହେଲେ ସବୁ କଥା ତ ସିଏ ଜାଣେ ! ମନ୍ତ୍ରଟା କହିଦେଲେ ଅକାମୀ ହୋଇଯାଏ, ସେଥିଲାଗି ସେ ଗୋପନ ରଖିଚ ।

ଏଇ ତ ଅଳ୍ପ ସମୟ ହେଲା ସେ ସମପୁଷ୍ପରୁ ଫେରିଚ—ଏଇଲାଗେ ଆଉ ଯାଇହେବନ । ତାକୁ ଆହୁରି ଚବିଶ ଘଣ୍ଟା ଅପେକ୍ଷା କରିବାକୁ ହେବ । ସେ ଘରର ସବୁ ଲୋକଙ୍କୁ କହିଲା, "ଦେଖ, ଇମିତ କନ୍ଦାକଟା କଲେ କାମ ହୁଏନ । ତମେ ସବୁ ଧୈର୍ଯ୍ୟଧର । ନାତର ଦେହ ମୋ ପାଖରେ ରହୁ । ମୁଁ ନକହିଲା ଯାଏଁ କଏ କିଚ୍ଛୁ କରିବନ !"

ନାନା ଆଶଙ୍କା, ସନ୍ଦେହ, ଦୁଃଖ ନେଇ ସେ ରାତ କଟାଇଲା । ତା' ପରଦିନ ଦ୍ୱି'ପହର ଆସିଲା । ସେ ଚୂପ୍‌ଚୂପ୍ ମନ୍ତ୍ରଟା ପଢ଼ି ସମଦ୍ୱୀପକୁ ଗଲା । ବନ୍ଧୁ ଚନ୍ ତାକୁ ଖୁସିରେ ସଙ୍ଗୋଳିନେଲା । ଏ ସଙ୍ଗୋଳାରେ ସ୍ପିର ଖୁସି ନାହିଁ । ସେ ନାତ କଥା କହିଲା ।

ଚନ୍ କହିଲା—ଏ ଗୋଟେ ଗହନ କଥା । ଆମର ସେଠି ଗୋଟାଏ ବଡ଼ ପୃଥିବୀ । ଏଠି ବ ସେପରି ବିରାଟ ଦୁନିଆଁଟାଏ । ନତ ଏଠିକି କେତେ ଯେ ଲୋକ ଆସନ୍ତି ଜାଣିବା ମୁସ୍କିଲ୍ । ଏଠି ଯିବାଆସିବା ସବୁବେଳେ ଲାଗିଚ । କଏ କୋଉଠି ଅଛି କହିହେବନ ।

"ନାତକ ନପାଇଲେ ମୋ ଭେଲା ବୁଡ଼ିଯିବ ହେ ! ଖୋଜକରି ତମେ ଆଣି ଦେବ ନା···!" ସ୍ପି କାନ୍ଦ କାନ୍ଦ ହୋଇ କହିଲା ।

ଚନ୍ ଯାଇ ଗୋଟାଏ ବଡ଼ ବହି ଆଣିଲା । ସେଠି ତାରିଖ ଅନୁସାରେ ମିଳାଇଲା । ବେଶ୍ ବଡ ତାଲିକା । ସ୍ପିର ଧୈର୍ଯ୍ୟ ସମ୍ଭାଳାଯାଉନ । ସେ ବନ୍ଧୁକୁ ତରତରେଇ ଗୁଳିଛି । ଚନ୍ ତାକୁ ଆହୁରି ସହି ସମ୍ଭାଳି କାମ କରିବାକୁ କହୁଚ, ନହେଲେ ତା' ପରିଶ୍ରମ ମାଟି ହୋଇଯିବ । ଶେଷକୁ ଚନ୍ ସେ ପିଲର ଠାବକଲା । କହିଲା, "ପାଇଲ··ପାଇଲ ! ନାତ-ଟୋକାକୁ ପାଇଲ !!"

"ପାଇଲ···! କାହିଁ···? ହଅ···ହଅ···!!"

Digitized by srujan ka@gmail.com

"ପାଇଲ ମାନେ ସେ ଏଠି ନାହିଁ ।"

"କୋଉଠିକି ଗଲା ?"

"ସେ ପୁଣି ପୃଥିବୀକି ଫେରିଯାଇଚି ।"

"କେମିତି ଗଲା ?"

"ସେ ଏବେ ମଣିଷ ହୋଇ ନାହିଁ ।"

"ସେ ମଣିଷ ହୋଇନି ?"

"ନା—ସେ ଘୁଷୁରିଛୁଆ ହୋଇଯାଇଚି ।"

"ହେ ଭଗବାନ୍, ଏ କ'ଣ ହେଲା ? ମୁଁ କ'ଣ କରିବି ?"

"ଦେଖ··· ବ୍ୟସ୍ତ ହୁଅନି । ଭାବି ଯେ ତମର ବଡ଼ ଭାଗ୍ୟ !"

"ଭାଗ୍ୟ କେମିତି ?"

"ଭାଗ୍ୟ ନୁହେଁ ? ତମ ଗାଁର···ସେଇ ଆର ସାହିରେ ସିଂ ହୁଆ ଫୁରେ ଯୋଉ ହାନ୍ ଘର ଅଛନ୍ତି···ତାଙ୍କ ଘରେ ସେ ଘୁଷୁରି ପେଟରେ ଜନ୍ମ-ନେଇଚି ।"

"ତେବେ ନାତିକି ପାଇବି କପରି ?"

"ପାଇବ କପରି ? ଉପାୟ ଅଛି । ତମେ ସେଠିକି ଯିବ । ଦେଖିବ, ଏଇ ରାତିରେ ସେ ଘରେ ତେରଗୋଟି ଘୁଷୁରି ଛୁଆ ଜନ୍ମହୋଇଛନ୍ତି । ସେମାନଙ୍କ ଭିତରେ କେବଳ ଗୋଟିଏ ଛୁଆର କପାଳରେ ଶ୍ୱେତ ଚିହ୍ନ ଅଛି । ତାକୁ କିଣିଆଣ । ତାକୁ ମାରିଦେଲେ ନାତି ଟୋକା ଜୀବନ ପାଇବ ।"

ସ୍ୱି ଶୁଣିଲା ତ ଉଠିଲା । ବନ୍ଧୁକୁ କହି ପଳାଇଲା ଆଉ ଘରେ ପହଞ୍ଚିଲା । ପେଡ଼ିପୋଟଳା ଖୋଜି ଯାହା ପଇସାପତ୍ର ଥିଲା ସବୁ ରୁଣ୍ଡାଇଲା । ସେ ପାଗଳପରି ହାନ୍ ଘରକୁ ଗଲା । ହାନ୍ ଚଷାଲୋକ । ସ୍ୱିକୁ ଦେଖି ସେ ତାକୁ ସମ୍ଭୋଳିନେଲା । କହିଲା, "କୁହ···କଥା କ'ଣ ? କୁଆଡ଼େ ଆସିଲ ?"

"ମୁଁ ସେଇ ଘୁଷୁରିଛୁଆଟି ଗୁହେଁ—କିଣିନେବି ।"

"ହଁ, ନେବ ଯଦି ନିଅ । ଛୁଆ ହୋଇଚି···ତେବେ ପଛେ ନେଇଥିଲେ ଭଲହୁଅନ୍ତା !" ଘରର ମାଲିକ ଭାବୁଥିଲା ଛୁଆଟା ବଡ଼ ହେଲେ ବେଶି ପଇସାରେ ଯିବ ।

ବୁଢ଼ାର ତର ସହୁଲାନି । ରୁଣ୍ଡାଇ ଆଣିଥିବା ସବୁ ଟଙ୍କା ସେ ଚଷାଟି ଆଗରେ ଅଜାଡ଼ିଦେଲା । ସେ ଶ୍ୱେତ ଘୁଷୁରି ଛୁଆଟାକୁ ଟାଉକନା ବୋହି-

Digitized by srujan ka@gmail.com

ନେଲା । ସମସ୍ତଙ୍କ ଦେଖନ୍ତରେ ସେଇକ୍ଷଣି ସେ ଚୁଆଁଟାକୁ ମାରିଦେଲା । ସେ ଦଉଡ଼ ଦଉଡ଼ ଘରକୁ ଫେରିଲା ।

ହାନ୍ ଘରର ଲୋକେ ବୁଢ଼ା ସ୍ୱିଭ୍ର ଏ କାମ ଦେଖି ଆଶ୍ଚର୍ଯ୍ୟ ହେଲେ । ଆଜ ବୁଢ଼ା ଭୁଲ୍‌ରେ ଏ ଟଙ୍କାଗୁଡ଼ା ଫିଙ୍ଗି ଯାଇଚ ବୋଲି ଭାବନେଲେ ।

ବୁଢ଼ା ଦଉଡ଼ ଦଉଡ଼ ଘର ମୁହଁରେ ପହଞ୍ଚିଲା । ନାତି ସେ ଦଗରୁ ହସି ହସି କହୁଚ—"ଜେଜେ, କେତେବେଳେ ଆସିଲ ମ ! ମୁଁ ଟିକେ ଏଣେତେଣେ ବୁଲୁଥିଲି ।"

ମେଂଗ୍ ଚାଂଆଂ

ଗାଁର ଦୁଇଟି ଘର । ଲଗାଲଗି ହୋଇ ଘର ଦୁ'ଟି । ଦୁ'ଘରେ ଦୁ'ଟି ପରିବାର । ଦୁ' ପରିବାର ମଝିରେ ଅନେକ ସ୍ନେହ ଶରଧା । ସ୍ୱାଙ୍କର ସାତ-ପୁରୁଷଙ୍କୁ ତାଙ୍କର ସାତପୁରୁଷ ହେଲାଣି । କେହ୍ୱ କେବେ ସେମାନଙ୍କ ଭିତରେ କଳି ତ କଳି ସାମାନ୍ୟ ଭୁଟ୍‌ଭାଟ୍ ହେବା ଶୁଣିନ । ଉଭୟ ପରିବାର ଭିତରେ ଅଭେଦ୍ୟ ପ୍ରୀତି । ଲୋକେ କହନ୍ତି, ଘର ଭିତରେ ଦୁ'ଖଣ୍ଡ କଂସା ଥିଲେ ବାଜେ ଓ ଶବ୍ଦ ହୁଏ । ଭାଇଭାଇ ଭିତରେ ଏପରିକି ପୁଅ-ବାପ ଭିତରେ ଉଚ୍ଚବାଚ ହୁଏ । ହେଲେ ଏ ଦୁଇଘର ଭିତରେ ବରଷ ବରଷ ଧରି, ପୁରୁଷ ପୁରୁଷ ନେଇ କେବେ ମନ ଅମେଳ ହୋଇନ । ଦୁଇଟି ଘରରୁ ଗୋଟେ ହେଲା ମେଙ୍ଗ୍ ପରିବାରର, ଆରଟି ଚାଂଆଂ ଘର । ଆଜ ସେମାନଙ୍କ ମଝିରେ ବାଡ଼ ପାଚେରିଟିଏ । ପାଚେରି ଉପରେ ନାଳରଙ୍ଗର ଖପର ।

ସବୁବରଷ ସେମାନେ ବାଗରେ ପନପରିବା ଲଗାନ୍ତି । ଥିଲାନଥିଲାକୁ ଦିଆନିଆ କରନ୍ତି । ସେ ବରଷ ମେଙ୍ଗ୍ ବୁଢ଼ା ତାଙ୍କ ବାଗରେ ବୋଇତାଳୁ ମଞ୍ଜିଟିଏ ପୋତିଲେ । ଠିକ୍ ସେଇ ସମୟରେ ଚାଂଆଂ ବୁଢ଼ା ତାଙ୍କ ପାଖେ ସେଇପରି ମଞ୍ଜିଟେ ବୋଇଲେ । ଉଭୟ ମଜାରେ ଏକାଦିନେ ଗଜା ଉଠିଲା । ଗଛ ବଢ଼ିଲା । ଡଙ୍କ ଲମ୍ବିଲା । ଖରା ପାଣି ପାଇ ଦୁ'ଟାଯାକ ଡଙ୍କ ସେଇ ପାଚେରିରେ ମାଡ଼ିଲା । ଶେଷକୁ ଇମିତି ଏକାଠି ମାଡ଼ିଲା ଯେ କିଏ କାହାର ଜାଣିହେଲାନି, ବାରିହେଲାନି ।

ସେ ଡଙ୍କରେ ଅନେକ ଫୁଲ ହେଲା । ଅନେକ କଷିଧରିଲା । ମାତ୍ର ଫଳ

Digitized by srujan ka@gmail.com

ରଖିଲା ଗୋଟିଏ ବୋଇଲେ ଗୋଟିଏ । ଦୁ'ଘରଯାକ ଗଛର ଖୁବ୍ ଯତ୍ନ ନେଉଥାନ୍ତି । ନିତ ଦେଖାଦେଖି କରୁଥା'ନ୍ତି । ମାତ୍ର ସେଇ ଗୋଟେ ଫଳରୁ ଦୁ'ଟା କେବେ ହେଲାନି । ଦୁଇଘର ମିଶି ଠିକ୍‌କଲେ ଯେ ସେମାନେ ଅପେକ୍ଷା କରିବେ । ଫଳ ପାକଳ ହେଉ । ପାଚୁ । ଉଙ୍କ ମରୁ । ଦୁ'ଘର ଫଳଟିକୁ ସମାନ ଭାବେ ବାଣ୍ଟିକୁଣ୍ଟି ନେବେ ।

ସତକୁ ସତ ସେଇଆ ହେଲା । ଉଙ୍କ ଶୁଖିଲା । ସେତେବେଳକୁ ବୋଇ-ତାଳୁଟି ବେଶ୍ ଗୋଟାଏ ବୋଝଟାକର ହୋଇଯାଇଥାଏ । ପାଚି ଇଟାପରି ଲାଲ ଦିଶୁଥାଏ । ମେଙ୍ଗ୍ ବୁଢ଼ା ଛୁରି ଧରି ଫଳଟି କାଟିବାକୁ ଆରମ୍ଭ-କଲେ । ଚଂଆଂ ଘରର କେହି ନାହାନ୍ତି—ଗ୍ରେଟ ଛୁଆଏ ଖାଲି ଥା'ନ୍ତି । ସେ ଛୁଆଏ ପାଚେରି ଉପରେ ଉଠି ଫଳକଟା ଦେଖୁଥା'ନ୍ତି । ସତମନ୍ତ ଲୋକ ହେଲେ ଏତେ ଜଗାରଖା କ'ଣ ଲୋଡ଼ା !! ମେଙ୍ଗ ଛୁରି ଚଳାଇବା ଆରମ୍ଭ କଲେ । ହଠାତ୍ ଗୋଟେ କଅଁଳିଆ ସ୍ୱର ଶୁଭିଲା—

ଥିର ଥିର କର କାଟ ବୋଇତାଳୁ
କାଟ ଥିର ଥିର କରି,
ବାପାହେ, ନ ହେଲେ କୁନିଝିଅଟିକ
ପକାଇବ ତମେ ମାରି ।।

ମେଙ୍ଗ୍ ଚମକିପଡ଼ିଲେ । ପିଲାଏ ଚମକିଗଲେ । ଆଉ ସେମାନଙ୍କ ହାତରୁ ବୋଇତାଳୁଟା ଖସି ମାଟିରେ ପଡ଼ିଗଲା । ସେଇଟା ଦୁ'ଫାଳ ହୋଇ ଫାଟିଗଲା । ତା' ଭିତରେ ସରୁ ଛୁଆଟିଏ ! ସେ ଗୋଟାଏ ଝିଅ । ଛୁଆ ପରୀଟିଏ ପରି ସୁନ୍ଦର ଶିଶୁଟି !

ଚଂଆଂକୁ ଡକାପଡ଼ିଲା । ଦୁଇଘରର ବାପା ମା' ବସି ଠିକ୍ କଲେ, ଏ ଝିଅଟି ଦୁଇଘରର । ଦୁ'ପରିବାର ମିଶି ତାକୁ ପାଳିବେ, ବଡ଼ କରିବେ, ପୋଷିବେ ଆଉ ବାହାଦେବେ । ଆଉ ସତକୁ ସତ ସେ ଦିନୁ ଦୁ' ପରିବାର ଗୋଟାଏ ପରିବାର ହେଲା । ସେମାନଙ୍କ ଘରକୁ ଅଲଗା କରୁଥିବା କାନ୍ଥଟାକୁ ଭଙ୍ଗାଗଲା । ଦୁଇଟି ଘରର ଝିଅ ହୋଇ ସେ ଝିଅଟି ବଢ଼ିଲା ।

ସେ ଚୀନ ଶି ହୁଆଂଟିଙ୍କ ବେଳ । ରାଜା ବଡ଼ ପ୍ରତାପୀ ! ବଡ଼ ନିଦାରୁଣ ! ଚୁଇନାରେ ଇଏ ସମ୍ରାଟ୍ । ଲୋକେ ଶାହି ଶାହି ଡାକଛାଡୁଛନ୍ତି । ସେ ଯାହା କହନ୍ତି ତାହା କରନ୍ତି । ହୁଆଂଟିଙ୍କ ସମୟରେ ଚୁଇନା ଉପରେ ହୁନ୍‌ମାନେ

ଉତ୍ତରଦିଗରୁ ଥରକୁଥର ଚଢ଼ାଉ କରୁଥିଲେ । ଦେଶର ଗାଁଗଣ୍ଡା ସହର ବଜାର ସେମାନେ ଲୁଟି କରୁଥିଲେ । ଆଉ ଘର ଦୁଆର ପୋଡ଼ି ପକାଉ-ଥିଲେ । ଦେଶ ଗୋଟା ହୁନ୍‌ମାନଙ୍କ ଧାପରେ ଥରହର ହୋଇଥାଏ ।

ଜଣେ କିଏ କହିଲା ଉତ୍ତରରେ ଗୋଟାଏ ବଡ଼ ପାଚେରି କରିଦେଲେ ହୁନ୍‌ମାନେ ଚଢ଼ାଉ କରି ପାରିବେନି । ସମ୍ରାଟ୍‌ଙ୍କ ମନକୁ କଥାଟା ପାଇଲା । ସେଇଠୁ କାମ ଚାଲିଲା । ପଶ୍ଚିମର ଦୂର ପାହାଡ଼ମାଳାରୁ ପୂର୍ବର ସମୁଦ୍ର କୂଳ ଯାଏଁ ପ୍ରାୟ ଦଶହଜାର ମାଇଲ । ଏତେ ଚଉଡ଼ା ! ଏତେ ବଡ଼ ! ସମ୍ରାଟ୍‌ଙ୍କ ଆଦେଶରେ ଲୋକେ ଦିନ ରାତି କାମରେ ଲାଗିଲେ । ଏତେ ବଡ଼ ପାଚେରି ପୃଥିବୀରେ ଆଉ କୋଉଠି ତିଆରିହୋଇନି । ଏଇ ହେଲା ସେ ଯୁଗରେ ସାତ ଆଶ୍ଚର୍ଯ୍ୟ ଜିନିଷ ଭିତରୁ ଗୋଟାଏ ।

ବରଷ ବରଷ କାମ ଚାଲିଛି—ମାତ୍ର କାନ୍ଥଟା ରହୁନି । ପଥର, ମାଟି, ମସଲା ଦେଇ କାନ୍ଥ ଉଠିଲା ପରେ ଭାଙ୍ଗିଯାଏ । ଇମିତି ଭଙ୍ଗା ଗଢ଼ା ଚାଲିଥାଏ । ହୋଇପାରେ ତିଆରିରେ କୋଉଠି କିଛି ଭୁଲ ତ୍ରୁଟି ଥିଲା । ମାତ୍ର ସମ୍ରାଟ୍ ବୁଝିଲେନି । ସେ କାମ କରୁଥିବା ଲୋକମାନଙ୍କ ମୁଣ୍ଡ କାଟ କଲେ । ଏଇପରି ଅବୁଝା ସେ ସମ୍ରାଟ୍ । ବହୁତ ଲୋକ ହାଣଖାଇଲେ । ତଥାପି କାମ କିଛି ଆଗେଇପାରୁନଥାଏ ।

ସମ୍ରାଟ୍ ବଡ଼ ଚିନ୍ତାରେ ଥାଆନ୍ତି । କିଏ ଜଣେ କହିଲା, "ହଜୁର, ଏ ପାଚେରି ମଣିଷ ମାଗୁଛି । ପ୍ରତି ମାଇଲରେ ଜଣେ ମଣିଷକୁ ଜୀଅନ୍ତା ପୋତି ଦିଅନ୍ତୁ । ତା' ଭୂତ ମାଇଲଏ ଯାଏଁ ଜଗିବ । କାନ୍ଥ ରହିବ ।"

ସମ୍ରାଟ୍ ପାଚେରି କରିବାକୁ ତ ପଣ କରିଛନ୍ତି, ଆଉ ସେଥିପାଇଁ ସେ ପାଗଳ । ହେଲା ଆଦେଶ—ମାଇଲକରେ ଜଣେ ଜଣେ ଲୋକକୁ ପୋତ । ଲୋକେ ଡରମର ଥରହର । କିଏ ଜାଣେ କାହା କପାଳ ଫାଟୁଛି ? ଡୁଁ ଚାଁ କରିବାକୁ ଜୁ ନାହିଁ···ସାହସ ନାହିଁ । ସେ ଯୁଗରେ ରଜାର ଆଦେଶ ମାନେ ଦଇବର ଆଦେଶ । ଇମିତି କେତେ ଲୋକ ବଳିପଡ଼ିଲେ ।

ହୁଆଂଟିଙ୍କ ପ୍ରଧାନମନ୍ତ୍ରୀ ବଡ଼ ଚାଲାକ୍ ଲୋକ ଥିଲେ । ସେ ଦେଖିଲେ ସମ୍ରାଟ୍ ଏମିତି ଯୋଉ ନରମେଧ ଯଜ୍ଞ ଚଳାଇଲେଣି ସେଥିରେ ପ୍ରଜାଏ ବଡ଼ ଭାଳେଣିରେ ପଡ଼ିଛନ୍ତି । ପ୍ରଜାମେଳକ ରଜା କ'ଣ କରିବେ ? ମନ୍ତ୍ରୀ ଗୋଟିଏ ଉପାୟ ପାଞ୍ଚିଲେ । ସମ୍ରାଟଙ୍କୁ କହିଲେ, "ମହାଭାଗ, ଓ୍ୱାନ୍ ବୋଲି ଜଣେ

Digitized by srujan ka@gmail.com

ଲୋକ ଯାହା ଦଶହଜାର ଲୋକ ତାହା । ଆମେ ସେଇ ଲୋକଟାକୁ ଧରି ଆଣି କାନ୍ଥରେ ପୋତିଦେବା । ତା’ହେଲେ ଦଶହଜାର ଲୋକ ପୋତିବା ଆଉ ଦରକାର ପଡ଼ିବନି ।”

ସମ୍ରାଟଙ୍କ ମନକୁ କଥାଟା ଘେନିଲା । ତା’ ଆଗରୁ ଅନେକ ଲୋକ ପୋତା ହେଲେଣି । ସେମାନଙ୍କ ସ୍ତ୍ରୀ, ପିଲାଝିଲା, ଜ୍ଞାତି, ବନ୍ଧୁ ଅନେକ କାନ୍ଦି କାଟି ଅଥୟ ହେଲେଣି । ଏତେ ଲୋକଙ୍କୁ ଧରି ବଳିଦେବା କ’ଣ ସହଜ କଥା ! କିନ୍ତୁ ସମ୍ରାଟ୍ ସେ କଥାକୁ ଖାତିର୍ କରୁନଥିଲେ । ମାତ୍ର ପ୍ରଧାନମନ୍ତ୍ରୀଙ୍କ କଥାଟା’ ତ ଖୁବ୍ ସହଜ !! ସେ ସୈନ୍ୟମାନଙ୍କୁ ଆଦେଶ ଦେଲେ—ଧରିଆଣ ଓ୍ୱାନ୍‌କୁ ।

ଓ୍ୱାନ ବୋଲି ଯୋଉ ଲୋକଟି ସେଠି କାମ କରୁଥିଲା, ଏ କଥା ଶୁଣି ତା’ର ତ ପିଳେହି ପାଣି ! ସେ ଲୁଚି ଲୁଚି ପଳାଇଲା । ପଳାଇଲା ଯେ ପଳାଇଲା—ଅନେକ ଦୂରକୁ ପଳାଇଲା । ଆସି ମେଙ୍ଗ୍ ଆଉ ଚଂଆଂଙ୍କ ଘରେ ଆଶ୍ରୟନେଲା ।

ସେତେବେଳକୁ ସେ ଝିଅଟି ବଡ଼ହେଇଗଲାଣି । ଦୁହିଁଙ୍କ ମଧ୍ୟରେ ସ୍ନେହ ଉପୁଜିଲା । ଠିକ୍ ହେଲା, ଓ୍ୱାନ୍ ସଙ୍ଗେ ତାକୁ ବାହା କରିଦିଆଯିବ । ଦି ପରିବାର ଲାଗିଲେ ବାହାଘର ଯୋଗାଡ଼ ଯନ୍ତ୍ରରେ । ଖୁବ୍ ଜାକଜମକରେ ବାଜାବାଜି, ଭୋଜି ଭାତରେ ବାହାଘର ସରିଲା । ଆଉ ସରିଲା ବେଳକୁ ରଜାଘର ପାଇକ ହାଜର । ସେମାନେ ଓ୍ୱାନ୍‌କୁ ବାନ୍ଧିଲେ । ତାକୁ ସେଇ ପାଚେରିରେ ବଳିଦେବାକୁ ଟାଣି ଟାଣି ନେଲେ । ଦି’ଘରର ଝିଅ ବୋହୂ, ପିଲାଛିଚିକା, ବୁଢ଼ାବୁଢ଼ୀ କାକୁତି ମିନତି କଲେ । ସେ ବୋହୂଟି ଲାଜ ସରମ ଫିଙ୍ଗିଦେଇ ପାଇକମାନଙ୍କ ପାଦତଳେ ଗଡ଼ିଲା । ହେଲେ ସବୁ ପାଣି ଫାଟିଗଲା । ଓ୍ୱାନ୍‌କୁ ସେମାନେ ବାନ୍ଧିଛାନ୍ଦି ନେଇଗଲେ । ତାକୁ ସେଇ ପାଚେରିରେ ବଳିଦିଆଗଲା ।

ଏଣେ ସେ ଝିଅଟି ମନରେ ଅପରନ୍ତ ଦୁଃଖ । ତା’ ଆଖିରୁ ଖାଲି ଲୁହ ବୋହୁଛି । ଦି’ଘରର ସେନେହ ଶରଧା ପାଇ ସେ ଅଲଅଲରେ ବଢ଼ିଥିଲା, ଦଇବ ବାଦ ସାଧିଲା । ବାପା ମା, ବୁଢ଼ାବୁଢ଼ୀଏ ନାନା କଥା କହିଲେ । ବହୁତ ପ୍ରକାରେ ତାକୁ ପ୍ରବୋଧିଲେ, ହେଲେ ସବୁ ବ୍ୟର୍ଥ ଗଲା । ସେ ଝିଅ କିଛି ବୁଝିଲାନି । ସେ ତା ବରକୁ ଝୁରିଲା । ଶେଷରେ ସେ ବରର

ଅଗ୍ନି ଆଣିବାକୁ ବାହାରିଲା । ଆଉ ଉତ୍ତର ସୀମାରେ ଯୋଉଠି ହଜାର ହଜାର ଲୋକ ସେଇ ପାଚେରି କରୁଥିଲେ ସେଇଠି ଯାଇ ପହଞ୍ଚିଲା ।

ସ୍ୱାମୀକୁ କୋଉଠି ପୋତାହୋଇଛି କିଏ ଜାଣିଛି ? ତା'ପରେ ଶହ ଶହ ମାଇଲ କାନ୍ଥ ତିଆରି ସରିଲାଣି । ସେ ଝିଅଟା ସବୁରି ହାତ ଗୋଡ ଧରୁଥାଏ, ଆଉ ତା'ବର କୋଉଠି ପୋତାହୋଇଛି ପଚାରୁଥାଏ । କଥାଟା ସମ୍ରାଟ୍‌ଙ୍କ କାନକୁ ଗଲା । ସେ ଭାବିଲେ, "ଆରେ, ଇଏତ ଗୋଟାଏ ଆଚମ୍ବିତ କଥା ! ଆଣ ସେ କନ୍ୟାକୁ ଥରେ ଦେଖିବା ।"

ଝିଅଟିକୁ ପାଇକମାନେ ଆଣି ସମ୍ରାଟ୍‌ଙ୍କ ସାମ୍ନାରେ ହାଜର କରାଇଲେ । ହୁଆଂଟି ଝିଅଟିକୁ ଦେଖିଲେ । ତା' ରୂପ ଦେଖି ଆଖି ଫିଟାଇ ପାରିଲେନି । ଏପରି କନ୍ୟା ତାଙ୍କ ଦେଶରେ ଅଛି...ଆଉ ସେ ଜାଣନ୍ତିନି ! ତାଙ୍କର ସ୍ତ୍ରୀ ହେବାକୁ ଇଏ ସିନା ଯୋଗ୍ୟ ।

ମେଂ ଚିଆଂ ସମ୍ରାଟ୍‌ଙ୍କ କଥା ଶୁଣିଲା । ଏଥିରେ ତା' ହୃଦୟରେ ନିଆଁ ଲାଗିଗଲା । ମାତ୍ର ସେ ବା କ'ଣ କରିପାରିବ ? ସମ୍ରାଟ୍‌ଙ୍କର ହଜାର ହଜାର ପାଇକ । ସାରା ଦେଶ ତାଙ୍କ ପାଦର କିଙ୍କର । ସିଏ ତ ଝିଅଟାଏ ଛାର !! ସମ୍ରାଟ ବୁଝାଇଲେ—ତୋତେ ମୁଁ ସବୁଠୁ ବଡ଼ ରାଣୀ କରିବି । ତୋ' ପାଦତଳେ ହଜାର କିଙ୍କରୀ ଖଟାଇବି । ତୋତେ ରତ୍ନ ଅଳଙ୍କାରରେ ଛାଇ ଦେବି ।

ଶେଷକୁ ମେଂ ଚିଆଂ ରାଜିହେଲା । କହିଲା—ସମ୍ରାଟ୍, ଆପଣଙ୍କ କଥାକୁ ମୁଁ ଗ୍ରହଣ କରିବି । କିନ୍ତୁ ମୋର ତିନିଗୋଟି ସର୍ତ୍ତ ଅଛି । ପ୍ରଥମ ସର୍ତ୍ତ ମୋ ସ୍ୱାମୀ ଯୋଉଠି ପୋତାହୋଇଛନ୍ତି ସେଇଠୁ ତାଙ୍କୁ ବାହାରକରି ରାଜାର ସମ୍ମାନ ଦେଇ ସମାଧି ଦିଆଯିବ । ଦ୍ୱିତୀୟ କଥା, ତାଙ୍କପାଇଁ ସାରା ଦେଶରେ ଅଣଚାଶ ଦିନ ଶୋକପାଳିବେ । ତାପରେ ଏଇ ନଈରେ ତାଙ୍କ ସ୍ମୃତିରେ ଗୋଟାଏ ବଡ଼ ସ୍ତମ୍ଭ ତିଆରିହେବ ।

ସମ୍ରାଟ୍ ତ ଝିଅଟିକୁ ବାହାହେବାକୁ ପାଗଳ ହେଇଯାଇଥିଲେ, ତେଣୁ ତା' କଥା ଅନୁସାରେ ସବୁ ହେଲା । ତା ସ୍ୱାମୀର ସ୍ମୃତିରେ ସାରାଦେଶ କାନ୍ଦଉଠିଲା । ଆଉ ତା' ସ୍ୱାମୀର ସ୍ମୃତିସ୍ତମ୍ଭ ତିଆରିହେଲା ।

ସମ୍ରାଟ୍ କହିଲେ, "ଏଥର ମୋ ଉଆସକୁ ଆସ !"

ମେଂ ଚିଆଂ କହିଲା, "ରହନ୍ତୁ, ମୋ ସ୍ୱାମୀଙ୍କର ଏ ସ୍ମୃତିସ୍ତମ୍ଭଟି ମୁଁ

Digitized by srujan ka@gmail.com

ଟିକେ ଦେଖିନଏ । ପାହାଚ ଉପରେ ପାହାଚ । ମେଂ ଚିଆଂ ଯାଇ ଶେଷ ପାହାଚରେ ଠିଆହେଲା । ସେ ସମ୍ରାଟ୍‌ଙ୍କ ଆଡ଼କୁ ବୁଲି ଚାହିଁଲା । ତା’ ଆଖିରେ ବାଘୁଣୀର ଚାହାଣି । ସମ୍ରାଟ୍ ଡରିଗଲେ ।

ମେଂଚିଆଂ କହିଲା, “ସମ୍ରାଟ୍, ତମ ଅନାଚାର, ଅତ୍ୟାଚାରକୁ ଏ ଦେଶର ଭବିଷ୍ୟତ କେବେହେଲେ କ୍ଷମା ଦେବ ନାହିଁ । ମୁଁ ଅଭିଶାପ ଦେଉଚି—ତମେ ଖୁବ୍ ଶୀଘ୍ର ଏହାର ଉଚିତ ଦଣ୍ଡ ପାଇବ ।”

ସମ୍ରାଟ ରାଗିଗଲେ । ସେ ଗର୍ଜନକରିଉଠିଲେ । ଝିଅଟି ସେଇ ସ୍ମୃତିସ୍ତମ୍ଭ ଉପରୁ ଡେଇଁପଡିଲା । ତଳେ ଗଞ୍ଚର ନଈରେ ଜଳ ଭଉଁରି ଖେଳୁଛି । ସେଇ ଜଳ ଭିତରେ ତା’ ସ୍ନେହପାଗଳ ଜୀବନଟି ହଜିଗଲା ।

ସମ୍ରାଟ୍ ପାଇକମାନଙ୍କୁ କହିଲେ, “ଏ ଚଣ୍ଡୀ ଦୁର୍ଦ୍ଦଣ୍ଡୀର ଶବକୁ କାଟି ଦିଅରେ !”

ପାଇକମାନେ ସେଇଆ କଲେ । କିନ୍ତୁ ମେଂ ଚିଆଂର ପ୍ରତିଟି ମାଂସଖଣ୍ଡ ରୂପାମାଛ ହୋଇଗଲା । ଲୋକେ କହନ୍ତି—ସେଇ ପତିସୋହାଗିନୀ ମେଂ ଚିଆଂ ଯୁଗ ଯୁଗ ଧରି ତା’ ସ୍ୱାମୀର ସ୍ମୃତିକି ସେଇଠି ମାଛ ହୋଇ ଝୁରୁଛି ।

ଅର୍ଥ ଆଣେ ଅନର୍ଥ

ଚୂଆନ୍ ଚୌଉ ଗାଁ ସେଇ ଧନୀଲୋକ ଜଣକ । ତାଙ୍କ ନା ଚେନ୍ ପୋ ଶି·ї ଏ ଘଟଣା ଏ ସାଲର ବୋଲି କୁହାଯାଇପାରେ—ମାନେ ଏଇ ଶହେ କି ଦେଢ଼ଶ ବର୍ଷର ହେବ । ଚୀନ୍ ଖୁବ୍ ପୁରୁଣା ଦେଶ ତ । ବହୁତ ଲମ୍ବା ତା’ର ଇତିହାସ । ସୁତରାଂ ଏ ଦେଶରେ ଅନେକ କଥା, ଅନେକ କାହାଣୀ । ଆଉ ସେ ତୁଳନାରେ ଏ ଗପଟା ହୋଇ କାଲି ବା ପଅରଦିନର ପରି ମନେହେବ ।

ଯାହେଉ, ଚେନ୍ ପୋ ଶିଙ୍କ କଥା କହୁଥିଲି ତ ! ସିଏ ଖୁବ୍ ଧନୀ । ସିଏ ଖୁବ୍ ଧନୀ ତା’ର ଅନେକ ବେଉସା, ଅନେକ ବେପାର । ସେ ଘରକୁ ଅନେକ ଲୋକ ଆସନ୍ତି; ଅନେକ ଲୋକ ଯାଆନ୍ତି । ଚେନ୍ ପୋ ଶିଙ୍କ ଘର ଅବସ୍ଥା ଠିକ୍ ସେଇଆ । ତହିଁରେ ତାଙ୍କର ପୁଅ ଝିଅ, ଭାଇଭଉଣୀ କେହି ନଥିଲେ । ସେମାନେ ଥିଲେ ଅବା କୋଉ କାମରେ ଟିକେ ହାତ ବଢ଼େଇ ଦିଅନ୍ତେ । ଟିକେ ସାହା ହୁଅନ୍ତେ ତ ! ତେଣୁ ତାଙ୍କୁ ସବୁକାମ ଏକେଲା କରିବାକୁ ହୁଏ ।

Digitized by srujan ka@gmail.com

ଏସବୁ କାମ କରୁ କରୁ ତାଙ୍କର ବହୁତ ବେଳ ଯାଏ । କୋଉଦିନ ସୂର୍ଯ୍ୟ ନଉଠୁଣୁ ଯାଇଛନ୍ତି···ଫେରିଲେ ଚନ୍ଦ୍ର ବୁଡ଼ିବା ପରେ । ଖିଆପିଆର ଠିକ୍ ନଥାଏ । ଶୋଇବା, ବସିବା, ହସିବାର ଠିକଣା ନାହିଁ । ମଉଜ କରିବା, ଖୁସିକରିବା କଥା ତ ସିଏ ଭୁଲିଗଲେଣି । ଘରେ ତାଙ୍କର ସ୍ତ୍ରୀ ସ୍ୱାମୀଙ୍କି ଗୃହିଁବସିଥାନ୍ତି । କେଉଁଦିନ ଖାଇବସିଲା ବେଳେ ପଦେ କିଛି କହନ୍ତି, ଚେନ୍ ପୋ କ'ଣ ଶୁଣନ୍ତି, କ'ଣ ଶୁଣନ୍ତିନି କେବଳ ସିଏ ଜାଣନ୍ତି !

ତାଙ୍କ ସ୍ତ୍ରୀଙ୍କର ମନହୁଏ···ଚେନ୍ ପୋ ଟିକେ ବିଶ୍ରାମ ନିଅନ୍ତେ··· ଆନନ୍ଦରେ ରହନ୍ତେ । ହେଲେ ତାଙ୍କୁ ଫୁରୁସତ୍ କାହିଁ ? ବେଳ କାହିଁ ? ଏତେବଡ଼ ଜାଗୀରଦାର୍—ଟିକେ ନଦେଖିଲେ କୋଉଠି କ'ଣ ହୋଇଯିବ । କୋଉଠି ଟଙ୍କା ବୁଡ଼ିଯିବ ! କାହାର କ୍ଷତି ହୋଇଯିବ । ଏଇପରି ଚିନ୍ତା ଯା' ମୁଣ୍ଡରେ ସିଏ ବିଶ୍ରାମ କରିବ କେମିତି ?

ସ୍ତ୍ରୀ ବେଳପାଇଲେ କଥାଟା ଉଠାନ୍ତି । ଚେନ୍ ପୋ ଶି ହସିଦିଅନ୍ତି । ସେ ହସଟି ସିଧାସଳଖ ସରଳିଆ ହସ । ଗୋଟେ ଢ଼ୁଆର ହସ । ଆଉ ସେ ହସ କହିଦିଏ—ତାଙ୍କ ସ୍ତ୍ରୀ ଦୁନିଆଁ ବିଷୟରେ ବହୁତ କଥା ଜାଣିନାହାନ୍ତି । ଥରେ ଥରେ ସେ ବାଘ କାହାଣୀଟିଏ ଶୁଣାନ୍ତି । ଜଣେ ଲୋକ ବାଘ ଉପରେ ବସି ଗଲା । ବାଘର କାନକୁ ଧରିଛି—ବାଘ ଦଉଡ଼ୁଛି । ସେ ଦଉଡ଼ୁଚି ତ ଦଉଡ଼ୁଚି । ଏ ଲୋକଟି ବାଘ ପିଠିରୁ ଓହ୍ଲାଇପାରୁନି । ସେ ଜାଣେ ଓହ୍ଲେଇଲେ କ'ଣ ହେବ । ମାମୁ ଏଡ଼େ ପାଟି ଖୋଲି, ଲମ୍ବ ଲମ୍ବ ମୁନିଆଁ ଦାନ୍ତ ଦେଖାଇ ଖପ୍ କରି ମାଡ଼ିବସିବେ, ଆଉ ପ୍ରିୟ ଭଣଜାଟିକି ଯମ-ଭୁବନ ପଠାଇଦେବାର ସବୁ ବନ୍ଦୋବସ୍ତ କରିଦେବେ । ଧନୀ ହେଲେ ସେହିପରି ଧନକୁ ଛାଡ଼ିପାରିବନି । ତମକୁ ପ୍ରାଣମୂର୍ଚ୍ଛା ଦଉଡ଼ିବାକୁ ହେବ ।

ସ୍ତ୍ରୀ ବୁଝିପାରନ୍ତିନି । ସେ ଖୁବ୍ ଦୁଃଖ କରନ୍ତି ।

ଚେନ୍ ପୋ ଶିଙ୍କ ଘରକୁ ଲାଗି ଲିଙ୍କ ଘର । ଲି ଗରିବ । ଖୁବ୍ ଗରିବ । ବିଚରା ସକାଳୁ ସଞ୍ଜଯାଏ ଖଟେ । କୋଉ ଠିକାଦାରଠି କାମ କରେ । କେଉଁଦିନ କାହା ଜମିରେ ଖଟେ । ସେଇଥିରୁ ଯାହା କମାଏ ଆଣି ଘରେ ସ୍ତ୍ରୀ ପାଖରେ ଥୋଇଦିଏ । ଆଉ ତା' ସ୍ତ୍ରୀ ସେଇଥିରେ ଶାଗ ଭାତ କରି ରାନ୍ଧିଦିଏ । ବଗୁଲି ବଗୁଲି ପରି ଦି'ଜଣ, ଖାଇପିଇ ଗପ କରନ୍ତି । ଲି ଭଲ ବଂଶୀ ବଜାଇ ଜାଣେ । ଖାଇସାରିଲା ପରେ ସେ ବଂଶୀଟି ଧରେ, ତା'ର ମନ ଇଚ୍ଛା ଗୀତ ଗାଏ । ବଂଶୀର ସ୍ୱରଟା ଗୁରିଆଡ଼େ ଭାସି ଭାସି ଯାଏ । ସିଏ

Digitized by srujan ka@gmail.com

ଶୁଣେ, ସିଏ ଖୁସିହୁଏ ।

ଚେନ୍ ପୋ ଶିଙ୍କର ତ ବେଳ ନଥାଏ—ସେ ଏ ବଂଶୀ ଶୁଣନ୍ତି କି ନାହିଁ କେହି କହିପାରିବେନି । କିନ୍ତୁ ତାଙ୍କର ସ୍ତ୍ରୀ ଶୁଣନ୍ତି । ଶୁଣି ଖୁସି ହୁଅନ୍ତି । ଆଉ ଦୁଃଖିତ ହୁଅନ୍ତି ବି । ସେ ଭାବନ୍ତି—ତାଙ୍କ ସ୍ୱାମୀ ଲି ପରି ହୋଇଥାନ୍ତେ କି ତା'ହେଲେ ସେମାନଙ୍କ ଜୀବନ ବେଶ୍ ସୁଖର ହୋଇଥାନ୍ତା !

ଥରେ ସଞ୍ଜରେ ସେ ସ୍ୱାମୀଙ୍କୁ ମନକଥା କହିଲେ ।···"ଶୁଣ, ଏଇ ଲି କେମିତି ବଂଶୀ ଫୁଙ୍କୁଛି । କେତେ ଖୁସିରେ ସେ ଅଛି ମ ! କ'ଣ ଅଛି ସେ ବିଚରାର ? ଖାଇବା ପିଇବାକୁ ଦି'ବେଳା ପାଏନି । ମାତ୍ର କି ଖୁସିରେ··· କି ଫୁର୍ତ୍ତିରେ ସିଏ ବଂଶୀ ବଜାଉଛି !"

ସେତେବେଳକୁ ଚେନ୍ ପୋ ଶି ହିସାବ ଖାତାରେ ମନଦେଇଥିଲେ । ସ୍ତ୍ରୀଙ୍କର କଥା ଶୁଣି ତାଙ୍କର କାମ ଅଟକି ଗଲା । ସେ ସ୍ତ୍ରୀଙ୍କ ଆଡ଼କୁ ଅନେଇଲେ । ମୁହଁରେ ସେଇପରି ସାଧାରଣ ହସର ରେଖାଟିଏ । କହିଲେ, "ଦେଖ, ସେଇ କଥାଟା ତା' ଆଉ ଆମ ଭିତରେ ଫରକ୍ । ସେମାନଙ୍କର ହାତରେ ଅନେକ ବେଳ—ତେଣୁ ସେମାନେ ଗୀତ ଗାଇପାରିବେ, ଖୁସି କରିବେ । ଆଉ ଯା'ର ଧନ ରତ୍ନ ରହିଛି···ତା'ର ବେଳ କାହିଁ ? ତମେ ଯଦି କହିବ ଏ ବଂଶୀ ବଜାଇବାଟା ମୁଁ ସଙ୍ଗେ ସଙ୍ଗେ ବନ୍ଦକରିଦେବି !"

"ବନ୍ଦକରିଦେବ ?" ସ୍ତ୍ରୀମଣି ପଚାରିଲେ ।

"ଡରିବାର କିଛି ନାହିଁ । ମୁଁ ପିଟାପିଟି କରିବନି, ଜୋରଜବରଦସ୍ତି କରିବନି । ମୁଁ ଗୋଟାଏ ମଜା କରିବି ।"

"ମଜା କରିବ ? କିମିତି ମଜା କରିବ ?"

"ମୁଁ ତାକୁ ବେଶ୍ କିଛି ଟଙ୍କା ଦେବି । ତା'ପରେ ଦେଖିବ···!"

ତାଙ୍କ ସ୍ତ୍ରୀ ହସିଲେ । ଏଡ଼େବଡ଼ ଘରଟାରେ ଯୋଉଠି କେବେ ହସ ନଥାଏ···ଏ ହସ ବେଶ୍ ନୂଆ ପରିବେଶଟାଏ ଆରମ୍ଭ କରିଦେଲା । "ଏଥିରେ କ'ଣ ହେବ ? ସେ ଆହୁରି ଅଧିକ ଖୁସି ହେବ ! ଆହୁରି ଆନନ୍ଦରେ ବଂଶୀ ବଜାଇବ !"

ହଉ ଦେଖ···! ବେଶିଦିନ ଅପେକ୍ଷା କରିବାକୁ ହେବନି । କାଲି ସଞ୍ଜରେ ଯଦି ତମେ ବଂଶୀର ସ୍ୱର ଶୁଣିବ ଜାଣିବ ମୋ' କଥା ଭୁଲହୋଇଯାଇଛି !"

ରାତି ପାହୁ ପାହୁ ଚେନ୍ ତାଙ୍କ ଚାକରକୁ ଡକାଇଲେ । କହିଲେ, "ଗଲୁ···ଗଲୁ, ଲିକୁ ଡାକି ଆଣିବୁ ।" ଚେନ୍‌ଙ୍କର ତ ଅନେକ କାମ । ସେ

Digitized by srujan ka@gmail.com

ଆଗେ ଲିର କଥାଟାର ଗୋଟେ କିନାରା କରିଦେବାକୁ ଚାହୁଁଥିଲେ, ତା' ହେଲେ ସେ ନିଶ୍ଚିନ୍ତରେ ଅନ୍ୟ କାମ ସବୁ କରିପିବେ । ନହେଲେ ସେ ଲିର କଥା ହୁଏତ ଭୁଲିଯାଇପାରନ୍ତି । ଚାକର ଯେମିତି ଡାକିଚ, ଲି ବି ନିଜେ ଆସି ଚେନ୍‌ଙ୍କୁ ଦେଖାକଲା । ଚେନ୍ ତାକୁ ଦେଖି ଦେଖି ଆଦରରେ ଡାକି ନେଲେ । ନିଜ ଘରେ ବସାଇଲେ । ପଚାରିଲେ, "କିମିତି ଚଳୁଛ କି ? ଭଲ ଅଛ ତ ! ନାନା କାମ ଭିତରେ ବୁଡ଼ିଯାଇ ତମ କଥା ପଚାରିପାରେନି । ଅନେକ ଥର ତମ କଥା ଭାବେ । ମାତ୍ର ସେଇ ଅସୁବିଧା—ପୁଣି ଭୁଲିଯାଏ । ତେଣୁ ଆଜି ପହିଲେ ସେ କଥା ପଚାରିବସିଲି ।"

"ବଡ଼ ଦୟା ଆପଣଙ୍କର ! ଆମର ଗୋଟେ କି ସୁଖ ! ଆମେ ତ ଗରିବ ଦୁଃଖୀ ଲୋକ ! ପେଟକୁ ଦେଖିଲେ ପିଠି ଖୋଲା ରହେ । ତହିଁରେ ପର ଘରେ ମୂଲ ଲାଗିବା । କାମ କଲେ ଖାଉ ନହେଲେ ଉପାସ ରହୁ । ଏଇ ଆମର ଜୀବନ । ଆମ ଜୀବନଟା ଦୁଃଖର ଜୀବନ ଆଜ୍ଞା !" —ଲି କହିଲା ।

"ଏତେ ଦୁଃଖରେ ରହିବ ତ ମୋତେ କେବେ କହିନ ! ଆଚ୍ଛା, ଶୁଣ··· ତମକୁ କିଛି ଟଙ୍କା ଦେଉଚି । ସେଥିରେ ତମେ ଗୋଟେ କିଛି କର । ତା' ହେଲେ ଆଉ ଏତେ ଦୁଃଖ ସହିବାକୁ ହେବନି ।" ଏହା କହି ସେ ଲିର ହାତରେ ପାଞ୍ଚଶହ ନଗଦ ଟଙ୍କାର ଗୋଟେ ଥଳି ଧରାଇଦେଲେ ।

ଲି ବିସ୍ମୟରେ ଠିଆହୋଇଗଲା । ତା' ଆଖି ଖୋସିହୋଇଗଲା । ତା' କଣ୍ଠ ପ୍ରାୟ ରୁଦ୍ଧ ହେଇଗଲା । ତା' ଆଖିରେ ଲୁହ ଛଳଛଳେଇଗଲା । ସେ 'ଧନ୍ୟବାଦ୍' 'ଧନ୍ୟବାଦ୍' କହି ଘରକୁ ଦଉଡ଼ିଲା । ଚେନ୍ ହସ ହସ ମୁହଁରେ ଲିର ଯିବାବାଟକୁ ଅନାଇଁରହିଥିଲେ ।

ଲି ଟଙ୍କା ନେଇ ଧଇଁସଇଁ ହେଇ ଘର ଭିତରକୁ ପଶିଗଲା । ତା' ସ୍ତ୍ରୀକି ଡାକିଲା । ଦିହେଁ ଗଣିଲେ । ଦିହେଁ ଏଡ଼େ ଏଡ଼େ ଆଖିରେ ଟଙ୍କା ମୁଣାକୁ ଚାହିଁରହିଲେ । ଭାବିଲେ, ସେମାନଙ୍କ ଦୁଃଖର ଦିନ ଶେଷହେଲା, ଏଥର ସେମାନେ ସୁଖରେ ରହିବେ । ଚେନ୍‌ଙ୍କ ଦୟାରୁ ସେମାନଙ୍କ କପାଳ ଖୋଲି-ଗଲା···ହେଲେ ଏ ଟଙ୍କାରେ କୋଉ ବେଉସା କରିବେ ? ସେଇ କଥା ନେଇ ଦି'ପ୍ରାଣୀ ଅନେକ ବେଳଯାଏଁ କଥାଭାଷା ହେଲେ । କିଛି ଠିକ୍ କରିପାରୁ-ନଥାନ୍ତି । ସେହେତୁ ସେଥିରେ ସେଦିନ ଡେରିହେଲା । ସେମାନେ ଦୁଇଘଣ୍ଟା ବିଳମ୍ବରେ ଖାଇଲେ । ସେ ସଞ୍ଜରେ ଲି ଆଉ ବଂଶୀ ଧରିଲାନି । ତା' ମନରେ ଖାଲି ଚିନ୍ତା—ସେ କ'ଣ କରିବ···କିପରି ଏ ଟଙ୍କାରେ ବେପାର

Digitized by srujan ka@gmail.com

କରିବ···ସେ ବଡ଼ଲୋକ ହେବ··· ଧମାହେବ !!

ସେ ସାରାରାତି ଶୋଇପାରିଲାନି । ତା' ମନରେ ଅସଂଖ୍ୟ ଚିନ୍ତା । ଲାଲ ପିମ୍ପୁଡ଼ିମାନେ ଗୋଟାଏ ଛୁଆଁଗା କେଞ୍ଚୁଆକୁ ପାଇଲେ ଯେମିତି କାଟି କାଟି ଖାଆନ୍ତି, ଚିନ୍ତା ସେଇପରି ତାକୁ ଘେରି କେଳେଇ କେଳେଇ ଖାଇବା ଆରମ୍ଭ କରିଥିଲି । ସେ ଛଟପଟ ହେଉଥାଏ । ଏ କଡ଼ ବୁଲାଏ—ସେ କଡ଼ ବୁଲାଏ, ତଥାପି ନିଦନାହିଁ । ରାତିର ଶେଷଆଡ଼କୁ ତା' ମୁଣ୍ଡ ଖୁବ୍ ଭାରି ହୋଇଗଲା—ସତେ ଯେପରି ମୁଣ୍ଡ ଫାଟିଯିବ । ସେଇ ଚିନ୍ତା ମଧ୍ୟରେ ସେ ଟିକେ ଶୋଇ-ଯାଇଚି । ତା' ଆରଦିନ ଉଠିବାରେ ଅନେକ ଡେରି ।

ଲି ଉଠିବା ସଙ୍ଗେ ସଙ୍ଗେ ସେଇ ଟଙ୍କା ଥଳିକୁ ଖୋଜିଲା । ତା' ସ୍ତ୍ରୀକି ଡାକିଲା । କହିଲା, "ଦେଖ, ଏ ପଇସା ଏଇ କେତେ ଘଣ୍ଟା ପାଇଁ ଆସି ଆମକୁ କ'ଣ କଲାଣି ! ଏ ଯଦି ବେଶୀ ସମୟ ଏଠି ରହେ, ତା'ହେଲେ ଆମେ ଖାଇବା-ପିଇବା ସବୁ ଭୁଲିଯିବା । ଖାଲି ଟଙ୍କା ଟଙ୍କା ଚିନ୍ତାରେ ଆମ ଜୀବନଟା ବି ବଙ୍କାହୋଇଯିବ ।"

ତା' ସ୍ତ୍ରୀ ବି ସେଇପରି କହିଲା, "ସତ କହିଲ ତମେ ! ମୁଁ ତ ଭାବିଲି ତମେ ପାଗଳ ହୋଇଯିବ । ଆଉ ଗଲା ରାତିରେ ଧନର ଦେବତା ଆସି ମୋତେ କହିଲେ, ଅର୍ଥ ମାନେ ଅନର୍ଥ ! ତମେ କ'ଣ ବାଛୁଚ—ସୁଖ ଶାନ୍ତି ନା ଅନର୍ଥ ? ଏ ଟଙ୍କାରେ ଆମର ପ୍ରୟୋଜନ ନାହିଁ ।"

ଲି ତରତର ହୋଇ ଟଙ୍କା ଥଳି ନେଇ ଚେନ୍‌କୁ ଫେରାଇଦେଲା । କହିଲା, "ମାଲିକ, ଟଙ୍କା ଦେଇଥିଲେ ସେଥିଲାଗି ଧନ୍ୟବାଦ୍ । ମାତ୍ର ଏ ଟଙ୍କା ଆମପାଇଁ ନୁହେଁ । ଆମର ଜୀବନ ଅଲଗା ଧାତୁରେ ଗଢ଼ା । ଆପଣ ଫେରାଇନିଅନ୍ତୁ । ମୋତେ ଏ ବିପଦରୁ ରକ୍ଷାକରନ୍ତୁ !" ଲି ଟଙ୍କାଥଳି ଥୋଇଦେଲା । ତା'ପରେ ସତେ ଯେପରି ତା' ମୁଣ୍ଡରୁ ପାହାଡ଼ଟେ ଖସିଗଲା । ସେ ମୁକ୍ତିପାଇଗଲା । ସେଇ ସଞ୍ଜର କଳା ଅନ୍ଧାର ଭିତରେ ପୁଣି ବାଜିଉଠିଲା ତା'ର ବଂଶୀ ! ଖୁବ୍ କରୁଣ ସ୍ୱର !!

ଶ୍ରୀମତୀ ଚେନ୍ ସ୍ୱାମୀଙ୍କ ପାଖକୁ ଆସି କହିଲେ, "ତମେ କ'ଣ ମନ୍ତ୍ର କଲକି ?" ଚେନ୍ ହସିଦେଲେ ।

ସ୍କୁଲ ଛାତ୍ରଛାତ୍ରୀଙ୍କର ଅତି ପ୍ରିୟ ବହିବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଅଲିଭର ଟୁଇଷ୍ଟ
ଦୁଇଟି ନଗରୀର କାହାଣୀ
ଡେଭିଡ୍ କପରଫିଲଡ୍
ଅନେକ ଆଶା
ନିକୋଲାସ୍ ନିକଲବି
ଚକ୍ରାନ୍ତକାରୀ
କୋଡ଼ିଏବର୍ଷ ପରେ
ମଣ୍ଟିକ୍ରିଷ୍ଟୋର ରାଜା
କର୍ସିକାନ୍ ଦୁଇଭାଇ
ବିଚିତ୍ର ତାବିଜ
ମଣ୍ଡରୋଜର ଉପକଥା
ରାଜା ସଲୋମନଙ୍କ ହୀରାଖଣି
ଟମ ସଏର୍
ହକଲବରୀ ଫିନ୍‌ର କାହାଣୀ
ରାଜପୁତ୍ର ଓ ଭିକାରୀ
ପଂପେଇନଗରୀର ଶେଷଦିନ
ଅଶୀଦିନରେ ପୃଥିବୀ ପରିକ୍ରମଣ
ହେଣ୍ଟ୍ରର ରୁପର୍ଟ
ଜେଣ୍ଡାଦୁର୍ଗର ବନ୍ଦୀ
ସୁଇସ୍ ରବିନ୍‌ସନ୍
ରତ୍ନଦ୍ୱୀପ
ଭୌତିକ ବୋତଲ
ପ୍ରବାଳଦ୍ୱୀପ
ଅଦୃଶ୍ୟମାନବ
ଟାଇମ୍ ମେସିନ୍
ଚନ୍ଦ୍ରପୃଷ୍ଠରେ ପ୍ରଥମମାନବ
ଗଲିଭରର ଭ୍ରମଣକାହାଣୀ
ସାଇଲାସ୍ ମାରନର
ରବିନ୍‌ସନ୍ କ୍ରୁଶୋ
ରବିନ୍ ହୁଡ୍
ଟମକାକାଙ୍କ କେବିନ୍
ମୁଦି ଓ ଗୋଲାପ
ଚନ୍ଦ୍ରକାନ୍ତମଣି
ସେରଲକ୍ ହୋମସ୍ କାହାଣୀ
ଦେବମାନବ ହରକ୍ୟୁଲିସ୍
ଭୌତିକ କୁକୁର

ପାପ ଓ ପ୍ରାୟଶ୍ଚିତ
ବିପନ୍ନ ନାବିକର କାହାଣୀ
ରାଜା ଆର୍ଥରଙ୍କ ଯୋଦ୍ଧାଗଣ
ଆନନ୍ଦ ମଠ
ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
ଶକୁନ୍ତଳା
ସେକସ୍‌ପିଅର କାହାଣୀ : ୧ମ, ୨ୟ, ୩ୟ
ପିଲାଙ୍କ କଥାସରିତ ସାଗର
ଟଲଷ୍ଟୟ କାହାଣୀ · ୧ମ, ୨ୟ, ୩ୟ
ହୋମର୍ କାହାଣୀ
ଆଣ୍ଡରସନ୍‌ଙ୍କ କାହାଣୀ
ଗର୍କୀ କାହାଣୀ : ୧ମ, ୨ୟ
ଫକୀରମୋହନଙ୍କ କାହାଣୀ : ୧ମ, ୨ୟ
ମୋପାସାଁ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ପ୍ରେମଚନ୍ଦ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ଆରବଦେଶର କାହାଣୀ
ସିନ୍ଦବାଦ କାହାଣୀ
ଆଲାଦ୍ଦୀନର କୁହୁକଦୀପ
ମହାକବି କାଳିଦାସ କାହାଣୀ ୧ମ, ୨ୟ
ପିଲାଙ୍କ ଛ'ମାଣ ଆଠଗୁଣ୍ଠ
ଗ୍ରୀମ୍‌ସଙ୍କ କାହାଣୀ · ୧ମ, ୨ୟ
ବୀରବଲ କାହାଣୀ
ରିପଭାନ୍ ଉଇଙ୍କଲ
ଦୁଃଖ ପରେ ସୁଖ
ଜାତକ କାହାଣୀ : ୧ମ, ୨ୟ, ୩ୟ, ୪ର୍ଥ
ବେତାଳ କାହାଣୀ : ୧ମ, ୨ୟ
ବାଇବେଲ କାହାଣୀ · ୧ମ, ୨ୟ
ରାମାୟଣ କାହାଣୀ
ମହାଭାରତ କାହାଣୀ
ଈଶପ କାହାଣୀ
ଗ୍ରୀସ୍‌ଦେଶର ପୁରାଣ କାହାଣୀ
ରୋମରାଜ୍ୟର ପୁରାଣକାହାଣୀ
ଆଲିବାବା କାହାଣୀ
ବିଚିତ୍ର ଦେଶରେ ଏଲିସ
ରୁସ୍ତମ କାହାଣୀ
କୃଷ୍ଣସୁନ୍ଦର

ଏହା ଛଡ଼ା ଆହୁରି ଅନେକ ଭଲ ବହି ଯାହା ସବୁ ଦେଶର ପାଠକଙ୍କୁ ସବୁବେଳେ ମୁଗ୍ଧ କରିଛି ।

ପ୍ରକାଶକ – ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Digitized by srujan ka@gmail.com